

କୋଲକାତାରେ ଗର୍ଜିଲେ ମୋଦି

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 349 ଭାଗ ୩୩ | ସଂଖ୍ୟା ୩୪୯ | Sunday 15 March 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର ୧୫ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





### ପଶ୍ଚିମ ଏସୀୟ ସ୍ଥିତି ନେଇ କେନ୍ଦ୍ର ସରକାରଙ୍କ ସଦ୍ୟ ସୂଚନା

# ୧୭ ସୁଦ୍ଧା ଦୂର ହେବ ଗ୍ୟାସ୍ ସଙ୍କଟ!

- ପହଞ୍ଚିବ ୯୨,୭୧୨ ମେଟ୍ରିକ୍ ଟନ୍ ଏଲ୍‌ପିଜି
- ନିରବଚ୍ଛିନ୍ନ ଘରୋଇ ଏଲପିଜି ଯୋଗାଣ ସରକାରଙ୍କ ପ୍ରାଥମିକତା
- ୩୧ ପ୍ରତିଶତ ବଢ଼ିଛି ଘରୋଇ ଏଲପିଜି ଉତ୍ପାଦନ
- ଦୁଇ ଭାରତୀୟ ଏଲପିଜି ଜାହାଜ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିସାରିଛନ୍ତି
- ମିଥ୍ୟା ସୂଚନା ପ୍ରତି ସତର୍କ ରହିବାକୁ ନାଗରିକମାନଙ୍କୁ ପରାମର୍ଶ
- ଖରିଫ-୨୦୨୬ ପାଇଁ ପର୍ଯ୍ୟାପ୍ତ ସାର ମହଜୁଦ ରହିଛି

ନୂଆଦିଲ୍ଲୀ: ଆସନ୍ତା ୧୭ ତାରିଖ ସୁଦ୍ଧା ଦେଶରେ ଚାଲିଥିବା ଗ୍ୟାସ୍ ସଙ୍କଟ ଦୂର ହେବାର ସମ୍ଭାବନା ରହିଛି। କାରଣ ୨ଟି ଭାରତୀୟ ଏଲ୍‌ପିଜି ଜାହାଜ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିସାରିଛନ୍ତି। ସେମାନେ ଆସନ୍ତା ୧୭ ତାରିଖ ସୁଦ୍ଧା ଭାରତରେ ପହଞ୍ଚିବେ। ତେଣୁ ଏହି ଦୁଇ ଜାହାଜ ପହଞ୍ଚିବା ପରେ ଗ୍ୟାସ୍ ସଙ୍କଟଜନିତ ସ୍ଥିତି ପୂରାପୂରି ଦୂରେଇ ଯିବ ବୋଲି ସରକାର ଆଶା ପ୍ରକାଶ କରିଛନ୍ତି। ଆଜି ପଶ୍ଚିମ ଏସିଆର ସାମ୍ପ୍ରତିକ ଘଟଣାକ୍ରମରୁ ସୃଷ୍ଟି ହୋଇଥିବା ପରିସ୍ଥିତି ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ଥାନୀୟ ନ୍ୟାସନାଲ ମିଡିଆ ସେଣ୍ଟରରେ ଚତୁର୍ଥ ଆନ୍ତଃମନ୍ତ୍ରୀସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଏପରି ସମ୍ଭାବନା ପ୍ରକଟ କରାଯାଇଛି। ଗତ ୩ ଦିନ ଭଳି ଆଜି ମଧ୍ୟ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଗଣମାଧ୍ୟମକୁ ସବିଶେଷ ସୂଚନା ଦେଇଥିଲେ। ବିଶେଷ କରି ଇନ୍ଧନ ଯୋଗାଣ, ସାମୁଦ୍ରିକ କାର୍ଯ୍ୟକଳାପ, ଯୁଦ୍ଧଗ୍ରସ୍ତ କ୍ଷେତ୍ରରେ ଭାରତୀୟ ନାଗରିକଙ୍କ ସୁରକ୍ଷା ଓ କଲ୍ୟାଣ ସମ୍ପର୍କରେ ସୂଚନା ଦିଆଯାଇଥିଲା।

ପ୍ରାଥମିକତା କ୍ଷେତ୍ରଗୁଡ଼ିକୁ ସୁରକ୍ଷିତ ଯୋଗାଣ ଜାରି ରହିଛି। ଏସବୁ କ୍ଷେତ୍ର ପାଇଁ ବିନା କୌଣସି କଟକଣାରେ ପିଏନଜି ଓ ସିଏନଜି ଶତପ୍ରତିଶତ ଯୋଗାଣ ହେଉଛି। ତେଣୁ ଭୟଭୀତ ହେବାର କୌଣସି କାରଣ ନାହିଁ। ଶିଳ୍ପ ଓ ବାଣିଜ୍ୟିକ ଗ୍ରାହକମାନଙ୍କୁ ଯୋଗାଣର ୮୦ ପ୍ରତିଶତ ନିୟନ୍ତ୍ରିତ ହେଉଛି। ଗେଲ୍ ଦେଶର ପ୍ରମୁଖ ସହରାଞ୍ଚଳ କେନ୍ଦ୍ର/ସହର ଯଥା ଦିଲ୍ଲୀ, ମୁମ୍ବାଇ, ଅହମ୍ମଦାବାଦ, ହାଇଦ୍ରାବାଦ, ଚେନ୍ନାଇ, ➢ପୃଷ୍ଠା-୬

# ୪ରେ ବିଧାୟକଙ୍କ ଦରମା ସଂଶୋଧନ ବିଲ୍

### ସଂସଦୀୟ ବ୍ୟାପାର ମନ୍ତ୍ରୀ ଆଗତ କରିବେ ପ୍ରସ୍ତାବ



ଭୁବନେଶ୍ୱର, ୧୪।୩ (ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ବିଧାୟକଙ୍କ ଦରମା ବୃଦ୍ଧି ବିଲକୁ ସଂଶୋଧନ କରାଯିବ। ଗତ ବିଧାନସଭାରେ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ବିଲ ବିଧାନସଭାର ଅନୁମୋଦନ ଲାଭ କରିଥିଲା। ଏହି ବିଲ ଗୃହରେ ଆଗତ ହେବା ସମୟରେ କଂଗ୍ରେସ, ବିଜେଡି ଓ ସିପିଏମ ସମସ୍ତେ ଦଳମତ ନିର୍ବିଶେଷରେ ଏହାକୁ ସମର୍ଥନ କରିଥିଲେ। ହେଲେ ପରେ ଏହାକୁ ନେଇ ବିରୋଧର ସ୍ୱର ଉଠିଥିଲା।

ଗତ ମୌସୁମୀ ଅଧିବେଶନର ଶେଷ ଦିନରେ ବିଧାୟକଙ୍କ ଦରମା ଓ ଭତ୍ତା ସଂଶୋଧନ ବିଲ ବିଧାନସଭାର ସ୍ୱୀକୃତି ଲାଭ କରିଥିଲା। ତା'ପରେ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି। ହେଲେ ଏହାକୁ ନେଇ ଜନଅସନ୍ତୋଷ ସୃଷ୍ଟି ହୋଇଥିଲା। ବିଧାୟକଙ୍କ ଦରମା ଓ ଭତ୍ତାରେ ପ୍ରାୟ ୧୪୫ ପ୍ରତିଶତ ବୃଦ୍ଧି କରାଯାଇଥିଲା। ଜନଅସନ୍ତୋଷକୁ ଦେଇ ନବୀନ ପଟ୍ଟନାୟକ ନିଜେ ମଧ୍ୟ ଏହାକୁ ବିରୋଧ କଲେ, ଯଦିଓ ତାଙ୍କ ଦଳ ଗୃହରେ ବିଲକୁ ସମର୍ଥନ କରିଥିଲା।

ଉଭୟ କଂଗ୍ରେସ, ବିଜେପି ଓ ବିଜେଡି ବିଧାୟକଙ୍କ ମଧ୍ୟରେ ବିଲକୁ ନେଇ ଭିନ୍ନ ଭିନ୍ନ ମତ ରହିଲା। କିଏ ବିଲ ସପକ୍ଷରେ ଯୁକ୍ତି ବାଢୁଥିଲେ ତ କିଏ ➢ପୃଷ୍ଠା-୬

# ଭକ୍ତଙ୍କ ପ୍ରେସର୍ ବଢ଼ାଉଛନ୍ତି ସୋଫିଆ, ଦାଶରଥୀ

- ଦଳର ଏକପାଖିଆ ନିଷ୍ପତ୍ତି ନେଇ ବର୍ଷିଲେ ସୋଫିଆ
- ସଭାପତି କି ନେତାଙ୍କ ଫୋନ୍ ଉଠାଉନାହାନ୍ତି ଦାଶରଥୀ



ଭୁବନେଶ୍ୱର, ୧୪।୩(ସଂଚାର ବ୍ୟୁରୋ): ଆସନ୍ତା ସୋମବାର ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ପିସିସି ସଭାପତିଙ୍କ ବ୍ଲଡ୍ ପ୍ରେସର ବଢ଼ାଇଦେଇଛନ୍ତି ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ବିଧାୟକ ଦାଶରଥୀ ଗମାଙ୍ଗ। ରାଜ୍ୟସଭା ପ୍ରାର୍ଥୀ ଚୟନ ତଥା ଦଳୀୟ ନିଷ୍ପତ୍ତି ନେଇ ଖୋଲାଖୋଲି ଅସନ୍ତୋଷ ଝାଡ଼ିଛନ୍ତି ବାରବାଟୀ-କଟକ ବିଧାୟିକା ସୋଫିଆ। କଟକରେ ଏକ ସାମ୍ବାଦିକ ସମ୍ମିଳନୀ କରି ସେ ନିଜ ଦଳୀୟ ନିଷ୍ପତ୍ତି ବିରୋଧରେ ବର୍ଷିବା ସହ ବିଜେଡି ପ୍ରାର୍ଥୀଙ୍କୁ ସମର୍ଥନ କରିବା ପୂର୍ବରୁ ବିଧାୟକଙ୍କ ମତାମତ କାହିଁକି ନିଆଗଲାନି ବୋଲି ପ୍ରଶ୍ନ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ରାଜ୍ୟସଭା ନିର୍ବାଚନରେ ଯେହେତୁ ବିଧାୟକମାନେ ଭୋଟ ଦେବେ, ତେଣୁ ସେମାନଙ୍କ ସହ ଆଲୋଚନା କରାଯାଇଥିଲେ ଭଲ ହୋଇଥା'ନ୍ତା। ଆମେ କିଛି ପରାମର୍ଶ ଦେଇଥା'ନ୍ତୁ। ସେଥିପାଇଁ କିଛି କଂଗ୍ରେସ ବିଧାୟକ ଆଘାତ ପାଇଛନ୍ତି ଓ ଆଶ୍ଚର୍ଯ୍ୟ ମଧ୍ୟ ହୋଇଛନ୍ତି। ନବୀନ ପଟ୍ଟନାୟକ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଘୋଷଣା କରିବା ପରେ ପିସିସି ସଭାପତି ସମର୍ଥନ କଲେ। ଏହା ବଦଳରେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ଉଭୟ ଦଳର ନେତା ଏକାଠି ଛିଡ଼ା ହୋଇ ସମର୍ଥନ ଘୋଷଣା କରିବା ଉଚିତ ଥିଲା।

ବିଜେଡି କୌଣସି ମତେ ଏକ ଧର୍ମନିରପେକ୍ଷ ଦଳ ନୁହେଁ। ବିଜେଡି ଗତ ୨୪ ବର୍ଷ ଧରି ବିଜେପିର ସବୁ ନିଷ୍ପତ୍ତିକୁ ସମର୍ଥନ କରିଛି। ଏପରିକି ୱାକଫ ବିଲ୍‌କୁ ମଧ୍ୟ ବିଜେଡି ସାଂସଦମାନେ ସଂସଦରେ ସମର୍ଥନ ଦେଇଛନ୍ତି। ତେଣୁ ବିଜେଡି ସହ ମିଳିତ ଭାବେ ପ୍ରାର୍ଥୀ ଦେବା ପୂର୍ବରୁ ବିଧାୟକଙ୍କ ମତାମତ ନିଆଯିବା ଉଚିତ ଥିଲା ବୋଲି ସୋଫିଆ କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ କଂଗ୍ରେସର ଆଜିର ଏ ଅବସ୍ଥା ପାଇଁ ୨୪ ବର୍ଷ ଧରି ଶାସନ କରିଥିବା ବିଜେଡି ଦାୟୀ। ବିଜେଡିର ଯେଉଁ ନେତାମାନେ ଲୋକସଭା ଓ ରାଜ୍ୟସଭାକୁ ନିର୍ବାଚିତ ହୋଇ ଯାଉଛନ୍ତି, ସେମାନେ ବିଜେପିକୁ ସମର୍ଥନ ଦେଇଆସୁଛନ୍ତି। ଏମିତିକି ବିଜେପି ପରାମର୍ଶରେ ବିଜେଡି ଅନେକ ଥର ରାଜ୍ୟସଭା ପାଇଁ ପ୍ରାର୍ଥୀ ଚୟନ କରିଛି। ତା'ହେଲେ ବିଜେଡି କେମିତି ଏକ ଧର୍ମନିରପେକ୍ଷ ଦଳ ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି।

ସୋଫିଆ ଆହୁରି କହିଛନ୍ତି ଯେ ଆମକୁ ଉଭୟ ବିଜେଡି ଓ ବିଜେପିଠାରୁ ସମାନ ଦୂରତା ରକ୍ଷା କରିବାର ଆବଶ୍ୟକତା ରହିଥିଲା। ବିଜେଡି ସବୁବେଳେ ଷଡ଼ଯନ୍ତ୍ର କରିଆସିଛି କଂଗ୍ରେସକୁ ନଷ୍ଟ କରିବାକୁ। କଂଗ୍ରେସ ଦଳକୁ ସାମୂହିକ ଭାବେ ତଥା ଏହାର ନେତାମାନଙ୍କୁ ➢ପୃଷ୍ଠା-୬

### ଦିନକ ପରେ ରାଜ୍ୟସଭା ଭୋଟ

# ମକ୍ ପୋଲରେ ଭାଗନେଲେ ତିନି ଦଳର ବିଧାୟକ

- ବିଧାୟକଙ୍କୁ ଲଞ୍ଚରେ ଡାକିଲେ ନବୀନ
- ରବିବାର ରାତିରେ ଫେରିବେ ୮ କଂଗ୍ରେସ ବିଧାୟକ
- ପାରାଦୀପ ମେ' ଫେୟାରରେ ରହିବେ ବିଜେପି ବିଧାୟକ



ଭୁବନେଶ୍ୱର, ୧୪।୩(ସଂଚାର ବ୍ୟୁରୋ): ରାଜ୍ୟସଭା ଭୋଟକୁ ନେଇ ସବୁ ଦଳରେ ଛକାପଞ୍ଝା। ବିରୋଧୀ କ୍ୟାମ୍ପରେ କ୍ରସ ଭୋଟିଂର ଭୟ ଥିବା ବେଳେ କଂଗ୍ରେସ ସଭାପତିଙ୍କ ନିୟନ୍ତ୍ରଣରେ ନାହାଁନ୍ତି ସବୁ ବିଧାୟକ। ଯେଉଁଥିପାଇଁ ପିସିସି ସଭାପତି ୮ ବିଧାୟକଙ୍କୁ ନେଇ ବେଙ୍ଗାଲୁରୁରେ ନେଇ ଏକ ରିସର୍ଟରେ ରଖିଥିଲେ। ସେମାନେ ଆସନ୍ତାକାଲି ସନ୍ଧ୍ୟାରେ ଫେରିବାର କାର୍ଯ୍ୟକ୍ରମ ରହିଛି। ସେପଟେ ନବୀନ ପଟ୍ଟନାୟକ ବି ବିଧାୟକଙ୍କୁ ସାଙ୍ଗରେ ରଖିବାକୁ ଆଜି ନବୀନ ନିବାସରେ ଡାକିଥିଲେ ଲଞ୍ଚ ପାର୍ଟି। ଏଥିସହ ଆଜି ବିଜେଡି, ବିଜେପି ଓ କଂଗ୍ରେସ ବିଧାୟକଙ୍କ ପାଇଁ ବିଧାନସଭାରେ ଆୟୋଜିତ ହୋଇଥିଲା ମକ୍ ପୋଲ।

ଆଜି ବିଧାନସଭା ସଚିବାଳୟ ପକ୍ଷରୁ ମକ ପୋଲ୍‌ର ଆୟୋଜନ କରାଯାଇଥିଲା। କେମିତି ମତଦାନ କେନ୍ଦ୍ରକୁ ଯିବେ, କେଉଁଠି ବସିବେ, ବାଲାଟ ପେପର କେଉଁଠୁ ଆଣିବେ, ଭୋଟ କେମିତି ଦିଆଯିବ, ପେନ କେମିତି ବ୍ୟବହାର ହେବ, ସେନେଇ ଦିଆଯାଇଥିଲା ପ୍ରଶିକ୍ଷଣ। ଏହି ପ୍ରଶିକ୍ଷଣ ପୂର୍ବରୁ ନବୀନ ପଟ୍ଟନାୟକ ବିଧାୟକମାନଙ୍କ ସହ କିଛି ସମୟ ପାଇଁ ଆଲୋଚନା କରିଥିଲେ। ତା'ପରେ ୫୪ ନମ୍ବର ପ୍ରକୋଷ୍ଠରେ ମକ୍ ପୋଲରେ ଭାଗ ନେଇଥିଲେ ବିଜେଡି ବିଧାୟକ। ଏଥିରେ ଦଳର କିଛି ବିଧାୟକଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ହୋଇଥିଲା। ଆଉ ଏହାପରେ ବିଜେଡି ବିଧାୟକମାନେ ନବୀନ ନିବାସକୁ ବାହାରିଥିଲେ ଲଞ୍ଚ ପାଇଁ।

କଂଗ୍ରେସରୁ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସହ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ବିଧାୟକ ସାଗର ଦାସ ବି ପହଞ୍ଚିଥିଲେ। ଆଉ ଦୁଇ ଦଳର ବିଧାୟକଙ୍କ ଉପସ୍ଥିତିରେ ବିଧାନସଭା ସଚିବ କରାଇଥିଲେ ମକ ଡ୍ରିଲ।

ସେପଟେ ଶାସକ କ୍ୟାମ୍ପ ବି ଚଳଚଞ୍ଚଳ ଥିଲା। ଦିନ ➢ପୃଷ୍ଠା-୬

# ବିଜେଡିକୁ କ୍ରସ୍ ଭୋଟିଂ ଭୟ

- ଘୋଡ଼ା ବେପାର ଏକ ଅପରାଧ: ନବୀନ
- ପ୍ରତାପ କହିଲେ ନବୀନ ନିଜେ ମାହିର
- ଜୟ କହିଲେ ହାରିବେ ବୋଲି ଜାଣିଗଲେଣି



ଭୁବନେଶ୍ୱର, ୧୪।୩(ସଂଚାର ବ୍ୟୁରୋ): ରାଜ୍ୟସଭା ନିର୍ବାଚନ ଯେତିକି ପାଖଉଛି ଘୋଡ଼ା ବେପାର ଉପାଖ୍ୟାନ ସେତିକି ତେଜୁଛି। ଆଜି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପୁଣି ଘୋଡ଼ା ବେପାର ପ୍ରସଙ୍ଗ ଉଠାଇ ବିଜେପିକୁ ଟାର୍ଗେଟ କରିଛନ୍ତି। କହିଛନ୍ତି, ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏହା ଏକ ଅପରାଧ। ନବୀନଙ୍କ ଆକ୍ଷେପର ଜବାବ ଦେଇଛନ୍ତି ଜୟନାରାୟଣ ଓ ପ୍ରତାପ ଷଡଙ୍ଗୀ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସିଧାସଳଖ ଭାବେ ଚତୁର୍ଥ ଆସନ ଜିତିବାକୁ ବିଜେପି ଘୋଡ଼ା ବେପାର କରୁଛି ବୋଲି ଆକ୍ଷେପ କରିଛନ୍ତି। ସେ କହିଛନ୍ତି ଯେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ରାଜ୍ୟସଭା ନିର୍ବାଚନ ଜିତିବା ପାଇଁ ଘୋଡ଼ା ବେପାର କରିବା ଏକ ଅପରାଧ। ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ଦୁଇ ଜଣଙ୍କୁ ପ୍ରାର୍ଥୀ କରିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଦଳ ସମର୍ଥନ କରୁଛି। ଆଉ ଦିଲ୍ଲୀପଙ୍କୁ ଜିତାଇବାକୁ ବିଜେପି ଘୋଡ଼ା ବେପାର କରୁଥିବା ନବୀନ କହିଛନ୍ତି।

ତେଣେ ପଦ୍ମ ଦଳ ନବୀନଙ୍କ ଆକ୍ଷେପର କଡ଼ା ଜବାବ ଦେଇଛି। ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, କାମଳ ରୋଗୀକୁ ସବୁ ହଳଦିଆ ଦିଶେ। ୨୦୨୪ରେ ବିପର୍ଯ୍ୟୟ ପରେ ବିଜେଡ଼ିରେ ବିଭୀଷଣଙ୍କ ସଂଖ୍ୟା କାହିଁରେ କେତେ। ତେଣୁ ➢ପୃଷ୍ଠା-୬

# ବରିଷ୍ଠ ଆଇପିଏସ ସୌମେନ୍ଦ୍ରଙ୍କୁ ରଥଯାତ୍ରା ଦାୟିତ୍ୱ



ଭୁବନେଶ୍ୱର, ୧୪।୩(ସଂଚାର ବ୍ୟୁରୋ): ବରିଷ୍ଠ ଆଇପିଏସ ଅଫିସର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଦିଆଯାଇଛି ଚଳିତ ବର୍ଷର ରଥଯାତ୍ରା ଦାୟିତ୍ୱ। ଶୃଙ୍ଖଳିତ ରଥଯାତ୍ରା ପାଇଁ ପୁଲିସ ମୁଖ୍ୟାଳୟ ପକ୍ଷରୁ ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଆଇନଶୃଙ୍ଖଳା, ଟ୍ରାଫିକ୍, ମନ୍ଦିର ଭିତର ଓ ବାହାରର ସବୁ ବ୍ୟବସ୍ଥାର ସେ ସାମଗ୍ରିକ ଭାବେ ଦାୟିତ୍ୱରେ ରହିବେ। ଦୀର୍ଘ ବର୍ଷ ଧରି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ରଥଯାତ୍ରା ପରିଚାଳନାରେ ଅଭିଜ୍ଞତା ରହିଛି। ପୁରୀରେ ଏସପି ଭାବେ ଦାୟିତ୍ୱ ନେବା ଦିନଠାରୁ ସେ ମହାପ୍ରଭୁଙ୍କ ସେବାରେ ଲାଗିଥାନ୍ତି। ପରେ ସେ ଅନ୍ୟ ସ୍ଥାନକୁ ବଦଳି ହେଲେ ମଧ୍ୟ ରଥଯାତ୍ରା ସମୟରେ ତାଙ୍କୁ ସ୍ୱତନ୍ତ୍ର ଭାବେ ପୁରୀ ଦାୟିତ୍ୱ ଦିଆଯାଇଆସିଛି। ରଥଯାତ୍ରା ଦିନ ଶ୍ରୀଜିଉଙ୍କ ଶୃଙ୍ଖଳିତ ନୀତିକାନ୍ତିଠାରୁ ଆରମ୍ଭ କରି ପହଣ୍ଡି ବିଜେ, ରଥଟଣା, ସୁନାବେଶ ଓ ଶେଷରେ ନିଳାଦ୍ରିବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ➢ପୃଷ୍ଠା-୬

# ଚ୍ୟାଲେଞ୍ଜ ଦେଲେ ମାଓ ନେତ୍ରୀ ରାଣୀତା
# ଆତ୍ମସମର୍ପଣ କରିବୁନି, ଲଢ଼ିବୁ

ମାଲକାନଗିରି, ୧୪।୩(ସଂଚାର ବ୍ୟୁରୋ): ଆସନ୍ତା ୩୧ ତାରିଖ ସୁଦ୍ଧା ଦେଶକୁ ମାଓବାଦୀମୁକ୍ତ କରିବା ସକାଶେ କେନ୍ଦ୍ର ସରକାର ଡେଡ୍‌ଲାଇନ୍ ଧାର୍ଯ୍ୟ କରିଛନ୍ତି। ଏହାକୁ ବାସ୍ତବ ରୂପ ଦେବା ସକାଶେ ମଧ୍ୟ ସଶସ୍ତ୍ର ବାହିନୀ ନିୟମିତ ବ୍ୟବଧାନରେ ଏନ୍‌କାଉଣ୍ଟର୍ କରିବା ସହ ମାଓବାଦୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ସକାଶେ ଏକରକମ ବାଧ୍ୟ କରୁଛନ୍ତି। ମାଓ ପ୍ରଭାବିତ ରାଜ୍ୟରେ ମଧ୍ୟ ଆତ୍ମସମର୍ପଣ ପରିପ୍ରେକ୍ଷୀରେ ବେଶ୍ ଉତ୍ସାହଜନକ ପ୍ୟାକେଜ୍ ମଧ୍ୟ ପ୍ରଦାନ କରାଯାଉଛି। ଏହା ଅନେକ ମାଓବାଦୀଙ୍କୁ ଅସ୍ତ୍ର ତ୍ୟାଗ କରିବାକୁ ପ୍ରୋତ୍ସାହିତ ମଧ୍ୟ କରୁଛି। କିନ୍ତୁ ଆଜି ଜଣେ ମାଓନେତ୍ରୀ ପୁଲିସ୍ ପ୍ରଶାସନକୁ ଚ୍ୟାଲେଞ୍ଜ ଦେଇଛନ୍ତି। ସେ ହେଉଛନ୍ତି ମାଓବାଦୀ ଡିଭିଜନ ସଚିବ ରାଣୀତା। ସେ ଏକ ପ୍ରେସ୍ ବିବୃତି ➢ପୃଷ୍ଠା-୬


SIKSHA 'O' ANUSANDHAN

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 10th Best in Law Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through CLAT 2026, Please visit: www.soa.ac.in


# ଦିଲ୍ଲୀପଙ୍କ ସମର୍ଥନରେ ବଢୁଛି ତାଲିକା

- ବିଜେଡି ଓ କଂଗ୍ରେସରେ ପ୍ରତିଯୋଗିତା
- ବିଧାୟକଙ୍କୁ ଜଗିବାକୁ ନେତା ନାକେଦମ



ଭୁବନେଶ୍ୱର, ୧୪।୩(ସଂଚାର ବ୍ୟୁରୋ): ଦିନକ ପରେ ରାଜ୍ୟସଭା ନିର୍ବାଚନ ପାଇଁ ଭୋଟ ହେବାକୁ ଯାଉଥିବା ବେଳେ କେଉଁମାନେ ଦଳୀୟ ନିର୍ଦ୍ଦେଶର ଅବମାନନା କରିବେ, ସେଭଳି ନେତାଙ୍କ ତାଲିକା କ୍ରମଶଃ ଲମ୍ବିବାରେ ଲାଗିଛି। ଯେଉଁମାନଙ୍କ ନାଁ ଚର୍ଚ୍ଚାରେ ରହିଛି, ସେମାନେ ମୁହଁ ଖୋଲୁ ନ ଥିବା ବେଳେ ଏଭଳି ନେତାଙ୍କୁ ନେଇ ରାଜନୈତିକ ବୟାନବାଜି କିନ୍ତୁ ଜୋର ଧରିଛି। ଭୟ ହେଉ ବା ପୁରୁଣା ସମ୍ପର୍କ ପାଇଁ ନିଜ ସୁପ୍ରିମୋଙ୍କୁ ଅବମାନନା କରିବାକୁ ଥିବା ନେତାଙ୍କ ତାଲିକାକୁ ନେଇ ବିଜେଡି ଓ କଂଗ୍ରେସ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଚାଲିଛି।

ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ନିଶ୍ଚିତ ବିଜୟୀ ହେବେ ବୋଲି ଦାବି କରିବା ପରେ କ୍ରସ ଭୋଟିଂ କରିବାକୁ ଥିବା ନେତାମାନଙ୍କ ନାଁକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଏହି ତାଲିକାରେ ବିଜେଡିର ନବ ମଲ୍ଲିକ, ଚକ୍ରମଣି କହଁର, ମନୋହର ରନ୍ଧାରୀ, ସୁବାସିନୀ ଜେନା, ସୁଦର୍ଶନ ହରିପାଲଙ୍କ ନାମ ସବୁଠାରୁ ଆଗରେ ରହିଥିବା ବେଳେ ଏବେ ବି ସନ୍ଦେହ ତାଲିକାରେ ସୌଭିକ ବିଶ୍ୱାଳଙ୍କ ଭଳି ଯୁବନେତା ରହିଛନ୍ତି। ସେହିଭଳି ତିନି ଚାରି ଦିନ ଧରି ଦେଖାଦର୍ଶନ ଦେଉ ନ ଥିବା କଂଗ୍ରେସ ବିଧାୟକ ଦାଶରଥୀ ଗମାଙ୍ଗ ନିଶ୍ଚିତ କ୍ରସ ଭୋଟିଂ କରିବେ ବୋଲି ଚର୍ଚ୍ଚା ଜୋର ଧରିଛି। ଆହୁରି ଦିଲ୍ଲୀପ ରାୟଙ୍କ ଭଲ ସମ୍ପର୍କ ବୋଲି କୁହାଯାଉଥିବା କଂଗ୍ରେସ ବିଧାୟକ ରାଜନ ଏକ୍କା ଏବଂ ସମର୍ଥନକୁ ନେଇ କଂଗ୍ରେସ ଉପରେ କ୍ଷୁବ୍ଧ ଥିବା ବିଧାୟିକା ସୋଫିଆ ➢ପୃଷ୍ଠା-୬

## ଏଜେଣ୍ଟ ବାଛିଲେ ଦଳ



ରାଜ୍ୟସଭା ନିର୍ବାଚନ ପାଇଁ ତିନି ଦଳ ଆଜି ଏଜେଣ୍ଟ ନିଯୁକ୍ତ କରିଛନ୍ତି। ବିଜେଡିରୁ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଦେବ ଏଜେଣ୍ଟ ଭାବେ ଦାୟିତ୍ୱ ତୁଲାଇବେ। ସେହିଭଳି ବିଜେପିରୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପୂର୍ବତନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଏଜେଣ୍ଟ ଦାୟିତ୍ୱ ଦିଆଯାଇଛି। ଏହାଛଡ଼ା କଂଗ୍ରେସରୁ ନିଜେ ପିସିସି ସଭାପତି ଏଜେଣ୍ଟ ଭାବେ ବୁଥରେ ରହିବେ ବୋଲି କହିଛନ୍ତି। ୩ ଦଳର ବିଧାୟକମାନେ ନିର୍ଦ୍ଧାରିତ ବାଲାଟ ପେପର୍‌ରେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେବା ପରେ କେବଳ ନିଜ ଦଳର ଏଜେଣ୍ଟଙ୍କୁ ଦେଖାଇ ଭୋଟ ପାକ୍ସରେ ଭୋଟ ପକାଇବେ। ଦଳୀୟ ଏଜେଣ୍ଟଙ୍କୁ ବାଲାଟ ପେପର ନ ଦେଖାଇଲେ ତାହା ନାକଚ ହୋଇଯିବାର ସମ୍ଭାବନା ରହିଛି।

ଦିବ୍ୟାଙ୍ଗ ଚାଷୀଙ୍କଠାରୁ ଧାନ କାଟିବା ଘଟଣା

## ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ

**ମହାକାଳପଡ଼ା,୧୪।୩(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଅଳାପଲୋ ସେବା ସମବାୟ ସମିତି ଲି, ରାଜଗଡ଼କୁ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଛଦା ଗ୍ରାମର ୮୦% ଦିବ୍ୟାଙ୍ଗ ଚାଷୀ ଚନ୍ଦନ ପାଇଟାଲ ତାଙ୍କ ଧାନ ବିକ୍ରି କରିବା ପାଇଁ ନେଇଥିଲେ। ତାଙ୍କ ଧାନ ଉଠାଇବାରେ ଅହେତୁକ ବିଳମ୍ବ କରିଥିଲେ କର୍ମଚାରୀ। ଏନେଇ ଜଣେ ସଚେତନ ନାଗରିକ ଘଟଣାକୁ ଭିଡିଓ କରିବାରୁ ଚନ୍ଦନଙ୍କ ଧାନ ଉଠାନ କରାଯାଇଥିଲା। ପ୍ରତି କୁଇଣ୍ଟାଲ ପିଛା ୫ କି.ଗ୍ରା ହିସାବରେ ଚନ୍ଦନଙ୍କର ମୋଟ ୨୫ ବସ୍ତା ଧାନରୁ ୧୧.୭୮ କୁଇଣ୍ଟାଲ ଧାନ ରୁ ୫୮ କିଲୋ ଧାନ କଟନି ଆକାରରେ କଟାଯାଇ ତାଙ୍କୁ ଅବଶିଷ୍ଟ ୧୧.୨୦ କୁଇଣ୍ଟାଲ ଧାନର ଚିଠା ଦିଆଯାଇଥିଲା ବୋଲି ସେ ଅଭିଯୋଗ କରିଥିଲେ। କେବଳ ସେତିକି ନୁହେଁ ତାଙ୍କୁ ଧାନ ଭରିବା ପାଇଁ ଖୋଳ ଅଖା ମଧ୍ୟ ଯୋଗାଇ ନଦିଆଯିବାରୁ ସେ ବାହାର ବଜାରରୁ ୩୧ ଟଙ୍କା ହିସାବରେ ୨୫ ଟି ଅଖାକୁ ୭୭୫ ଟଙ୍କା ଦେଇ କିଣି ଖର୍ଚ୍ଚାନ୍ତ ହୋଇଥିଲେ। ଘଟଣା ଲୋକଲୋଚନକୁ ଆସିବା ପରେ ସମବାୟ ସମିତି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜନସାଧାରଣ ଦାବି କରିଥିଲେ। ଏନେଇ ଅଭିଯୋଗ ପରେ ସଂଚାର ରେ ଖବର ପ୍ରକାଶ ପାଇଥିଲା। ଘଟଣାକୁ ଅଭିଯୋଗ ପରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଉପଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଅର୍ଥିକ ତଦନ୍ତ ସହ ପଦକ୍ଷେପ ଗ୍ରହଣ କରିବାକୁ ସୂଚନା ଦିଆଯାଇଛି।

ବଞ୍ଚି ଥାଉଥାଉ ସରକାରୀ ସ୍ତରରେ ମୃତ ଘଟଣା

# ଖବର ପ୍ରକାଶ ପରେ ଘରେ ପହଞ୍ଚିଲା ପ୍ରଶାସନ



**ମାର୍ଶାଘାଇ,୧୪।୩(ସଂଚାର ବ୍ୟୁରୋ):** ଜଣେ ୬୦ ବର୍ଷୀୟ ଭିନ୍ନକ୍ଷମ ବ୍ୟକ୍ତି ବଞ୍ଚିଥିବା ବେଳେ ତାଙ୍କୁ ଆଧାର କାର୍ଡ ରେକର୍ଡରେ ମୃତ ବୋଲି ଦର୍ଶାଯାଇଛି। ଯାହା ଫଳରେ ତାଙ୍କ ଆଙ୍ଗୁଳି ଛାପ କି ଆଖି ସ୍କାନ ନହୋଇ ପାରିବାରୁ ସେ ଜାନୁଆରୀ ଠାରୁ ରାସନ୍ ଚାଉଳ ପାଇବାରୁ ବଞ୍ଚିତ ଅଛନ୍ତି।

ମାର୍ଶାଘାଇ ବ୍ଲକ୍ ଅଧିନସ୍ଥ ଗରଜଙ୍ଗା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଆଁରପାଳ ଗ୍ରାମର ଶତ୍ରୁଘ୍ନ ସାହୁଙ୍କ ୬୦ ବର୍ଷୀୟ ଅବିବାହିତ ଭିନ୍ନକ୍ଷମ ପୁଅ ଧିରେନ କୁମାର ସାହୁ ଜଣେ ୭୦% ଭିନ୍ନକ୍ଷମ ବୃଦ୍ଧ ବ୍ୟକ୍ତି। ବାପାଙ୍କ ମୃତ୍ୟୁ ପରେ ସେ ଏକାକୀ ଜୀବନ କାଟୁଛନ୍ତି। ବାସ୍ତବରେ ଧିରେନ ବଞ୍ଚିଥିବା ବେଳେ ସରକାରୀ ସ୍ତରରେ କିନ୍ତୁ ସେ ମୃତ ବୋଲି ଆଧାର କାର୍ଡରେ ଦର୍ଶାଯାଇଛି। ଯାହାଫଳରେ ସେ ଜାନୁଆରୀ ଠାରୁ ରାସନ୍ ଚାଉଳ ପାଇବାରୁ ବଞ୍ଚିତ ଅଛନ୍ତି। ମୃତ କାରଣରୁ ଧିରେନଙ୍କ ଆଧାର କାର୍ଡକୁ ନିଷ୍କ୍ରିୟ କରିଦିଆଯାଇଛି ବୋଲି ଜନସେବା କେନ୍ଦ୍ରରୁ ଜଣାପଡ଼ିଲା। ଗୋଟାପଣେ ବଞ୍ଚିଥିବା ଧିରେନ ଆଧାର କାର୍ଡରେ ମୃତ ବୋଲି ଜାଣିବା ପରେ ତାଙ୍କ ପାଦତଳୁ ମାଟି ଖସିଗଲା।

ଏନେଇ ସେ ଦୈନିକ ଖବରକାଗଜ ସଂଚାରକୁ ଜଣାଇବା ପରେ ୧୨ ମାର୍ଚ୍ଚରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପ୍ରଶାସନ ତରଫରୁ ଏକ ଟିମ୍ ଧିରେନଙ୍କ ବାସଭବନରେ ପହଞ୍ଚି ଧିରେନଙ୍କୁ ବାଇପାସ୍ ଜରିଆରେ ରାସନ୍ ସାମଗ୍ରୀ ଗ୍ରହଣ କରିବାକୁ କହିବା ସହ ଏକ ଖାଲି କାଗଜରେ ତାଙ୍କୁ ଦସ୍ତଖତ ମାରିବା ପାଇଁ କହିଥିଲେ। ହେଲେ ଧିରେନ ଆଧାର କାର୍ଡରେ ସେ ଜୀବିତ ନହେଲେ ତାଙ୍କୁ ମିଳୁଥିବା ସରକାରୀ ସହାୟତା ରାସନ୍ ଚାଉଳ ଭଳି ବନ୍ଦ୍ ହୋଇଯିବା ଆଶଙ୍କା କରି ତାଙ୍କ ଆଧାର କାର୍ଡକୁ ପୁନଃ ସକ୍ରିୟ କରାଇବା ପରେ ସେ ରାସନ୍ ସାମଗ୍ରୀ ଗ୍ରହଣ କରିବେ ବୋଲି ଉପସ୍ଥିତ କର୍ମଚାରୀ ମାନଙ୍କୁ ହାତଯୋଡ଼ି ଗୁହାରି କରିଥିଲେ। ହେଲେ ସେମାନେ କେବଳ ରାସନ୍ ଚାଉଳ ଯୋଗାଇ ପାରିବେ ଓ ଆଧାର କାର୍ଡ କାର୍ଯ୍ୟ କରିପାରିବେ ନାହିଁ ବୋଲି କହିଥିଲେ।

ଆଜି ରାସନ୍ ଚାଉଳ ଭଳି ଆଗକୁ ଯଦି ତାଙ୍କୁ ଭତ୍ତା ଟଙ୍କା ବନ୍ଦ୍ କରିଦିଆଯିବ ତେବେ ତାହାର ଶ୍ରେୟ ପ୍ରଶାସନ ନେବ ତ? ଜଣେ ୭୦% ଭିନ୍ନକ୍ଷମ ବ୍ୟକ୍ତି ବାସ୍ତବରେ ଜୀବିତ ଥିବା ବେଳେ ତାଙ୍କ ଆଧାର କାର୍ଡରେ ମୃତ ସୂଚନାର ପ୍ରଶାସନିକ ଅଧିକାରୀ ମାନଙ୍କ ପାଇଁ ସମାଧାନ କରାଇବାର ଦାୟିତ୍ୱ ନୁହେଁ କି? ସେ ନିଜେ ଯାଆଆସ କରିବାକୁ ସକ୍ଷମ ନଥିଲା ବେଳେ ଆଧାର କାର୍ଡରେ ଜୀବିତ ହେବା ପାଇଁ ଧିରେନ କିପରି ଭୁବନେଶ୍ୱର ଯିବେ ତାକୁ ନେଇ ସେ ଚିନ୍ତିତ ଅଛନ୍ତି। ଅନ୍ୟପଟେ ତାଙ୍କୁ ବହୁବର୍ଷ ତଳେ ଯାତାୟାତ ପାଇଁ ମିଳିଥିବା ଭିନ୍ନକ୍ଷମ ଯାନଟିଏ ଭାଙ୍ଗିରୁଜି ଯାଇଥିବା ବେଳେ ତାଙ୍କୁ ନୂତନ ଗାଡ଼ି ଖଣ୍ଡିଏ ପ୍ରଶାସନ ଯୋଗାଇବାରେ ବିଫଳ ବୋଲି ସେ କହିଛନ୍ତି। ତୁରନ୍ତ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଆଧାର କାର୍ଡରେ ତାଙ୍କୁ ଜୀବିତ କରାଇବା ସହିତ ତାଙ୍କୁ ଯାତାୟତ ପାଇଁ ଖଣ୍ଡିଏ ତିନିଚକିଆ ସାଇକେଲ ଯୋଗାଇଦେବାକୁ ଧିରେନ ଗୁହାରି କରିଛନ୍ତି।

ବଉଳକଣୀ ପଞ୍ଚାୟତରୁ ଫେରିନି

## ୪,୦୨,୧୦୦ ଅଗ୍ରୀମ ଭତ୍ତା ଟଙ୍କା

**ମହାକାଳପଡ଼ା,୧୩।୩(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକରେ ଏବେ ଅଗ୍ରୀମ ଭତ୍ତା ଟଙ୍କାକୁ ନେଇ ହଟଚମଟ ସୃଷ୍ଟି ହୋଇଛି। ସୂଚନା ଅଧିକାର ଆଇନରେ ମିଳିଥିବା ୧୭ ଟି ପଞ୍ଚାୟତର ତଥ୍ୟ କହୁଛି ଯେଉଁମାନେ ସୁଦ୍ଧା ୯୪,୭୦,୪୫୮ ଭତ୍ତା ଟଙ୍କା ଅଗ୍ରୀମ ନେଇଥିବା ସରପଞ୍ଚ, ପିଇଓ ଓ ଏଡିଇଓଙ୍କ ନିକଟରେ ରହିଛି। ବଉଳକଣୀ ପଞ୍ଚାୟତରେ ସର୍ବମୋଟ ୪,୦୨,୧୦୦ ଭତ୍ତା ଟଙ୍କା ଅଗ୍ରୀମ ଆକାରରେ ଯାଇ ଆଉ ସରକାରୀ ଖାତାକୁ ଫେରିନି। ସେଥିମଧ୍ୟରୁ ପୂର୍ବତନ ସରପଞ୍ଚ ସୁଜାତା ସାମଲଙ୍କ ପାଖରେ ସର୍ବାଧିକ ୨,୬୨,୧୦୦ ରହିଥିବା ବେଳେ ପୂର୍ବତନ ପିଇଓ ରମାକାନ୍ତ ଦାସଙ୍କ ପାଖରେ ୭୦,୦୦୦, ପୂର୍ବତନ ପିଇଓ ଶ୍ରୀଚରଣ ବାରିକଙ୍କ ପାଖରେ ୧୫,୭୦୦ ଟଙ୍କା ଓ ପଙ୍କଜିନୀ ବାରିକଙ୍କ ପାଖରେ ୫୪,୩୦୦ ଟଙ୍କା ରହିଛି ବୋଲି ସୂଚନା ମିଳିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ସରକାରୀ ଟଙ୍କା ସରକାରୀ ଖାତାକୁ ତୁରନ୍ତ ଫେରାଇ ଆଣିବାକୁ ପ୍ରଶାସନ ତରଫରୁ ପଦକ୍ଷେପ ଗ୍ରହଣ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

## ନଦୀ ବନ୍ଧରୁ ଗଛକଟା ବନ୍ଦ କଲେ ଆର୍ଆଇ



**ମାହାଙ୍ଗା,୧୩।୩ (ସଂଚାର ବ୍ୟୁରୋ):** ମାହାଙ୍ଗା ଥାନା ଅଧିନ କୁମ୍ଭୀ ଇଚ୍ଛପୁର ଫାଡି ଅନ୍ତର୍ଗତ ମଧୁପୁର ପଞ୍ଚାୟତ ଚୋଉଷିଆ ବଡ ଗେଙ୍ଗୁଟୀ ନଦୀ ବନ୍ଧ କଡ଼ରୁ କଟାଯାଉଥିବା ଏକ ଚାକୁଣ୍ଡା ଗଛକୁ କୋଳିଅଠା ରାଜସ୍ୱ ନିରୀକ୍ଷକ ଜବତ କରିଥିବା ଜଣାଯାଇଛି। ସୂଚନା ମୁତାବକ ଆଜି ସକାଳ ପ୍ରାୟ ୮ଟା ସମୟରେ ଏହି ଗ୍ରାମର ଜନୈକ ବ୍ୟକ୍ତି ଗଛ କାଟି ବିକ୍ରି କରୁଥିବା ସମୟରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଠାରୁ ଖବର ପାଇ ରାଜସ୍ୱ ନିରକ୍ଷକ ବିଶ୍ୱରଞ୍ଜନ ସାମଲ ଘଟଣା ସ୍ଥଳରେ ପହଞ୍ଚି ଅଧା କଟା ଯାଇଥିବା ଚାକୁଣ୍ଡା ଗଛକୁ ବନ୍ଦ କରିଥିଲେ। ପରେ ନଦୀ ବନ୍ଧକୁ ଲାଗି କରିଥିବା ଜମି ମାଲିକ ଗଛ କାଟୁଥିବା ଜାଣିବାକୁ ପାଇଥିଲେ। ଗଛ କଟା ଯାଉଥିବା ଜାଗାକୁ ମପା ହେବା ପର୍ଯ୍ୟନ୍ତ ଗଛ କଟା ବନ୍ଦ ରହିବା ସହ ଜମି ମାଲିକ ସୁରେନ୍ଦ୍ର ନାଥ ରାଉତଙ୍କୁ କଟା ଯାଇଥିବା ଡାଳ, ଗଣ୍ଡିକୁ ଗ୍ରାମର ଭଦ୍ରଲୋକଙ୍କ ଉପସ୍ଥିତିରେ ଜିମା ଦେଇଥିବା ରାଜସ୍ୱ ନିରୀକ୍ଷକ ଶ୍ରୀ ସାମଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଭଙ୍ଗା ପରିବାରକୁ ଯୋଡ଼ିଲେ ବିଚାରପତି



**କେନ୍ଦ୍ରାପଡା,୧୪।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପରିବାର ଅଦାଲତ ର ବିଚାରପତି ମାନ୍ୟବର ଦେବାଶିଷ ପଣ୍ଡା ଏକ ଭଙ୍ଗା ପରିବାରକୁ ଯୋଡି ପୁନଃର୍ବାର ଘର ସଂସାର କରିବା ପାଇଁ ପରାମର୍ଶ ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାଇ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ସାନ ଜରିଆ ପେରିଜପୁର ଗ୍ରାମର ଅମରେନ୍ଦ୍ର ଦାସଙ୍କୁ ମାର୍ଶାଘାଇ ଥାନା ଅନ୍ତର୍ଗତ କସୋଟୀ ବାଲି ଗ୍ରାମର ଶ୍ମିତା ଦସଙ୍କୁ ବିବାହ କରିଥିଲେ । ବିବାହର କିଛିଦିନ ପରେ ଉଭୟଙ୍କ ମଧ୍ୟରେ ମନମାଳିନୀ ହେବରୁ ଅମରେନ୍ଦ୍ର ଛାଡପତ୍ର ପାଇଁ ଆବେଦନ କରିଥିବା ବେଳେ ରଶ୍ମିତା ଭରଣ ପୋଷଣ ମାମଲା ରୁଜୁ କରିଥିଲେ । ମାନ୍ୟବର ବିଚାରପତି ଶ୍ରୀ ପଣ୍ଡା ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ବୁଝାସୁଝା କରାଇବାରୁ ଉଭୟ ପୁନଃର୍ବାର ଘର ସଂସାର କରିବା ପାଇଁ ରାଜି ହୋଇ ଘରକୁ ଫେରିଛନ୍ତି ।

## ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

**କେନ୍ଦ୍ରାପଡା,୧୪।୩(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର କୋର୍ଟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଭାରପ୍ରାପ୍ତ ଜିଲ୍ଲା ଓ ଦୌରାଜଜ ତଥା ପ୍ରାଧିକରଣର ଅଧ୍ୟକ୍ଷା ପ୍ରଜ୍ଞା ପରମିତା ରାଉଳଙ୍କ ତତ୍ୱବଧାନରେ ଆୟୋଜିତ ଏହି ଅଦାଲତରେ ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଅନ୍ନପୂର୍ଣ୍ଣା ନାୟକ ପରିଚାଳନା କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ୍ ୪୪୪୭ ଟି ମକଦ୍ଦମା ପଞ୍ଜିକରଣ ହୋଇଥିବା ବେଳେ ୨୬୭୨ଟି ମାମଲାର ସମାଧାନ ହୋଇଥିଲା । ଏଥିରେ ମୋଟ୍ ୮୦ ଲକ୍ଷ ୫୫ ହଜାର ୩୮୧ ଟଙ୍କା ଅର୍ଥ ଆଦାୟ କରାଯାଇଛି । ସେହିପରି ପ୍ରାକ୍ ମକଦ୍ଦମା ସ୍ତରୀୟ ଦାୟର ହୋଇଥିବା ମାମଲା ୪୪୦୨ଟି ପଞ୍ଜିକୃତ ହେଇଥିବା ବେଳେ ମୋଟ୍ ୩୨୮ଟି ମାମଲା ବ୍ୟାଙ୍କ ଋଣ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଆଦିର ଫଏସଲା କରାଯାଇ ୧ କୋଟି ୪୩ ଲକ୍ଷ ୯୨ ହଜାର ୯୯୦ ଟଙ୍କା ଆଦାୟ କରାଯାଇଛି ।

# ଆଗେଇପାରୁନି ମା' ରାମଚଣ୍ଡୀଙ୍କ ଉନ୍ନୟନ କାର୍ଯ୍ୟ

● ୫ଟି ଅଧୀନରେ ଆସିଥିଲା ପ୍ରକଳ୍ପ ପାଇଁ ଅର୍ଥ ● ୨୦୨୪ ଅକ୍ଟୋବରରୁ ସରିଛି ଅବଧି




**ମହାକାଳପଡ଼ା,୧୪।୩(ସଂଚାର ବ୍ୟୁରୋ):** ମହାକାଳପଡ଼ା ର ଅଧିଷ୍ଠାତ୍ରୀ ଦେବୀ ଦରିଆପାରି ମା ରାମଚଣ୍ଡୀଙ୍କ ପୀଠର ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ଅବଧି ଶେଷ ହୋଇଥିଲେ ମଧ୍ୟ କେବଳ ୩୦% କାମ ଶେଷ ହୋଇଛି। ଆଗକୁ ମାଆଙ୍କ ପ୍ରସିଦ୍ଧ ଝାମୁଯାତ୍ରା ପର୍ବ ଆସୁଥିବା ବେଳେ ହଜାର ହଜାର ଭକ୍ତଙ୍କ ସମାଗମ ହେବ। ଏହି ଅବସରରେ ପ୍ରକଳ୍ପ କାର୍ଯ୍ୟର ଅଧାପନ୍ତରିଆ କାମ ଏବେ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି।

୧୯୬୨ ମସିହାରୁ ମନ୍ଦିର ଟ୍ରଷ୍ଟ ବୋର୍ଡ ଗଠନ ହେବା ପରେ ୧୯୭୨ ମସିହାରେ ଏହା ଦେବୋତ୍ତର ବିଭାଗ ଅଧୀନରେ ରହି ଆସିଛି। ସେବେଠାରୁ ମନ୍ଦିର ପରିଚାଳନା ପାଇଁ ମାଆଙ୍କ ଜମିର ଆୟକୁ ମୁଖ୍ୟତଃ ବିନିଯୋଗ କରାଯାଉଥିଲା। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ମାଆଙ୍କ ମନ୍ଦିର ଉନ୍ନୟନ ପ୍ରକଳ୍ପ ପାଇଁ ୫ ଟି ଜରିଆରେ ମୋଟ ୬ କୋଟି ଟଙ୍କା ଘୋଷଣା କରିଥିଲେ ପୂର୍ବତନ ସରକାର। ସେଥିରୁ ପ୍ରଥମ ପର୍ଯ୍ୟାୟରେ ୩ କୋଟି ୩୪ ଲକ୍ଷ ୪୮ ହଜାର ଟଙ୍କା ବ୍ୟୟବରାଦ ହୋଇଥିଲା। କୋଠଘର, ମନ୍ଦିର ପ୍ରାଚୀର, ସେବାୟତଙ୍କ ବିଶ୍ରାମ ଗୃହ, କଲ୍ୟାଣ ମଣ୍ଡପ, ଚନ୍ଦନ ପୋଖରୀ ପୁନରୁଦ୍ଧାର, ପରିକ୍ରମା ମାର୍ଗ, ଆଲୋକୀକରଣ,ମୁଖ୍ୟ ପ୍ରବେଶ ପଥ, ଉଦ୍ୟାନ ଆଦି କାର୍ଯ୍ୟ କରିବା ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ୨୦୨୪ ଅକ୍ଟୋବର ରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାର ଅବଧି ଧାର୍ଯ୍ୟ କରାଯାଇଥିଲା। ହେଲେ ବିଭାଗୀୟ ଅବହେଳା ପାଇଁ ମାଆଙ୍କ ଉନୟନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରୁନାହିଁ। ଆଗକୁ ମାଆଙ୍କ ପ୍ରସିଦ୍ଧ ଝାମୁଯାତ୍ରା ପର୍ବ ଆସୁଛି। ଏହି ଅବସରରେ ବିଭିନ୍ନ କୋଣ ଅନୁକୋଣରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନଙ୍କ ସମାଗମ ହେବ। କିନ୍ତୁ ପ୍ରକଳ୍ପ କାର୍ଯ୍ୟର ଧୀମା ଗତି ଏବେ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରାଇଛି। ଅନ୍ୟପଟେ ମନ୍ଦିରର ଟ୍ରଷ୍ଟ ବୋର୍ଡ ଗଠନ ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇ ପାରିଲା ନାହିଁ। ଯାହା ଫଳରେ ମାଆଙ୍କ ଝାମୁଯାତ୍ରା ପରିଚାଳନାରେ ମଧ୍ୟ ଗତବର୍ଷ ନାହିଁ ନଥିବା ସମସ୍ୟା ଦେଖିବାକୁ ମିଳିଥିଲା। ମାଆଙ୍କ ଝାମୁଯାତ୍ରା ପୂର୍ବରୁ ଉନ୍ନୟନ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଶ୍ରଦ୍ଧାଳୁ, ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅନିଲ କୁମାର ସିଂହଙ୍କ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ




**ଭୁବନେଶ୍ୱର,୧୪।୩ (ସଂଚାର ବ୍ୟୁରୋ):** ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ଅଧ୍ୟକ୍ଷ ଶ୍ରୀ ଅନିଲ କୁମାର ସିଂହ ସରକାରୀଭାବେ କନଫେଡରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (CII) ଓଡିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟର ଔଦ୍ୟୋଗିକ ପରିଦୃଶ୍ୟକୁ ଆହୁରି ବିବିଧମୟ କରିବା ପାଇଁ ଚେଷ୍ଟା ଚାଲିଥିବା ଏହି ସମୟରେ ତାଙ୍କର ନିଯୁକ୍ତି ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତବ୍ୟ କରାଯାଉଛି। ଏହି ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ ଓ ଅତିରିକ୍ତ ମୁଖ୍ୟ ସଚିବ (ଗୃହ, ଶିଳ୍ପ ଓ ଆଇ ଆଣ୍ଡ ପିଆର୍) ହେମନ୍ତ ଶର୍ମା ଉପସ୍ଥିତ ଥିଲେ।

ତାଙ୍କର ଉଦ୍‌ବୋଧନରେ ଶ୍ରୀ ସିଂହ ଓଡିଶାର ଆର୍ଥିକ ଉନ୍ନତିକୁ ପ୍ରଶଂସା କରି କହିଥିଲେ ଯେ ରାଜ୍ୟ ପୂର୍ବରୁ ଧାତୁ ଓ ଖଣିଜ ଭିତ୍ତିକ ଅର୍ଥନୀତିରେ ପ୍ରସିଦ୍ଧ ଥିଲେ ମଧ୍ୟ, ବର୍ତ୍ତମାନ ଏହା ଆଇଟି, ଇଲେକ୍ଟ୍ରୋନିକ୍ସ ଓ ଆଧୁନିକ ମ୍ୟାନୁଫାକ୍ଚରିଂ ମାଧ୍ୟମରେ ଏକ ନୂତନ ଔଦ୍ୟୋଗିକ କେନ୍ଦ୍ର ଭାବେ ଉଭୁକୁ ଆସୁଛି। ସେ କହିଥିଲେ, "ପ୍ରଗତିଶୀଳ ନୀତି ଓ ସକ୍ରିୟ ଶାସନ ପ୍ରଣାଳୀର କାରଣରୁ ଓଡିଶା ନୂତନ ପିଢ଼ୀର ଶିଳ୍ପଗୁଡିକ ପାଇଁ ଏକ ପସନ୍ଦସ୍ଥଳୀ ଭାବେ ଦ୍ରୁତ ଗତିରେ ଉଦୟ ହେଉଛି।"

ଶ୍ରୀ ସିଂହ ତାଙ୍କ ଅଧ୍ୟକ୍ଷତାକାଳୀନ ସମୟରେ ଶିଳ୍ପ ଓ ସରକାର ମଧ୍ୟରେ ସମନ୍ୱୟ ବୃଦ୍ଧି, ନବୀନତାକୁ ଉତ୍ସାହିତ କରିବା ଓ କୌଶଳ ଉନ୍ନତିକୁ ମଜବୁତ କରି ରାଜ୍ୟର ଉନ୍ନତିକୁ ଆଗେଇ ନେବାରେ ଗୁରୁତ୍ୱ ଦେବେ ବୋଲି କହିଥିଲେ।

# ରନ୍ଧନ ଗ୍ୟାସ କଳାବଜାରୀ ଅଭିଯୋଗ



ଯୋଗାଣ ବିଭାଗର ଚଢ଼ାଉ

### ଅନିୟମିତତା ମିଳିଲେ କଠୋର କାର୍ଯ୍ୟାନୁଷ୍ଠାନ ଚେତାବନୀ

**ଗରଦପୁର,୧୪।୩ (ସଂଚାର ବ୍ୟୁରୋ):** ପାଟକୁରା ଅଞ୍ଚଳରେ ରନ୍ଧନ ଗ୍ୟାସ ସିଲିଣ୍ଡର ଅଭାବ ଓ କଳାବଜାରୀ ଅଭିଯୋଗକୁ ନେଇ ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ଗ୍ୟାସ ସିଲିଣ୍ଡର ଉପଲବ୍ଧ ନହେବା ସହିତ କେତେକ ସ୍ଥାନରେ ସିଲିଣ୍ଡର ପିଛା ପ୍ରାୟ ୧୫୦୦ ଟଙ୍କା ନେଇ ବିକ୍ରି କରାଯାଉଥିବା ଖବର ମିଳିଥିଲା । ଏହି ଅଭିଯୋଗକୁ ଗୁରୁତ୍ୱ ସହକାରେ ନେଇ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶରେ ଗରଦପୁର ବ୍ଲକ ଅନ୍ତର୍ଗତ ଢିଅସାହି ଓ ମାହାଳ ଅଞ୍ଚଳର ଇଣ୍ଡେନ ଗ୍ୟାସ ଡିପୋଗୁଡ଼ିକରେ ଅଚାନକ ଚଢ଼ାଉ କରାଯାଇଥିଲା। ଗରଦପୁର ଯୋଗାଣ ଅଧିକାରୀ ସୁଚିସ୍ମିତା ମହାନ୍ତିଙ୍କ ନେତୃତ୍ୱରେ ତାଙ୍କ ଷ୍ଟାଫମାନେ ଏହି ଯାଞ୍ଚ କାର୍ଯ୍ୟକୁ ସଂପାଦନ କରିଥିଲେ ।

ଚଢ଼ାଉ ସମୟରେ ଡିପୋରେ ନିର୍ଦ୍ଦିଷ୍ଟ ପରିମାଣର ଗ୍ୟାସ ସିଲିଣ୍ଡର ମହଜୁତ ରହିଛି କି ନାହିଁ, ବୁକିଂ କରିଥିବା ଗ୍ରାହକଙ୍କୁ ସମୟମତେ ସିଲିଣ୍ଡର ପହଞ୍ଚାଯାଉଛି କି ନାହିଁ ଓ ବିକ୍ରୟ ପ୍ରକ୍ରିୟାରେ କୌଣସି ଅନିୟମିତତା ହେଉଛି କି ନାହିଁ— ଏହି ସବୁ ଦିଗରେ ସୂକ୍ଷ୍ମ ଯାଞ୍ଚ କରାଯାଇଥିଲା। ସେଥିପାଇଁ ଏଜେନ୍ସୀମାନେ କଳାବଜାରୀ କାରବାରରେ ଜଡିତ ଅଛନ୍ତି କି ନାହିଁ ସେଥିରେ ମଧ୍ୟ ଯାଞ୍ଚ କରାଯାଇଥିବା ସୂଚନା ମିଳିଛି । ଯଦି କୌଣସି ଡିଲର ଗ୍ରାହକଙ୍କ ପାଖରୁ ନିର୍ଦ୍ଧାରିତ ଦାମରୁ ଅଧିକ ଟଙ୍କା ଦାବି କରେ, ତେବେ ଗ୍ରାହକମାନେ ତୁରନ୍ତ ଯୋଗାଣ ବିଭାଗକୁ ଅଭିଯୋଗ କରିପାରିବେ ଓ ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ।

ସମ୍ପ୍ରତି ପାଟକୁରା ଅଞ୍ଚଳରେ ଗ୍ୟାସ ସିଲିଣ୍ଡର ଅଭାବ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଥିବା ବେଳେ ଯୋଗାଣ ବିଭାଗର ଏହି ଚଢ଼ାଉ ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶା ସୃଷ୍ଟି କରିଛି ।

## ଆତ୍ମା ପକ୍ଷରୁ ପିଏମ କିଷାନ ଉତ୍ସବ ଦିବସ ପାଳିତ



**ମାର୍ଶାଘାଇ, ୧୪।୩ (ସଂଚାର ବ୍ୟୁରୋ):** ମାର୍ଶାଘାଇ କୃଷି ଓ ପରାମର୍ଶ କେନ୍ଦ୍ର (ଆତ୍ମା) ସଭା ଗୃହରେ ଶୁକ୍ରବାର ପିଏମ କିଷାନ ଉତ୍ସବ ଦିବସ ପାଳିତ ହୋଇଯାଇଛି । କୃଷି ଓ ପରାମର୍ଶ କେନ୍ଦ୍ରର ବିଟିଏମ ସ୍ମୃତିରେଖା ଶତପଥୀ ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ଆତ୍ମା ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଗାହାଣ , ବ୍ଲକ କୃଷି ଅଧିକାରୀ ପ୍ରମୋଦିନୀ ପ୍ରଧାନ, ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ କୁମାର ଘୋଷ ପ୍ରମୁଖ ମଂଚାସୀନ ଥିଲେ । ଏଟିଏମ ଅବିନାଶ ଦାସ, ସୁଶାନ୍ତ କୁମାର ପାତ୍ର, ସରୋଜକାନ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଚାଷୀ ବଳଭଦ୍ର ଦାସ, କିରଣ କୁମାର ବେଉରା, କୃଷ୍ଣଚନ୍ଦ୍ର ଦାସ, ଉଦୟ ଦାସ,ଶଙ୍କର୍ଷଣ ରାଉତ, ଯଶୋବନ୍ତ ରାଉତ, କୃଷକ ସାଥି ବିନୋଦ କୁମାର ଦାସ,ଗୁରୁଚରଣ ସ୍ୱାଇଁ,ରଶ୍ମିରଂଜନ ମହାପାତ୍ର, ନିରଞ୍ଜନ ମନ୍ତ୍ରୀ ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତଥିଲେ । କେନ୍ଦ୍ରସରକାରଙ୍କ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମ ର ସିଧାପ୍ରସାରଣ ଆଭାସି ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା ।

## ନଦୀରେ ବୁଡ଼ି ନିଖୋଜ ବୃଦ୍ଧଙ୍କ ଶବ ଉଦ୍ଧାର

**ପଟ୍ଟାମୁଣ୍ଡାଇ,୧୪।୩ (ସଂଚାର ବ୍ୟୁରୋ):** ଗତକାଲି ଶ୍ରୀରାମପୁର ନିକଟରେ ବହି ଯାଇଥିବା ବ୍ରାହ୍ମଣୀ ନଦୀକୁ ପୂଜା ମଲିକ, (୧୫) ଓ ପରି ମଲିକ (୧୨) ଗାଧୋଇ ଯାଇଥିବାବେଳେ ନଦୀର ଗଭୀର ପାଣିରେ ବୁଡି ଯାଇଥିଲେ । ସେମାନଙ୍କ ଚିତ୍କାର ଶୁଣି ନଦୀରେ ଗାଧୋଉ ଥିବା ଶ୍ରୀରାମପୁର ଗ୍ରାମର ବୃଦ୍ଧ ପୀତବାସ ପରିଡା (୬୨) କାଳବିଳମ୍ବ ନକରି ନଦୀ ମଧ୍ୟକୁ ଲମ୍ଫ ମାରି ବହୁ କଷ୍ଟରେ ବୁଡି ଯାଉଥିବା ଦୁଇ ବାଳିକାଙ୍କୁ ନଦୀ କୂଳକୁ ଆଣିଥିଲେ। ମାତ୍ର ବିଧିର ବିଡମ୍ବନା ବୃଦ୍ଧ ପୀତବାସ ନଦୀ କୂଳକୁ ଆସି ନପାରି ଗଭୀର ଜଳରେ ବୁଡି ଯାଇଥିଲେ । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକମାନେ ବୃଦ୍ଧ ପୀତବାସଙ୍କୁ ଉଦ୍ଧାର କରିବା ପାଇଁ ପଟ୍ଟାମୁଣ୍ଡାଇ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ ବାହିନୀ ଗତକାଲି ନଦୀ ମଧ୍ୟରେ ବୃଦ୍ଧ ପୀତବାସଙ୍କୁ ବହୁ ଖୋଜା ଖୋଜି କଲା ପରେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା । ଆଜି ବ୍ରାହ୍ମଣୀ ନଦୀ ମଧ୍ୟରେ ବୁଡି ଯାଇଥିବା ସ୍ଥାନରୁ ବୃଦ୍ଧ ପୀତବାସଙ୍କ ଶବ ଉଦ୍ଧାର କରାଯାଇଛି । ଶବ ବ୍ୟବଛେଦ ପରେ ଅନ୍ତିମ ସତ୍କାର କରାଯାଇଛି ।

## ୪ ଲୁଟେରା ଗିରଫ, ଚୋରି ସାମଗ୍ରୀ ଜବତ



**ନିଶ୍ଚିନ୍ତକୋଇଲି,୧୪।୩ (ସଂଚାର ବ୍ୟୁରୋ):** ସାଲେପୁର ଏସଡ଼ିପିଓଙ୍କ କାର୍ଯ୍ୟାଳୟ ଅଧିନ ବିଭିନ୍ନ ଥାନା ଅଧିନରେ ହୋଇଥିବା ଚୋରି ଘଟଣାରେ ସମ୍ପୃକ୍ତ ଆସାମୀମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ ପ୍ରଶାସନ। ଗତ ୧୩ ତାରିଖ ରାତିରେ ନିଶ୍ଚିନ୍ତକୋଇଲି ଥାନା ଅଧିନ ଜିଗ୍ନିପୁର ପଞ୍ଚାୟତ ମହାଜନପୁର ଗ୍ରାମ (ଥାନା ଛକ) ତେଲ ଟାଙ୍କି ସମ୍ମୁଖ କଟକ ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଘରକରି ରହୁଥିବା ସହଦେବ ସେନାପତିଙ୍କ ଘରେ ଚୋରି ହୋଇଥିବା ନେଇ ସହଦେବଙ୍କ ବଡ଼ଭାଇ ନାରାୟଣ ସେନାପତି, ପିତା-ସ୍ୱର୍ଗତ ସ୍ୱପ୍ନେଶ୍ୱର ସେନାପତି, ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏଥିପୂର୍ବରୁ ମଧ୍ୟ ସମ୍ପୃକ୍ତ ଡ଼କାୟତମାନେ ବିଭିନ୍ନ ସ୍ଥାନରୁ ଚୋରି କରିଥିବା ବିଭିନ୍ନ ଥାନାରେ ଅଭିଯୋଗ ହୋଇଥିଲା।

ଉକ୍ତ ଡ଼କାୟତି ଦଳକୁ ଧରିବା ପାଇଁ ନିଶ୍ଚିନ୍ତକୋଇଲି, ମାହାଙ୍ଗା, ସାଲେପୁର, କିଶୋରନଗର ଆଇଆଇସିଙ୍କ ସମେତ ସ୍ପେଶାଲ ସ୍କ୍ୱାର୍ଡ଼ କଟକ ଓ ଏସଡ଼ିପିଓ ସାଲେପୁରଙ୍କୁ ନେଇ ଗଢ଼ା ହୋଇଥିବା ଟିମ୍ ଡ଼କାୟତଙ୍କୁ ଧରିବାରେ ସକ୍ଷମ ହୋଇଛନ୍ତି। ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଚନ୍ଦନପୁରର ମୁରଲିଧର ସ୍ୱାଇଁଙ୍କ ପୁତ୍ର ବୁଦ୍ଧିରାମ ସ୍ୱାଇଁ(ବୁଦ୍ଧିଆ)୫୭, ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ନୂଆଗାଁର ବିଷ୍ଣୁ ଦାସଙ୍କ ପୁତ୍ର ଦିଲ୍ଲିପ ଦାସ(୩୭), ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ତଳିଆ ଗ୍ରାମର ଅବନି ପରିଡ଼ାଙ୍କ ପୁଅ ଦେବେନ୍ଦ୍ର କୁମାର ପରିଡ଼ା(୪୮) ଙ୍କ ସମେତ ଚୋରି ସୁନାକୁ କିଣୁଥିବା ଯାଜପୁର ଥାନା ଯାଜପୁର ଟାଉନ୍ ବଡ଼ ବଜାର ଅଞ୍ଚଳର ଭାନୁ ଦାସ ଚୋରୁମାଲଙ୍କ ପୁତ୍ର ସମ୍ପଦ ରାଓ ଭାନୁ ଦାସ ଚୋରୁମାଲ(୪୦)ଙ୍କୁ ଗିରଫ କରିବା ସହ ଡ଼କାୟତିରେ ବ୍ୟବହୃତ କାର, ଭୁଜାଲି, ତିନୋଟି ମୋବାଇଲ, ୧୦୫ଗ୍ରାମ ସୁନା ଯାହାର ଆନୁମାନିକ ମୂଲ୍ୟ ୧୫ଲକ୍ଷ, ୪୫୦ଗ୍ରାମ୍ ରୁପା ଆନୁମାନିକ ମୂଲ୍ୟ ୧.୫ଲକ୍ଷ, ନଗଦ ଅର୍ଥ ୧ଲକ୍ଷ ୧୦ହଜାର, ଦୁଇ ଗୋଟି ଲ୍ୟାପ୍‌ଟପ୍, କଟର, ୧କ୍ୱିଣ୍ଟାଲ ପିତଳ ବାସନ ଜବତ କରାଯାଇଥିବା ସାଲେପୁର ଏସଡ଼ିପିଓ ଶ୍ରୀ ବିରଞ୍ଚି ନାରୟଣ ପତି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# କୋଟି କୋଟି ଟଙ୍କାର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଜରାଜୀର୍ଣ୍ଣ

**ଯାଜପୁର ଟାଉନ, ୧୪।୩ (ସଂଚାର ବ୍ୟୁରୋ):** ଯାଜପୁର ସହରକୁ ଆକର୍ଷଣୀୟ ଓ ସୁନ୍ଦର କରିବା ପାଇଁ ପୂର୍ବରୁ ସରକାରୀ ଧନରେ କରାଯାଇଥିବା ବିଭିନ୍ନ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଆଜି ଦୟନୀୟ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଛି। ଦାମୀ ପ୍ରକଳ୍ପଗୁଡିକ ଆଜି

### ନିର୍ବାକ ଯାଜପୁର ପ୍ରଶାସନ



ଅବହେଳାରେ ନଷ୍ଟ ହୋଇଯାଉଥିବା ବେଳେ ଏହା ପ୍ରତି ଜିଲ୍ଲା ପ୍ରଶାସନର ଦାୟିତ୍ୱହୀନତାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି।

ଯାଜପୁର ସହର ପ୍ରବେଶ ପଥରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସମ୍ମୁଖ ଅଞ୍ଚଳରେ ଓ ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଗେଟ୍ ସାମ୍ନାରେ "ବିରଜାକ୍ଷେତ୍ର" ଲେଖା ସହ ହରିଣ ମୂର୍ତ୍ତି ଓ ଦାମୀ ଘାସ ଲାଗାଇ ସୁନ୍ଦର ପରିବେଶ ସୃଷ୍ଟି କରାଯାଇଥିଲା। କିନ୍ତୁ ଯଥାସମୟରେ ପାଣି ଓ ଯତ୍ନ ନମିଳିବାରୁ ସେହି ଘାସଗୁଡିକ ପୋଡ଼ି ନଷ୍ଟ ହୋଇଯାଇଛି ଏବଂ ସେଠାରେ ଏବେ ଅନାବନା ଜଙ୍ଗଲି ଗଛ ଉଠିଯାଇଛି। ଏହା ସହରର ସୌନ୍ଦର୍ଯ୍ୟକୁ ବଢ଼ାଇବା ବଜାୟ ଆଜି ଅବ୍ୟବସ୍ଥାର ପ୍ରତୀକ ହୋଇ ପଡ଼ିଛି।ଏହା ସହିତ ସହରର ଐତିହାସିକ କୁଶୁମା ପୋଖରୀ ବାହାର ପାର୍ଶ୍ୱରେ ସେଲ୍ଫି ପଏଣ୍ଟରେ ଲଗାଯାଇଥିବା ଛତାଗୁଡିକ ମଧ୍ୟ ଆଜି ଚିରିଯାଇ ନଷ୍ଟ ହୋଇଥିବା ଦେଖିବାକୁ ମିଳୁଛି। ଏକ ସମୟରେ ସହରର ଆକର୍ଷଣ ଥିବା ଏହି ସ୍ଥାନଗୁଡିକ ଆଜି ଅବହେଳା ଓ ରକ୍ଷଣାବେକ୍ଷଣର ଅଭାବରେ ପରିତ୍ୟକ୍ତ ଭାବ ନେଇଛି।ସହରର ଅନେକ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପରେ ସରକାରୀ ଧନ ବ୍ୟୟ ହୋଇଥିଲେ ମଧ୍ୟ, ପରବର୍ତ୍ତୀ ସମୟରେ ସେଗୁଡିକର ଉଚିତ୍ ରକ୍ଷଣାବେକ୍ଷଣ ନହେବା ପ୍ରଶାସନର କାର୍ଯ୍ୟପଦ୍ଧତି ଉପରେ ଗୁରୁତର ପ୍ରଶ୍ନ ଉଠାଇଛି। ସରକାରୀ ଧନରେ ନିର୍ମିତ ପ୍ରକଳ୍ପଗୁଡିକ ଯଦି ଏପରି ଅବହେଳାରେ ନଷ୍ଟ ହେବ, ତେବେ ଏହାକୁ ସାଧାରଣ ଲୋକଧନର ଅପବ୍ୟୟ ବୋଲି ନାଗରିକମାନେ ଅଭିଯୋଗ କରୁଛନ୍ତି।ସଚେତନ ନାଗରିକ ଓ ସାମାଜିକ ସଂଗଠନମାନେ ଏହା ପ୍ରତି ତୁରନ୍ତ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଗୁଡିକୁ ନଜର ଦେବାକୁ ଦାବି କରିଛନ୍ତି। ସହରର ସୌନ୍ଦର୍ଯ୍ୟ ଓ ଐତିହ୍ୟକୁ ରକ୍ଷା କରିବା ପାଇଁ ନିୟମିତ ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ବୃତ୍ତି କାଠ କାରିଗର, ନିଶା ଗାଈଗୋରୁଙ୍କ ତୃଷା ନିବାରଣ



**କୋରେଇ, ୧୪।୩ (ସଂଚାର ବ୍ୟୁରୋ):** କୋରେଇ ନିର୍ବାଚନ ମଣ୍ଡଳୀରେ ଅନେକ କାଠ କାରିଗର ନିଜର ବୃତ୍ତି ଜୀବନ ଓ ବ୍ୟବସାୟରେ ବ୍ୟସ୍ତ ରହୁଥିବା ବେଳେ କରଦା ପଂଚାୟତ ରାଣିଗଡା ଗ୍ରାମର ଭିକାରୀ ମହାରଣାଙ୍କ ପୁଅ ଅନିରୁଦ୍ଧ ମହାରଣା (ଅଲାଭାଇ) କାଠ କାରିଗର କାର୍ଯ୍ୟ ନିର୍ବାହ କରିବା ସହ ରାସ୍ତାରେ ଯାତାୟାତ କରୁଥିବା ଗାଈ, ଗୋରୁ, ଷଣ୍ଢ ସମେତ ପଶୁପକ୍ଷୀ ମାନଙ୍କ ଶୋଷ ମେଂଟାଇବା ନିଶାରେ ପ୍ରତ୍ୟେକ ଦିନ ବ୍ୟସ୍ତ ରହୁଥିବା ଦୃଶ୍ୟ ଦେଖିବାକୁ ମିଳିଥାଏ।

ସଠିପୁର ବଜାର ସ୍ଥିତ ଶ୍ରୀ ଅଲା ମହାରଣାଙ୍କ କାଠ କାରିଗରି ଦୋକାନ ସାମ୍ନାରେ ପାଣି କୁଣ୍ଡ ବସାଇ, ପଶୁମାନଙ୍କର ଖାଦ୍ୟ ମିଶାଇ ରାସ୍ତାରେ ଘୁରି ବୁଲୁଥିବା ଗାଈଗୋରୁଙ୍କୁ ଖାଦ୍ୟ, ପାଣି ଦେବା ସହ ସ୍ଥାନେ ସ୍ଥାନେ ପକ୍ଷୀ ମାନଙ୍କ ଲାଗି ମଧ୍ୟ ପାଣି ପାତ୍ର ରଖି ପକ୍ଷିଙ୍କ ଶୋଷ ମେଂଟାଇ ବେଶ ସୁନାମ ଅର୍ଜନ କରୁଛନ୍ତି । ଆଗାମୀ ଦିନରେ ଖରା ବଢ଼ିବା ସହ ଗୁଳୁଗୁଳି ଯୋଗୁଁ ମଣିଷ ଠାରୁ ପଶୁପକ୍ଷୀ ମାନେ ଜଳର ଆବଶ୍ୟକତାକୁ ଅନୁଭବ କରିବେ କିନ୍ତୁ ଏହି ସମୟରେ ଏହି ସବୁ ଅଂଚଳରେ ଜଳର ଅଭାବ ଦେଖା ଦେବା ସମ୍ଭାବନା ରହୁଥିବା ବେଳେ ଶ୍ରୀ ମହାରଣାଙ୍କ ଦ୍ୱାରା ଜଳଛତ୍ର, ପଶୁପକ୍ଷୀ ମାନଙ୍କ ପାଇଁ ଜଳ, ଖାଦ୍ୟ ପ୍ରଦାନ କାର୍ଯ୍ୟକ୍ରମ ଏବେ ଠାରୁ ଆରମ୍ଭ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ଏବେ ସାଧୁବାଦ ଜ୍ଞାପନ କରାଯାଉଛି।

### ଐତିହ୍ୟ ଗ୍ରାମ ଘୋଷଣା ପ୍ରସଙ୍ଗରେ ସରକାରଙ୍କୁ ଘେରିଲା ବିଜେଡି

## ଡ. ମାନସିଂହ ଓ ନନ୍ଦଲାକୁ ଉପେକ୍ଷା ହୀନମନ୍ୟତାର ପରିଚୟ



ଭୁବନେଶ୍ୱର,୧୪।୩(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓଡ଼ିଶାର ୨୫ ଜଣ ବରପୁତ୍ରଙ୍କ ଗ୍ରାମକୁ ଐତିହ୍ୟ ଗ୍ରାମ ଭାବେ ଘୋଷଣା କରିଛନ୍ତି। ଅଥଚ ଏହି ତାଲିକାରେ କବି ପଦ୍ମଶ୍ରୀ ଡ. ମାୟାଧର ମାନସିଂହଙ୍କ ଗାଁ ନନ୍ଦଲା ଗ୍ରାମ ନାହିଁ। ସରକାରଙ୍କ ଏହି ବୈମାତୃକ ମନୋଭାବକୁ କଡ଼ା ସମାଲୋଚନା କରିଛନ୍ତି ବିଜେଡି ଉପସଭାପତି ସଞ୍ଜୟ କୁମାର ଦାସବର୍ମା। ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ଶ୍ରୀ ଦାସବର୍ମା କହିଛନ୍ତି ଯେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ୍‌ର ନନ୍ଦଲା ଗ୍ରାମ ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଅନ୍ୟତମ ଅନ୍ତୁଡ଼ିଶାଳ। ନିଜ କବିତା ମାଧ୍ୟମରେ ଡ. ମାନସିଂହଙ୍କ ପ୍ରେମ, ଜୀବନବାଦ ଓ ସୌନ୍ଦର୍ଯ୍ୟର ଯେଉଁ ନୂଆ ସୃଜନ କୋଣାର୍କ ଗଢ଼ିଛନ୍ତି ତା'ର ମୂକସାକ୍ଷୀ ନନ୍ଦଲା ଏକ ଆଧୁନିକ ତୀର୍ଥକ୍ଷେତ୍ର। ଧୂପ, ସାଧବ ଝିଅ, ହେମଶସ୍ୟ, ପଲ୍ଲୀସନ୍ଧ୍ୟା, ମହାନଦୀରେ ଜ୍ୟୋତ୍ସ୍ନା ବିହାର, ଦହନ ସୁଖ, ରୂପଦେବତା, କୋଣାର୍କ, ଉପେକ୍ଷିତା, ନିକ୍ୱଣ, ଶୁଭଦୃଷ୍ଟି, ଜେମା, କମଳାୟନ, ଦୂରେ ରହ ଆଦି କାଳଜୟୀ କାବ୍ୟକୃତିର ସ୍ରଷ୍ଟା ତଥା ପ୍ରଥମ ପୂର୍ଣ୍ଣାଙ୍ଗ 'ଓଡ଼ିଆ ସାହିତ୍ୟ ଇତିହାସ'ର ରଚୟିତା ଡ. ମାନସିଂହଙ୍କ ପ୍ରତି ସରକାର ଅବହେଳା କରିବା ହୀନମନ୍ୟତାର ପରିଚୟ ବୋଲି ଶ୍ରୀ ଦାସବର୍ମା କହିଛନ୍ତି। ସେ ଆହୁରି କହିଛନ୍ତି ଯେ ସାଂସ୍କୃତିକ ଓ ସାରସ୍ୱତ ବିବିଧତାରେ ସମୃଦ୍ଧ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀକୁ ଏବର ସରକାର ଓ ଜନପ୍ରତିନିଧି ଜାଣିଶୁଣି ଅବହେଳା କରୁଛନ୍ତି। ଓଡ଼ିଆ ଅସ୍ମିତାର ମିଥ୍ୟା ଆସ୍ଫାଳନ କରୁଥିବା ଡବଲ ଇଞ୍ଜିନ ସରକାର ଓଡ଼ିଆ ଅସ୍ମିତାର ଅନ୍ୟତମ ପରିଚାୟକ ଡ. ମାନସିଂହଙ୍କ ଗ୍ରାମକୁ ତୁରନ୍ତ ଏତିହ୍ୟ ଗ୍ରାମ ତାଲିକାଭୁକ୍ତ କରିବାକୁ ସେ ଦାବି କରିଛନ୍ତି।

## ଡିଜିଟାଲ୍ କ୍ଷେତ୍ରରେ ଶିଶୁଙ୍କ ସୁରକ୍ଷାକୁ ଗୁରୁତ୍ୱ



ଭୁବନେଶ୍ୱର,୧୪।୩(ସଂଚାର ବ୍ୟୁରୋ): ଓଡ଼ିଶା ପୁଲିସ୍ ଓ ୟୁନିସେଫ୍‌ର ମିଳିତ ସହଯୋଗରେ ଆଜି ସ୍ଥାନୀୟ ପୁଲିସ୍ ଭବନଠାରେ 'ଜୁଭେଣ୍ଟିକା- ଡିଜିଟାଲ୍ ଅଧିକାର ଓ ଶିଶୁଙ୍କ ସୁରକ୍ଷା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଡିଜିଟାଲ୍ ଦୁନିଆରେ ଶିଶୁମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଓ ସମ୍ଭାବନାଗୁଡ଼ିକର ମୁକାବିଲା ପାଇଁ ପ୍ରଶାସକ, ବରିଷ୍ଠ ପୁଲିସ୍ ଅଧିକାରୀ, ଶିକ୍ଷାବିତ୍, ଅଭିଭାବକ, ଛାତ୍ରଛାତ୍ରୀ ଓ ଶିଶୁ ଅଧିକାର ବିଶେଷଜ୍ଞମାନଙ୍କୁ ଏକାଠି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଅନଲାଇନ୍ ପରିବେଶରେ ଶିଶୁମାନଙ୍କର ଅଧିକାର ଓ କଲ୍ୟାଣକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଅନୁଷ୍ଠାନ, ପରିବାର ଓ ସମାଜ କିପରି ସହଯୋଗ କରିପାରିବେ, ସେ ନେଇ ଆଲୋଚନା କରାଯାଇଛି।

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶିଶୁମାନଙ୍କ ପ୍ରତି ଥିବା ସାଇବର ବିପଦ ଓ ଏହାର ମୁକାବିଲା ପାଇଁ ଆଇନ ପ୍ରଣୟନକାରୀ ସଂସ୍ଥାର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ ସାଇବର ନିରାପତ୍ତା ସଚେତନତା ବୃଦ୍ଧି ପାଇଁ ରାଜ୍ୟରେ ୨୦ଟି ନୂତନ ସାଇବର ପୁଲିସ୍ ଥାନା ପ୍ରତିଷ୍ଠା କରାଯାଇଛି ଓ ବୈଷୟିକ ସହାୟତା ପାଇଁ ସାଇବର ବିଶେଷଜ୍ଞମାନଙ୍କୁ ନିୟୋଜିତ କରାଯାଉଛି। ଏଥିସହ ୭୧ଟି ପୁଲିସ୍ ଥାନାରେ 'ଶିଶୁ ଅନୁକୂଳ ସ୍ଥାନ'ର ଉନ୍ନତିକରଣ କରାଯାଇଛି ଓ ଆଗାମୀ ଦିନରେ ସମଗ୍ର ଓଡ଼ିଶା ପୁଲିସକୁ ଶିଶୁ ଅନୁକୂଳ କରାଯିବ ବୋଲି ଶ୍ରୀ ଖୁରାନିଆ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ସେ ଡିଜିଟାଲ୍ କ୍ଷେତ୍ରରେ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ ପୁଲିସ୍ ଏବଂ ନାଗରିକ ସମାଜର ମିଳିତ ଦାୟିତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି।

ସେହିପରି ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର କହିଛନ୍ତି ଯେ ଭାରତର ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୨୦୧୧ରେ ୧୨୫ ମିଲିୟନ ଥିବା ବେଳେ ୨୦୨୧ରେ ଏହା ୮୪୫ ମିଲିୟନରେ ପହଞ୍ଚିଛି। ସାଇବର ୱିଙ୍ଗର 'ଚିଲଡ୍ରେନ୍ ଆଣ୍ଡ ୱିମେନ୍ ଅନଲାଇନ୍ ଆବ୍ୟୁଜ୍ ମନିଟରିଂ ୟୁନିଟ୍' ପକ୍ଷରୁ ଅନଲାଇନରୁ କ୍ଷତିକାରକ ତଥା ଅଶ୍ଳୀଳ ବିଷୟବସ୍ତୁ ହଟାଇବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସିଏଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ) ସାଇନି ଏସ୍. ଇଣ୍ଟରନେଟର ସୁରକ୍ଷିତ ବ୍ୟବହାର ପାଇଁ ଶିଶୁ, ଅଭିଭାବକ ଓ ଶିକ୍ଷକମାନଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶା ପୁଲିସ୍ ତରଫରୁ 'ରକ୍ଷା ସାଥୀ' ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଓ ଶିଶୁ କଲ୍ୟାଣ ପୁଲିସ୍ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ଦିଆଯାଇଛି।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ

### କୁଳପତିଙ୍କୁ ହଟାଇବାକୁ ଦାବି
### ଅଧ୍ୟାପକ ଅଭାବରୁ ପାଠପଢ଼ା ବାଧାପ୍ରାପ୍ତ



ସତ୍ୟବାଦୀ, ୧୪।୩ (ସଂଚାର ବ୍ୟୁରୋ): ଓଡ଼ିଆ ଭାଷା ସାହିତ୍ୟ ଉତ୍ତୋରୋତର ଗବେଷଣା ଓ ଅଭିବୃଦ୍ଧି ନିମନ୍ତେ ଐତିହ୍ୟ ସମ୍ପନ୍ନ ସତ୍ୟବାଦୀ ବନବିଦ୍ୟାଳୟରେ ଖୋଲାଯାଇଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟ ଏବେ ନାନା ଅବ୍ୟବସ୍ଥା ଘେରରେ ରହିଛି। ଶିକ୍ଷାଦାନ ଠାରୁ ଆରମ୍ଭ କରି, ଛାତ୍ରାବାସ, ପାଠାଗାର, ପ୍ରଶାସନିକ ପରିଚାଳନା ସହିତ କୁଳପତିଙ୍କ ଓଡିଆ ଅସ୍ମିତା ବିରୋଧି ଅଭିଭାଷଣ କୁ ନେଇ ଛାତ୍ର ଅଶାନ୍ତି ଦେଖାଯାଇଛି। ଫଳ ସ୍ୱରୂପ ଶନିବାର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ପ୍ଲାକାର୍ଡ ଧରି ଛାତ୍ରୀ ଛାତ୍ର ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଉଲ୍ଲେଖଯୋଗ୍ୟ , ୨୦୨୩ ମସିହାରେ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଆରମ୍ଭ କରାଯାଇଥିବା ବେଳେ ନୂତନ ସୌଧ ୨୦୨୪ ମସିହାରେ ଲୋକାର୍ପିତ ହୋଇଥିଲା। ଛାତ୍ରୀ ନିବାସରେ ପାନୀୟଜଳ ଓ ଅନ୍ୟାନ୍ୟ ଅସୁବିଧା ରହିଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ସେହିପରି ଆବଶ୍ୟକତା ଠାରୁ ବହୁତ କମ ସଂଖ୍ୟକ ଅଧ୍ୟାପକ ରହିଥିବାରୁ ପାଠପଢା ବାଧାପ୍ରାପ୍ତ ହୋଉଛି ଏବଂ ପାଠାଗାର ଖୋଲାଯାଉନି। ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟ ଓଡିଆ ଶାସ୍ତ୍ରୀୟ ଭାଷା ଦିବସ ପାଳନ ସମାରୋହରେ କୁଳପତିଙ୍କ ଓଡିଆ ଅସ୍ମିତା ବିରୋଧି ଅଭିଭାଷଣ କୁ ନେଇ ଛାତ୍ରୀ ଛାତ୍ର ମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। କୁଳପତି ଙ୍କ ଅଭିଭାଷଣ ଆଧାରରେ ବିଭିନ୍ନ ଖବରକାଗଜରେ ପ୍ରକାଶିତ ଖବର ' ସଂସ୍କୃତ ଓଡିଆ ଭାଷାର ଜନନୀ' ପ୍ରସଙ୍ଗ କୁନେଇ ସେମାନେ ଦୃଢ଼ ନିନ୍ଦା କରିଥିଲେ। ଏଭଳି ମନ୍ତବ୍ୟ ପାଇଁ ସେମାନେ କୁଳପତି ଙ୍କୁ ଦାୟୀ କରିବା ସହ ଓଡିଆ ବିଶ୍ୱବିଦ୍ୟାଳୟ ଦାୟିତ୍ୱରେ ରହିଥିବା ସଂସ୍କୃତ ପ୍ରଧ୍ୟାପକ ଙ୍କ ବଦଳରେ ଓଡ଼ିଆ ପ୍ରଧ୍ୟାପକଙ୍କ ନିଯୁକ୍ତି ସହିତ ଏଭଳି ଓଡିଆ ଭାଷା ବିରୋଧି ମନ୍ତବ୍ୟ ପାଇଁ କୁଳପତି କ୍ଷମା ମାଗିବାକୁ ହାତରେ ପ୍ଲାକାର୍ଡ ଧରି ଦାବି କରିଥିଲେ। ପରେପରେ ବିଶ୍ୱବିଦ୍ୟାଳୟ ଛାତ୍ରମଙ୍ଗଳ ଅଧିକାରୀ ସଙ୍ଗୀତା ଯେନା ଆନ୍ଦୋଳନ ଚଳାଇଥିବା ଛାତ୍ରୀ ଛାତ୍ର ମାନଙ୍କୁ ବୁଝାସୁଝା କରିବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏନେଇ କୁଳପତି ପ୍ର ଶତ୍ରୁଘ୍ନ ପାଣିଗ୍ରାହୀ ଙ୍କୁ ପଚାରିବାରେ ସେ କହନ୍ତି ଛାତ୍ରାବାସରେ ପାନୀୟ ଜଳ ଦୁର କରାଯାଇଛି। ଅନ୍ୟ ସମସ୍ୟା ଦୁର କରିବାକୁ ସେ କହିଥିଲେ। ମାତ୍ର ଓଡିଆ ଭାଷା ନେଇ ସେ ଯେଉଁ ଅଭିଭାଷଣ ଦେଇଥିଲେ ସେ ଠିକ୍ କହିଛନ୍ତି। ସେ ଅନେକ ଗବେଷଣାକୁ ଭିତ୍ତିକରି ସେ ଏହା କହିଛନ୍ତି।

## ଟ୍ରମ୍ପଙ୍କ ସହ ସାଲିସ କରିଛନ୍ତି ମୋଦି: ଯୁବ କଂଗ୍ରେସ




ଭୁବନେଶ୍ୱର,୧୪।୩(ସଂଚାର ବ୍ୟୁରୋ): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ପଦମର୍ଯ୍ୟାଦା ଓ ଦେଶର ସମ୍ମାନକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ସାଲିସ କରିଛନ୍ତି। ଟ୍ରମ୍ପଙ୍କ କଥାରେ ପ୍ରଧାନମନ୍ତ୍ରୀ କାଠ କଣ୍ଢେଇର ଭୂମିକା ନିର୍ବାହ କରୁଛନ୍ତି। ଟ୍ରମ୍ପଙ୍କ ଗୋଟିଏ ନିର୍ଦ୍ଦେଶରେ ସେ ରୁଷରୁ ତେଲ କିଣିବା ବନ୍ଦ କରିଦେଲେ। ପୁଣି ଟ୍ରମ୍ପଙ୍କ ନିର୍ଦ୍ଦେଶରେ ମାସକ ପାଇଁ ରୁଷରୁ ତେଲ କିଣିବାକୁ ଯାଉଛନ୍ତି। ଭାରତ କେଉଁଠୁ ତେଲ କିଣିବ, କାହା ସହ ବ୍ୟବସାୟ କରିବ, ତାହା ଆମେରିକା ନିର୍ଦ୍ଦେଶରେ ହିଁ ହେଉଛି। ପ୍ରଧାନମନ୍ତ୍ରୀଙ୍କ ଏପରି ଆଚରଣ ପଛରେ କାରଣ କ'ଣବୋଲି ଶ୍ରୀ ପାତ୍ର ପ୍ରଶ୍ନ କରିବା ସହ ଦେଶ କ'ଣ ପୁଣିଥରେ ପରାଧୀନ ହୋଇଗଲା କି ବୋଲି ପ୍ରଶ୍ନ କରିଛନ୍ତି।

ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ଟ୍ରମ୍ପଙ୍କୁ ଖୁସି କରିବା ସକାଶେ ଇପିଷ୍ଟେନର ଉପଦେଶ କ୍ରମେ ଇସ୍ରାଏଲରେ ଯାଇ ଅଭିନୟ କରି ଫେରିଛନ୍ତି। ମୋଦିଙ୍କର କ'ଣସବୁ ଦୁର୍ବଳତା ଟ୍ରମ୍ପଙ୍କ ପାଖରେ ରହିଛି ଯେ ସେ ଟ୍ରମ୍ପଙ୍କୁ ଏତେ ଭୟ କରୁଛନ୍ତି। ଅନ୍ୟପକ୍ଷରେ ଯୁଦ୍ଧର ଦୁଇଦିନ ପୂର୍ବରୁ ସେ ଇସ୍ରାଏଲକୁ ଫାଦର କଣ୍ଟ୍ରି ବୋଲି ଘୋଷଣା କରିବା ଦୁଃଖଦାୟକ। ଇସ୍ରାଏଲ ବିଜେପି କିମ୍ବା ପ୍ରଧାନମନ୍ତ୍ରୀଙ୍କ ସହଯୋଗୀ ଅନୁଷ୍ଠାନଗୁଡ଼ିକର ଫାଦର କଣ୍ଟ୍ରି ହୋଇପାରେ, କିନ୍ତୁ ଭାରତବାସୀ ଏହାକୁ ଆଦୌ ସ୍ୱୀକାର କରିବେ ନାହିଁ। ଗତବର୍ଷ ଘରୋଇ ଗ୍ୟାସ ସିଲିଣ୍ଡର ପିଛା ମୋଦି ସରକାର ୫୦ ଟଙ୍କା ବଢ଼ାଇଥିଲେ। ଚଳିତବର୍ଷ ପୁଣି ୬୦ ଟଙ୍କା ବଢ଼ାଇଲେ। ବ୍ୟାବସାୟିକ ଗ୍ୟାସ ସିଲିଣ୍ଡର ପିଛା ୧୧୫ ଟଙ୍କା ବଢ଼ିଛି। ଏବେ ଗ୍ୟାସ ଅଭାବ କାରଣରୁ ସ୍କୁଲ, କଲେଜ, ହଷ୍ଟେଲ, ହସପିଟାଲଗୁଡ଼ିକରେ ଅଭାବନୀୟ ପରିସ୍ଥିତି ଦେଖାଦେଲାଣି। ଆବାସିକ ସ୍କୁଲଗୁଡ଼ିକ ବନ୍ଦ ହେବା ପରିସ୍ଥିତିକୁ ଗଲାଣି। ହୋଟେଲଗୁଡ଼ିକ ମଧ୍ୟ ବନ୍ଦ ହେବା ଉପରେ। ସାରା ଦେଶରେ ଗ୍ୟାସ ଅଭାବ ନେଇ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିଲେ ହେଁ ସରକାର କହୁଛନ୍ତି ଗ୍ୟାସ ମହଜୁଦ ଅଛି। ସେପଟରେ କଳାବଜାରୀମାନେ ସରକାରଙ୍କର ନିୟନ୍ତ୍ରଣ ଅଭାବରୁ ଏହି ପରିସ୍ଥିତିର ଫାଇଦା ନେଉଛନ୍ତି। ସୁତରାଂ ବର୍ଦ୍ଧିତ ଗ୍ୟାସ ଦର ପ୍ରତ୍ୟାହାର କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ ନ କଲେ ଯୁବ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ପାତ୍ର ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ ଓ ଜାଭେଦ ଅକତର ଉପସ୍ଥିତ ଥିଲେ।

## ବିଏମ୍‌ସିର ସଫେଇ ମିତ୍ର ସୁରକ୍ଷା ଶିବିର



ଭୁବନେଶ୍ୱର,୧୪।୩(ସଂଚାର ବ୍ୟୁରୋ): ସାରା ସହରରେ ପରିମଳର ମାନଦଣ୍ଡକୁ ପ୍ରମୁଖ ସ୍ତରରେ ପହଞ୍ଚାଇବା ଓ ମହିଳାଙ୍କ ସହଭାଗିତାରେ ପରିମଳ ବ୍ୟବସ୍ଥା କିପରି ଆଗେଇ ଚାଲିଛି, ତାହାକୁ ପ୍ରତିପାଦିତ କରିଚାଲିଛି ଭୁବନେଶ୍ୱର ମହାନଗର ନିଗମ(ବିଏମସି)। ଚଳିତ ବର୍ଷର ଅନ୍ତର୍ଜାତୀୟ ମହିଳା ଦିବସ ଅଧୀନରେ ନାରୀ ଲିଙ୍ଗ ସ୍ୱଚ୍ଛତା ଅଭିଯାନ ଚାଲୁ ରହିଥିବା ବେଳେ ଏହାର ଶେଷ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଛି ସଫେଇ ମିତ୍ର ସୁରକ୍ଷା ଶିବିର। ଆଜି ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ମେୟର ସୁଲୋଚନା ଦାସ। କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ଅନେକ କର୍ପୋରେଟର, ଡେପୁଟି କମିଶନର ଉପସ୍ଥିତ ଥିଲେ। ପୋଖରୀପୁଟ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବିଏମସି ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆସିଥିବା ଡାକ୍ତରୀ ଟିମ ସ୍ୱଚ୍ଛ କର୍ମୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ଯେଉଁମାନେ ସକାଳୁ ଉଠି ଆମର ଅଳିଆ ନେଇଯାଇଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ଆମର ଏକ ନୈତିକ ତଥା ସାମୂହିକ ଦାୟିତ୍ୱ ବୋଲି କହିଛନ୍ତି ମେୟର ଓ କମିଶନର।

● ସିସିଟିଭି ଫୁଟେଜ୍‌ରେ ପୂରା ଘଟଣା

## ଦିବ୍ୟାଙ୍ଗଙ୍କୁ ମାଡ଼ ମାରିଥିବା ଡାକ୍ତରଙ୍କ ବିରୋଧରେ ମାମଲା

ଭଞ୍ଜନଗର, ୧୪।୩ (ସଂଚାର ବ୍ୟୁରୋ) : ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ମେଡିକାଲକୁ ସାସ୍ଥ୍ୟ ପରୀକ୍ଷା କରିବାକୁ ଶୁକ୍ରବାର ଯାଇଥିବା ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ଜଣେ ମହିଳା ଡାକ୍ତର ଆକ୍ରମଣ କରିଥିଲେ। ଏନେଇ ମହିଳାଙ୍କ ପୁଅ ଧର୍ମରାଜ ଭୂୟାଁ ଶୁକ୍ରବାର ଥାନାରେ ଏ ଘଟଣା ସଂପର୍କରେ ଅଭିଯୋଗ କରିଥିଲେ। ପୋଲିସ ଶୁକ୍ରବାର ହିଁ ଏନେଇ ୨୧୧/୨୬ ରେ ଏକ ମାମଲା ଡାକ୍ତରଙ୍କ ବିରୋଧରେ ରୁଜୁ କରିଥିଲା। ଏଥିସହ ପୋଲିସ ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲର ସିସିଟିଭି ଫୁଟେଜକୁ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ନୂଆ ଆଇନ ଅନୁସାରେ ଡାକ୍ତରଙ୍କୁ ନୋଟିସ ପଠାଯାଇଛି। ଶନିବାର ଉକ୍ତ ଘଟଣାର ଭିଡିଓ ଭାଇରଲ ହେବାପରେ ସହରରେ ଚର୍ଚ୍ଚାର ବିଷୟ ହୋଇଛି।

## ନୃସିଂହ ମଲ୍ଲ ଅଡିଟୋରିୟମର ଅପବ୍ୟବହାର ହେଉଛି !

### ସୂଚନାଧିକାର ଆଇନରେ ମିଳୁନି ତଥ୍ୟ

କଟକ,୧୪।୩(ସଂଚାର ବ୍ୟୁରୋ): ୪୬ ନମ୍ବର ୱାର୍ଡର ସର୍ବପୁରାତନ ବିଦ୍ୟାଳୟ କମଳାକାନ୍ତ ବିଦ୍ୟାପୀଠ ପରିସରସ୍ଥିତ ନୃସିଂହ ମଲ୍ଲ ଅଡିଟୋରିୟମ ଛାତ୍ରଛାତ୍ରୀଙ୍କ କାର୍ଯ୍ୟରେ ବ୍ୟବହାର ହେଉନାହିଁ। ବରଂ ଜନୈକ ପ୍ରଭାବଶାଳୀ ବ୍ୟକ୍ତି ଅଡିଟୋରିୟମ୍ ପଛପଟେ ଏକ ଦ୍ୱାର ଖୋଲି ରାତିରେ ଭିତରେ କି କାମ କରୁଛନ୍ତି, ତା' ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏପରିକି ଉକ୍ତ ଅଡିଟୋରିୟମ୍‌ର ଅପବ୍ୟବହାର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପ୍ରକୃତରେ ବିଦ୍ୟାପୀଠ ମୁଖ୍ୟ ପ୍ରବେଶଦ୍ୱାର ଦେଇ ଅଡିଟୋରିୟମକୁ ଯିବା ପାଇଁ ରାସ୍ତା ଥିବା ବେଳେ ସ୍କୁଲ ଛୁଟି ପରେ ଅଡିଟୋରିୟମ ଭିତରକୁ ଯିବା ସକାଶେ ପଛପଟେ ଏକ ଗେଟ୍ ନିର୍ମାଣ କରାଯାଇଛି। ରାତିରେ ଅଡିଟୋରିୟମ ଭିତରେ କି କି କାମ ହେଉଛି, ଏହାକୁ କେଉଁ ବିଭାଗୀୟ ଅଧିକାରୀ ଅନୁମତି ଦେଇଛନ୍ତି ଓ ଅଡିଟୋରିୟମ ରକ୍ଷଣାବେକ୍ଷଣ, ମରାମତି ବାବଦରେ କେଉଁ ପାଣ୍ଠିରୁ କେତେ ଅର୍ଥ ବ୍ୟୟ ହେଉଛି, ଏହା ଦାୟିତ୍ୱରେ କିଏ ରହିଛି, ଏସବୁ ଜାଣିବା ପାଇଁ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ଗତବର୍ଷ ଅକ୍ଟୋବର ୨୯ ତାରିଖରେ ସୂଚନା ଅଧିକାର ଆଇନରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ତଥ୍ୟ ମାଗିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତଥ୍ୟ ପ୍ରଦାନ କରିବା ପାଇଁ କଟକ ମହାନଗର ନିଗମକୁ ପଠାଇବା ପରେ ତଥ୍ୟ ନ ମିଳିବାରୁ ଜିତେନ୍ଦ୍ର ଗତ ୧୯ ତାରିଖରେ ସିଏମସିରେ ପ୍ରଥମ ଅପିଲ କରିଥିଲେ। ତଥ୍ୟ ପ୍ରଦାନ କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଇବା ସହ ଅପିଲ ଶୁଣାଣିରେ ଉପସ୍ଥିତ ରହିବା ପାଇଁ ସିଏମସି ଚିଠି କରିଥିବା ବେଳେ ଗତ ୧୧ ତାରିଖରେ ସିଏମସି ପ୍ରଥମ ଅପିଲ କର୍ତ୍ତୃପକ୍ଷ ଅପିଲ ଶୁଣାଣିରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କୌଣସି ଅଧିକାରୀ ଉପସ୍ଥିତ ନ ଥିଲେ କି ସଠିକ ତଥ୍ୟ ମଧ୍ୟ ମିଳିନଥିବା ଜିତେନ୍ଦ୍ର ଅଭିଯୋଗ କରିଛନ୍ତି। ତେବେ ନୃସିଂହ ମଲ୍ଲ ଅଡିଟୋରିୟମ କେଉଁ ପାଣ୍ଠିରେ ନିର୍ମାଣ ଓ ରକ୍ଷଣାବେକ୍ଷଣ ହେଉଛି ଏବଂ ସ୍କୁଲ ଛୁଟି ପରେ ରାତିରେ ପଛପଟ ଗେଟ୍ ଖୋଲି ଅଡିଟୋରିୟମ ଭିତରେ କ'ଣ ହେଉଛି, ସେନେଇ ସଠିକ ତଥ୍ୟ ମିଳୁ ନ ଥିବା ନେଇ ସନ୍ଦେହ ସୃଷ୍ଟି ହେବା ସହ ଉକ୍ତ ସମୟରେ କୌଣସି ଅଘଟଣ ଘଟିଲେ କିଏ ଦାୟୀ କିଏ ରହିବ, ସେନେଇ ଜିତେନ୍ଦ୍ର ପ୍ରଶ୍ନ କରିଛନ୍ତି।




### ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

## ୫୦,୯୬୨ଟି ମାମଲାର ଫଇସଲା

ଭୁବନେଶ୍ୱର,୧୪।୩(ସଂଚାର ବ୍ୟୁରୋ):ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭୁବନେଶ୍ୱରଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଓ ରାଜସ୍ୱ ଅଦାଲତ ପରିସରରେ ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଚିଲିକା, ଟାଙ୍ଗି, ବେଗୁନିଆ ଓ ଜଟଣୀଠାରେ ଚଳିତ ବର୍ଷର ହୋଇଛି। ମୋଟ ୫ ହଜାର ୩୨୩ଟି ଦେୱାନି ଓ ଫୌଜଦାରୀ ମାମଲାର ଫଇସଲା ହୋଇଥିବା ବେଳେ ୪୫ ହଜାର ୨୪୫ଟି ରାଜସ୍ୱ ଓ ୩୯୪ଟି ପ୍ରାକ ମକଦ୍ଦମାର ଫଇସଲା କରାଯାଇଛି।ଉକ୍ତ ଲୋକ ଅଦାଲତରେ ଫୌଜଦାରୀ ସାଲିସ୍‌ଯୋଗ୍ୟ ମାମଲା, ଚେକ୍ ବାଉନ୍ସ, ବ୍ୟାଙ୍କ ରିକଭରି, ମୋଟର



ପ୍ରଥମ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଉକ୍ତ ଲୋକ ଅଦାଲତରେ ମୋଟ ୮୮ ହଜାର ୬୯୪ଟି ମାମଲା ଆଗତ ହୋଇଥିବା ବେଳେ ସେଥିମଧ୍ୟରୁ ୫୦ ହଜାର ୯୬୨ଟି ମାମଲାର ଫଇସଲା କରାଯାଇଛି। ଏହି ମାମଲାଗୁଡ଼ିକର ଫଇସଲା କରାଯାଇ ମୋଟ ୧୮ କୋଟି ୫୫ ଲକ୍ଷ ୫୬ ହଜାର ୧୪୯ ଟଙ୍କାର ରାଜସ୍ୱ, ଜରିମାନା ଆଦାୟ କରାଯିବା ସହ ରାଜିନାମା ସ୍ୱାକ୍ଷରିତ ଯାନ ଦୁର୍ଘଟଣା, ଶ୍ରମ, ଟ୍ରାଫିକ ଚାଲାଣ ମାମଲା, ବିଭିନ୍ନ ଜନୋପଯୋଗୀ ମାମଲା, ବୈବାହିକ, ଜମି ଅଧିଗ୍ରହଣ, ରାଜସ୍ୱ ଓ ଦେୱାନି ମାମଲା ସହ ବ୍ୟାଙ୍କ ଋଣ ଅନାଦେୟ, ଟେଲିଫୋନ୍, ବିଦ୍ୟୁତ ବିଲ୍ ଏବଂ ପ୍ରାକ୍ ମକଦ୍ଦମାର ଫଇସଲା ହୋଇଥିଲା। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାନ୍ତି ଧନ୍ୟବାଦ ଦେଇଛନ୍ତି।

## ଓଡ଼ିଆ ଭାଷାର ପ୍ରାଚୀନ ବିଭବ ହିଁ ଏହାର ଅସ୍ମିତା




ଭୁବନେଶ୍ୱର, ୧୪।୩ (ସଂଚାର ବ୍ୟୁରୋ) : ଓଡ଼ିଆ ଭାଷାର ପ୍ରାଚୀନତା, ଏହାର ଐତିହ୍ୟ ଓ ସଂସ୍କୃତିରେ ବିଦ୍ୟମାନ । ଓଡ଼ିଆ ସାହିତ୍ୟର ଯୁଗାନ୍ତକାରୀ ସୃଷ୍ଟି ସାରଳା ମହାଭାରତ, ଜଗମୋହନ ରାମାୟଣ, ଭାଗବତ ଏହାର ଅସ୍ମିତା ଭାବେ ପରିଚିତ ହୋଇଆସିଛି ବୋଲି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଆଲୋଚନାଚକ୍ରର ଉଦ୍‌ଘାଟନୀ ସଭାରେ ବିଶିଷ୍ଟ ବାଗ୍ମୀ ତଥା ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁଦର୍ଶନ ନାୟକ ଉଦ୍‌ଘାଟକ ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ଆଲୋଚନାଚକ୍ର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଚିନ୍ତକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓଡ଼ିଶାର ଖାଦ୍ୟପେୟ, ବେଶଭୂଷାରେ ଓଡ଼ିଆ ଅସ୍ମିତାର କିପରି ପ୍ରତିଫଳନ ଘଟିଛି ତାହା ଉପରେ ମତ ରଖିଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଡ. ରମେଶ ଚନ୍ଦ୍ର ବେହେରା ଓଡ଼ିଆ ଭାଷାର ପ୍ରାଚୀନ ବିଭବ, ଏହାର ପ୍ରାଚୀନ ସାହିତ୍ୟ କେବଳ ଶାସ୍ତ୍ରୀୟତାର ଗୁଣନୁହେଁ, ବରଂ ଅସ୍ମିତାର ପରିଚୟ ବୋଲି ଉଲ୍ଲେଖ କରିଥିଲେ । ଏହି ଉତ୍ସବରେ ସାରଳା ଦାସ ଚେୟାର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ସାରଳା ଓ ପ୍ରାକ୍ ସାରଳା ସାହିତ୍ୟ ଓଡ଼ିଆ ଭାଷାର ଶାସ୍ତ୍ରୀୟତାର ବିଭିନ୍ନ ଆଧାର ସଂପର୍କରେ ମତ ରଖିଥିଲେ । ଆଲୋଚକ ଭାବେ ଡ. ମମତାରାଣୀ ବେହେରା, ଡ. ଦେବାଶିଷ ମହାପାତ୍ର, ଡ. ତ୍ରିନାଥ ମଲ୍ଲିକ ଓଡ଼ିଆ ଅସ୍ମିତା ଓ ଭାଷାର ଶାସ୍ତ୍ରୀୟତା ସଂପର୍କରେ ବକ୍ତବ୍ୟ ରଖିଥିବା ବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଓଡ଼ିଶାର ଚିତ୍ରକଳା ଓ ଅସ୍ମିତା ସଂପର୍କରେ ଉଲ୍ଲେଖ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସହସଚିବ ସଞ୍ଜୟ କୁମାର ଛୁଆଲସିଂହ ସ୍ୱାଗତ ଭାଷଣ ଦେବା ସହ ଏକାଡେମୀର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ମତ ରଖିଥିଲେ । ସଭାମୁଖ୍ୟ ଭାବେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓଡ଼ିଆ ଅସ୍ମିତାର ବିକାଶରେ ବିଶ୍ୱବିଦ୍ୟାଳୟର ଭୂମିକା ଓ ଆଗାମୀ ଦିନରେ ଯୁବପିଢ଼ିଙ୍କ ଦାୟିତ୍ୱ ସଂପର୍କରେ ମତ ରଖିଥିଲେ। ଓଡ଼ିଶୀ କଣ୍ଠ ସଂଗୀତ ବିଭାଗର ଗୁରୁ ଡ. ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଗଙ୍ଗାଧର ମେହେରଙ୍କ ରଚନାରୁ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା ।

## ରାଜ୍ୟରେ ବଢୁଛି ବୃଦ୍ଧାଶ୍ରମ



ଭୁବନେଶ୍ୱର,୧୪।୩: ସାକ୍ଷରତା ଓ ମୁଣ୍ଡପିଛା ଆୟ ବୃଦ୍ଧି ସହ ତାଳଦେଇ ରାଜ୍ୟରେ ବୃଦ୍ଧାଶ୍ରମ ସଂଖ୍ୟା ବି ବଢ଼ିଚାଲିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୪୧ଟି ବୃଦ୍ଧାଶ୍ରମ ଥିବା ବେଳେ ରାଜ୍ୟ ସରକାର ଆଉ ୫ଟି ବୃଦ୍ଧାଶ୍ରମ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି।

ବୃଦ୍ଧ ବାପା-ମା'ଙ୍କୁ ଲୋକେ ଘରେ ରଖିବା ବଦଳରେ ଏବେ ବୃଦ୍ଧାଶ୍ରମରେ ଛାଡ଼ି ଦେଉଥିବାରୁ ରାଜ୍ୟରେ ବୃଦ୍ଧାଶ୍ରମ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାଛଡ଼ା ପାରିବାରିକ କାରଣ ଯୋଗୁଁ ଅନେକ ବୁଢ଼ାବୁଢ଼ୀ ମଧ୍ୟ ବୃଦ୍ଧାଶ୍ରମରେ ରହୁଛନ୍ତି। ବିଦେଶରେ ରୋଜଗାର କରୁଥିବା କିଛି ଲୋକ ମଧ୍ୟ ନିଜ ବାପା- ମା'ଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଦେଉଛନ୍ତି। ଏମାନଙ୍କ ଛଡ଼ା ଅନେକ ନିରାଶ୍ରୟ ବୁଢ଼ାବୁଢ଼ୀ ମଧ୍ୟ ବୃଦ୍ଧାଶ୍ରମକୁ ନିଜର ଠିକଣା ଭାବେ ବାଛି ନେଉଛନ୍ତି। ଏଥିପାଇଁ ସେମାନେ ଆବଶ୍ୟକ ଅର୍ଥ ମଧ୍ୟ ପ୍ରଦାନ କରୁଛନ୍ତି।

ଦିନକୁ ଦିନ ଏଭଳି ଧାରା ଜାରି ରହିଥିବାରୁ ରାଜ୍ୟରେ ବୃଦ୍ଧାଶ୍ରମ ସଂଖ୍ୟା ବଢ଼ିବାରେ ଲାଗିଛି। ବୃଦ୍ଧାଶ୍ରମ ପ୍ରତିଷ୍ଠା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସହାୟତା ଯୋଗାଇ ଦେଉଛନ୍ତି। କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟରେ ୮୮ଟି ବୃଦ୍ଧାଶ୍ରମ ଚାଲୁଥିବା ବେଳେ ରାଜ୍ୟ ସରକାରଙ୍କ ଅନୁଦାନରେ ୫ଟି ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅନୁଦାନରେ ୫ଟି ବୃଦ୍ଧାଶ୍ରମ ବିଭିନ୍ନ ବେସରକାରୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ହେଉଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ବୃଦ୍ଧାଶ୍ରମଗୁଡ଼ିକୁ କେନ୍ଦ୍ରରୁ ସିଧାସଳଖ ଅନୁଦାନ ଆସିଥାଏ। ରାଜ୍ୟ ସରକାରଙ୍କ ଅନୁଦାନରେ ପରିଚାଳିତ ୨୫ ଶଯ୍ୟା ବିଶିଷ୍ଟ ବୃଦ୍ଧାଶ୍ରମଗୁଡ଼ିକୁ ବାର୍ଷିକ ୧୫ ଲକ୍ଷରୁ ଅଧିକ ସହାୟତା ସହାୟତା ଦିଆଯାଉଛି।

ତେବେ ରାଜ୍ୟରେ ବୁଢ଼ାବୁଢ଼ୀମାନଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ରାଜ୍ୟ ସରକାର ଚଳିତ ବର୍ଷ ପୁରୀ, ଗଞ୍ଜାମ, କନ୍ଧମାଳ, ସମ୍ବଲପୁର ଜିଲ୍ଲାରେ ୫୦ ଶଯ୍ୟା ବିଶିଷ୍ଟ ୫ଟି ବୃଦ୍ଧାଶ୍ରମ ପ୍ରତିଷ୍ଠାକୁ ମଞ୍ଜୁରୀ ଦେଇଛନ୍ତି। ସେହିପରି ମାଲକାନଗିରି, ଅନୁଗୁଳ, ବରଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାରେ ଥିବା ୬ଟି ବୃଦ୍ଧାଶ୍ରମକୁ ଅନୁଦାନ ଯୋଗାଇଦେବାକୁ କେନ୍ଦ୍ର ସରକାରଙ୍କୁ ସୁପାରିସ୍ କରାଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବୃଦ୍ଧାଶ୍ରମଗୁଡ଼ିକୁ ଅନୁଦାନ ଯୋଗାଇଦେବା ଓ ପ୍ରତି ଜିଲ୍ଲାରେ ଏହାର ଚାହିଦା ବୃଦ୍ଧି ପାଉଥିବାରୁ ବେସରକାରୀ ସଂସ୍ଥାମାନେ ମଧ୍ୟ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ତେବେ ରାଜ୍ୟରେ ମୁଣ୍ଡପିଛା ଆୟ ବଢ଼ିବା ସହ ସାକ୍ଷରତା ହାର ବଢ଼ିଥିବାବେଳେ ଜନ୍ମିତ ପିତାମାତାଙ୍କୁ ପରିବାର ସଦସ୍ୟମାନେ ଅଲୋଡ଼ା ମନେ କରି ବୃଦ୍ଧାଶ୍ରମରେ ଛାଡ଼ିବାର ଧାରା ଜାରି ରହିଛି। ବିଶେଷକରି ଯୁବବର୍ଗ ବୁଢ଼ାବୁଢ଼ୀଙ୍କୁ ସେମାନଙ୍କ ପାଇଁ ବୋଝ ବୋଲି ବିଚାରୁଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ ସହରାଞ୍ଚଳରେ ନିଜ ଘରଠାରୁ ଅଳ୍ପ ଦୂରରେ ଥିବା ବୃଦ୍ଧାଶ୍ରମରେ ଅର୍ଥ ପ୍ରଦାନ କରି ପିତାମାତାଙ୍କୁ ଛାଡ଼ିବାକୁ ପୁଅମାନେ ପଛାଉନାହାନ୍ତି। ବୃଦ୍ଧ ବୟସରେ ଲୋକଙ୍କୁ ସହାୟତା ପାଇଁ ବଢ଼ିଚାଲିଥିବା ଏହି ବୃଦ୍ଧାଶ୍ରମ ସଂଖ୍ୟା ଆଗାମୀ ଦିନରେ ଗୁରୁତର ସାମାଜିକ ଓ ପାରିବାରିକ ସମସ୍ୟା ସୃଷ୍ଟି କରିବ ବୋଲି ଏ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀମାନେ ମତ ଦେଉଛନ୍ତି। (ତଥ୍ୟ)

## ଏଆଇଟିୟୁସିର ଜାତୀୟ କାର୍ଯ୍ୟକାରୀ କମିଟି ବୈଠକ

### ଶ୍ରମ କୋଡ୍, ବାଣିଜ୍ୟିକ ଚୁକ୍ତି ଓ ଯୁଦ୍ଧରେ ଭାରତର ଭୂମିକା ଉପରେ ଆଲୋଚନା

ଭୁବନେଶ୍ୱର,୧୪।୩(ସଂଚାର ବ୍ୟୁରୋ): ଦେଶର ସର୍ବପ୍ରଥମ ସର୍ବଭାରତୀୟ ଟ୍ରେଡ ୟୁନିୟନ ଏଆଇଟିୟୁସିର ଦୁଇଦିନିଆ ଜାତୀୟ କାର୍ଯ୍ୟକାରୀ କମିଟି ବୈଠକ ରୋଟାରୀ ଭବନଠାରେ ଉଦ୍‌ଘାଟିତ ହୋଇଛି। ଏଆଇଟିୟୁସି ସଭାପତି କମ୍ରେଡ୍ ରମେନ୍ଦ୍ର କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ସାଧାରଣ ସମ୍ପାଦକ କମ୍ରେଡ୍ ଅମରଜିତ୍ କାଉର ଉଦଘାଟନ କରିଥିଲେ। ଶ୍ରମ ଶୋଷଣକାରୀ ଶିଳ୍ପପତି, ବ୍ୟବସାୟୀଙ୍କ ସ୍ୱାର୍ଥରେ ପ୍ରଣୟନ କରିଥିବା ଶ୍ରମ କୋଡ୍ ରଦ୍ଦ କରିବା ଦାବି ନେଇ ଆସନ୍ତା ୧ରେ ଓ ଓଡ଼ିଶା ଗଠନ ଦିବସ ହେତୁ ଓଡ଼ିଶାରେ ଆସନ୍ତା ୨ରେ ଦେଶବ୍ୟାପୀ ଶ୍ରମିକ ଆନ୍ଦୋଳନ ପାଇଁ ଶ୍ରୀ କାଉର୍ ଆହ୍ୱାନ ଦେଇଛନ୍ତି। ଆମେରିକା- ଭାରତ, ୟୁରୋପୀୟ ସଂଘ ସହ ଭାରତର ମୁକ୍ତ ବାଣିଜ୍ୟ ଚୁକ୍ତି ଦେଶର କୃଷି ଓ ଶିଳ୍ପ ବାଣିଜ୍ୟକୁ ଧ୍ୱଂସ କରିବା ସହ କୃଷକ, ଶ୍ରମିକ ଓ ସମସ୍ତ ବର୍ଗର ଜନଗଣଙ୍କ ବୃତ୍ତିକୁ ଧ୍ୱଂସ କରିଦେବ ବୋଲି ସେ କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି। ଆମେରିକା-ଭାରତ ଚୁକ୍ତିର ସର୍ତ୍ତାବଳୀ ଦେଶବାସୀଙ୍କୁ ନ ଜଣାଇ ଦେଶର ଅର୍ଥନୈତିକ ଓ ରାଜନୈତିକ ସାର୍ବଭୌମତ୍ୱକୁ ଜଳାଞ୍ଜଳି ଦିଆଯାଇଛି। ଯୁଦ୍ଧ ଆଳରେ ସରକାର ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରୀକୁ ପ୍ରୋତ୍ସାହନ ଦେଇଛନ୍ତି। ତେଣୁ ଏହା ବିରୋଧରେ ସମସ୍ତେ ଏକାଠି ହେବାକୁ ଶ୍ରୀ କାଉର୍ ଆହ୍ୱାନ ଦେଇଛନ୍ତି। ବୈଠକରେ ସର୍ବଭାରତୀୟ ଉପସଭାପତି ବିଦ୍ୟା ସାଗର ଗିରି, ରମେନ ଦାସ, ହରିଦ୍ୱାର ସିଂହ, ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ମହମ୍ମଦ ୟୁସୁଫ, ସୁକୁମାର ଭି ଦାମଲେ ପ୍ରମୁଖ ବିଭିନ୍ନ ପ୍ରସ୍ତାବରେ ଆଲୋଚନା କରିଛନ୍ତି।



ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪

ରବିବାର ୧୫ ମାର୍ଚ୍ଚ ୨୦୨୬, ଭୁବନେଶ୍ୱର
Monday 15 March 2026, Bhubaneswar

# ରନ୍ଧନ ସ୍ୱାଧୀନତାର ପରୀକ୍ଷା

ମାର୍ଚ୍ଚ ୨୦୨୬ ମାସ ଆସିଛି ଏକ ଅପ୍ରତ୍ୟାଶିତ ସଙ୍କଟ ସହିତ। ପଶ୍ଚିମ ଏସିଆରେ ଇରାନ-ଇସ୍ରାଏଲ-ଆମେରିକା ଯୁଦ୍ଧର ପ୍ରଭାବରେ ହର୍ମୁଜ ପ୍ରଣାଳୀ ଅବରୋଧ ହୋଇଛି। ଏହି ପ୍ରଣାଳୀ ଦେଇ ବିଶ୍ୱର ୨୦ ପ୍ରତିଶତ ଏଲପିଜି ପରିବହନ ହୁଏ। ଭାରତ ଯାହା ବିଶ୍ୱର ଦ୍ୱିତୀୟ ବୃହତ୍ତମ ଏଲପିଜି ଆମଦାନିକାରୀ, ତା'ର ୬୦ ପ୍ରତିଶତ ଏଲପିଜି ଆମଦାନି ଏହି ପଥରେ ଆସେ। ଫଳରେ ଘରୋଇ ଏଲପିଜି ଯୋଗାଣରେ ସଙ୍କଟ ଦେଖାଦେଇଛି। ହୋଟେଲ, ରେଷ୍ଟୁରାଣ୍ଟ ଓ ବ୍ୟବସାୟିକ ଉପଭୋକ୍ତାଙ୍କ ପାଇଁ ସିଲିଣ୍ଡର ଅଦୃଶ୍ୟ ହୋଇଯାଇଛି। ଦିଲ୍ଲୀରେ ଘରୋଇ ୧୪.୨ କେଜି ସିଲିଣ୍ଡରର ମୂଲ୍ୟ ୯୧୩ ଟଙ୍କା ହୋଇଛି, ଯାହା ଗତ ସପ୍ତାହର ମୂଲ୍ୟଠାରୁ ୬୦ ଟଙ୍କା ଅଧିକ। ଭୟଭିତ ହୋଇ ଅଧିକ କିଣିବା ଓ ଲମ୍ବା ଧାଡ଼ି ଏବେ ସାରା ଦେଶରେ ଗ୍ୟାସ ଡିପୋ ଆଗରେ ଏକ ସାଧାରଣ ଦୃଶ୍ୟ ହୋଇଛି। ଏହି ସଙ୍କଟର ମୂଳ କାରଣ ଆମର ଆମଦାନି ନିର୍ଭରତା। ଘରୋଇ ଉତ୍ପାଦନ ମାତ୍ର ୪୦ ପ୍ରତିଶତ। ବାକି ୬୦ ପ୍ରତିଶତ ଗଲ୍ଫ ଦେଶରୁ ଆସେ। ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ରିଫାଇନାରିଗୁଡ଼ିକୁ



ଏଲପିଜି ଉତ୍ପାଦନ ବଢ଼ାଇବାର ନିର୍ଦ୍ଦେଶ ଦେଇଛନ୍ତି। ଉତ୍ପାଦନ ୨୮ରୁ ୩୦ ପ୍ରତିଶତ ବୃଦ୍ଧି, ଶିଳ୍ପକୁ କମ୍ ଯୋଗାଣ ଓ ଘରୋଇ ଉପଭୋକ୍ତାଙ୍କୁ ପ୍ରାଥମିକତା ଭଳି ପଦକ୍ଷେପ ନିଆଯାଇଛି। ପେଟ୍ରୋଲିୟମ୍ ମନ୍ତ୍ରାଳୟ କହୁଛି, କୌଣସି ଶୁଷ୍କତା ନାହିଁ, କେବଳ ଚିନ୍ତା ଅଛି। କିନ୍ତୁ ବାସ୍ତବତା ଭିନ୍ନ। ମୁମ୍ବାଇ, ଚେନ୍ନାଇ, କେରଳରେ ରେଷ୍ଟୁରାଣ୍ଟ ବନ୍ଦ ହେବାରେ ଲାଗିଛି। ଅଟୋ ରିକ୍ସା ଚାଳକ ଓ ଛୋଟ ହୋଟେଲ ମାଲିକଙ୍କ ଜୀବିକା ସଙ୍କଟରେ। ଗରିବ ପରିବାରର ମହିଳାମାନେ ପୁଣି କାଠ-କୋଇଲା ବ୍ୟବହାର କରିବାକୁ ବାଧ ହେଉଛନ୍ତି, ଯାହା ସ୍ୱାସ୍ଥ୍ୟ ଓ ପରିବେଶକୁ କ୍ଷତି ପହଞ୍ଚାଉଛି।

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ମାଧମରେ କୋଟିକୋଟି ଘରକୁ ଏଲପିଜି ପହଞ୍ଚାଇଛି ସତ, କିନ୍ତୁ ରିଫିଲ୍ ମୂଲ୍ୟ ବୃଦ୍ଧି ସହିବା ଗରିବଙ୍କ ପାଇଁ କଷ୍ଟକର। ସରକାର ପିଏନ୍‌ଜି ପ୍ରତି ଉତ୍ସାହିତ କରୁଛନ୍ତି ଓ ବିକଳ୍ପ ସ୍ରୋତ ଭାବେ ଆମେରିକା, ରୁଷିଆ, ନରୱେରୁ ଆମଦାନି ବଢ଼ାଉଛନ୍ତି। ଦୁଇଟି ଜାହାଜ ମଧରେ ୯୨,୭୦୦ ଟନ୍ ଏଲପିଜି ହର୍ମୁଜ ପାର ହୋଇ ଆସୁଛି। କିନ୍ତୁ ଏହା ଅସ୍ଥାୟୀ ସମାଧାନ।

ଏହି ସଙ୍କଟ ଆମକୁ ଏକ କଠିନ ସତ୍ୟ ଚେତାଇ ଦେଉଛି ଯେ, ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରତା ଆବଶ୍ୟକ। ଏଥିପାଇଁ ପ୍ରଥମେ ଘରୋଇ ଉତ୍ପାଦନ ବଢ଼ାଇବାକୁ ପଡ଼ିବ। ରିଫାଇନାରି ଆଧୁନିକୀକରଣ, ଇଥାନଲ୍ ମିଶ୍ରଣ ଓ ବାୟୋଗ୍ୟାସ୍ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଦରକାର। ସହରାଞ୍ଚଳରେ ପାଇପଡ୍ ନ୍ୟାଚୁରାଲ୍ ଗ୍ୟାସ୍ (ପିଏନ୍‌ଜି) ବିସ୍ତାର କରିବାକୁ ପଡ଼ିବ। ଗ୍ରାମାଞ୍ଚଳରେ ଇଣ୍ଡକ୍ସନ ଷ୍ଟୋଭ ଓ ସୌରଶକ୍ତି ରନ୍ଧନକୁ ସବସିଡି ଦେବା ଉଚିତ। ଉଜ୍ଜ୍ୱଳା ଯୋଜନାର ସବସିଡି ବୃଦ୍ଧି କରି ଗରିବଙ୍କୁ ରକ୍ଷା କରିବା ଆବଶ୍ୟକ। ଏକାସଙ୍ଗରେ ପାନିକ ନ କରି ସଞ୍ଚୟ କରିବା ଓ ବ୍ଲାକ ମାର୍କେଟିଙ୍ଗ ରୋକିବାରେ ସାଧାରଣ ଲୋକ ମଧ ସହକାରଙ୍କୁ ସହଯୋଗ କରିବା ଦରକାର।

ଏହି ସଙ୍କଟ କେବଳ ଏକ ଯୁଦ୍ଧର ପରିଣାମ ନୁହେଁ; ଏହା ଆମର ଶକ୍ତି ନୀତିର ଦୁର୍ବଳତାର ପ୍ରତିଫଳନ। ଯଦି ଆମେ ଏଥିରୁ ଶିଖି ଦୀର୍ଘମିଆଦି ଯୋଜନା କରିପାରିବା, ତେବେ ଭବିଷ୍ୟତର ଯେକୌଣସି ସଙ୍କଟରୁ ଆମ ରନ୍ଧନ ଚୂଲ୍ଲୀ ନିରାପଦ ରହିବ। ସରକାର, ଶିଳ୍ପ ଓ ଜନସାଧାରଣ ମିଳିତ ପ୍ରୟାସରେ ଏହି ସଙ୍କଟକୁ ସୁଯୋଗରେ ପରିଣତ କରିବା ଆବଶ୍ୟକ। କାରଣ ଏଲପିଜି କେବଳ ଏକ ଗ୍ୟାସ୍ ନୁହେଁ, ଏହା ଲକ୍ଷ ଲକ୍ଷ ଘରର ସ୍ୱାସ୍ଥ୍ୟ, ସୁଖ ଓ ସ୍ୱାଧୀନତାର ପ୍ରତୀକ।



# ମୋବାଇଲ୍ ମାୟାଜାଲରେ ହଜିଯାଇଛି ବାସ୍ତବ ଦୁନିଆ

ହୃଷୀକେଶ ପାଣିଗ୍ରାହୀ



ପରିବର୍ତ୍ତନ ହେଉଛି ସଂସାରର ନିୟମ। ସମୟ ସହିତ ଆମର ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ଦିନେ ଏମିତି ଏକ ସମୟ ଥିଲା, ଯେତେବେଳେ ଖରାଛୁଟି କିମ୍ବା ପୂଜାପର୍ବ ହେଲେ ପିଲାମାନେ ମାମୁଘର କିମ୍ବା ସମ୍ପର୍କୀୟଙ୍କ ଘରକୁ ଯିବା ପାଇଁ ବ୍ୟଗ୍ର ହେଉଥିଲେ। ସାଙ୍ଗସାଥୀଙ୍କ ମେଳରେ ଭୋଜିଭାତ, ଯାନିଯାତ୍ରା ଏବଂ ଖେଳକୁଦ ମାଧ୍ୟମରେ ମନକୁ ସତେଜ ରଖିବାର ପରମ୍ପରା ଥିଲା। ମାତ୍ର ଆଜିର ବିଜ୍ଞାନ ଯୁଗରେ ସେହି ସାମାଜିକ ମିଳାମିଶାର ସ୍ଥାନ ନେଇଛି ଏକ କ୍ଷୁଦ୍ର ଯନ୍ତ୍ର, ଯାହାକୁ ଆମେ 'ମୋବାଇଲ୍ ଫୋନ୍' ବୋଲି କହୁଛୁ।

ଆଜି ମୋବାଇଲ୍ ଫୋନ୍ କେବଳ ଏକ ଯନ୍ତ୍ର ହୋଇ ରହିନାହିଁ, ବରଂ ଏହା ଆମ ଜୀବନର ଏକ ଅଙ୍ଗ ପାଲଟି ଯାଇଛି। ବସିବା, ଶୋଇବା, ରୋଷେଇ କରିବା କିମ୍ବା ଖାଇବା ସମୟରେ ମଧ୍ୟ ଫୋନ୍ ଆମ ହାତ ପାହାନ୍ତାରେ ରହୁଛି। ପୂର୍ବରୁ ଯେଉଁ ମନୋରଞ୍ଜନ ପାଇଁ ପଡ଼ିଆରେ ଖେଳକୁଦ ବା ବାହାରକୁ ବୁଲିବାକୁ ଯିବାକୁ ପଡୁଥିଲା, ଏବେ ତାହା ମୋବାଇଲ୍ ସ୍କ୍ରିନ୍ ଭିତରେ ସୀମିତ ହୋଇଯାଇଛି। ଆଜିର ଯୁବପିଢ଼ି ଶାରୀରିକ କସରତ ଭୁଲି ଦିନକୁ ୮ ରୁ ୧୫ ଘଣ୍ଟା 'ସ୍କ୍ରିନ୍ ଟାଇମ୍'ରେ ଅତିବାହିତ କରୁଛନ୍ତି। ଖେଳପଡ଼ିଆକୁ ଯିବା ଅପେକ୍ଷା ଛାତ ଉପରେ କିମ୍ବା ଗଛ ଉପରେ ଚଢ଼ି ୫-ଜି ନେଟୱାର୍କ ଖୋଜି ଅନଲାଇନ୍ ଗେମ୍ ଖେଳିବାକୁ ସେମାନେ ଅଧିକ ପସନ୍ଦ କରୁଛନ୍ତି। ଏପରିକି ଖବରକାଗଜ ପଢ଼ିବା ପାଇଁ ମଧ୍ୟ ଇ-ପେପରର ସାହାଯ୍ୟ ନିଆଯାଉଛି।

ମୋବାଇଲ୍ ଫୋନର ଆବିଷ୍କାର ଦୂରରେ ଥିବା ବ୍ୟକ୍ତିଙ୍କ ସହ କଥା ହେବା ପାଇଁ ହୋଇଥିଲା, ମାତ୍ର ଆଜି ସେହି ଉଦ୍ଦେଶ୍ୟ ଗୌଣ ହୋଇଯାଇଛି। ଏବେ ମୋବାଇଲ୍ ଫୋନ୍ ଭିତରେ ସମଗ୍ର ଦୁନିଆ ଆବଦ୍ଧ। ଫଟୋ ଉଠାଇବା, ସପିଂ କରିବା, ବହି ପଢ଼ିବା, କ୍ୟାଲେଣ୍ଡର ଦେଖିବା, ଭାଗ୍ୟ କୁଣ୍ଡଳୀ ବିଚାର କରିବା ଠାରୁ ଆରମ୍ଭ କରି ଟ୍ରାଭେଲ୍ ଟିକେଟ୍ ଓ ପେମେଣ୍ଟ ପର୍ଯ୍ୟନ୍ତ ସବୁକିଛି ଚୁଟକିରେ ହୋଇଯାଉଛି। ଏତେ ସବୁ ସୁବିଧା ପାଇବା ପରେ ମଣିଷ ବାହାର ଦୁନିଆ ପ୍ରତି ବିମୁଖ ହେବା ସ୍ୱାଭାବିକ। ମାତ୍ର ଏହି ଅହେତୁକ ନିର୍ଭରଶୀଳତା ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି। ଯଦି କେବେ ଫୋନରେ ଚାର୍ଜ ନଥାଏ, ନେଟୱାର୍କ କଟିଯାଏ କିମ୍ବା ଫୋନ୍ ଖରାପ ହୋଇଯାଏ, ତେବେ ମଣିଷକୁ ଲାଗୁଛି ଯେମିତି ସେ ନିଃସଙ୍ଗ ହୋଇଯାଇଛି। ସେହି ସମୟରେ ଅନୁଭବ ହେଉଛି ଯେମିତି କୌଣସି ଆତ୍ମୀୟଙ୍କ ବିୟୋଗ ଘଟିଛି କିମ୍ବା ନିଜ ଶରୀରର କୌଣସି ଅଙ୍ଗ କଟିଯାଇଛି।

ଥରେ ଗଭୀର ଭାବେ ଚିନ୍ତା କରନ୍ତୁ, ଏହି ଅତ୍ୟଧିକ ନିର୍ଭରଶୀଳତା ପରେ ଯଦି କୌଣସି କାରଣ ବଶତଃ ମୋବାଇଲ୍ ଫୋନ୍ ସେବା ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ହୋଇଯାଏ, ତେବେ ଆମର ସ୍ଥିତି କଣ ହେବ? ଯେଉଁ ସମାଜ ଆଜି ପ୍ରତିଟି କାମ ପାଇଁ ଗୋଟିଏ କ୍ଲିକ୍ ଉପରେ ନିର୍ଭର କରୁଛି, ସେ ପୁଣିଥରେ ବାସ୍ତବ ଜୀବନର ସାଧାରଣ ଧାରାକୁ ଫେରିପାରିବ ତ? ହୁଏତ ସେତେବେଳେ ଆମକୁ ପୁଣିଥରେ ଚିଠି ଲେଖିବା, ବହିର ପୃଷ୍ଠା ଓଲଟାଇବା ଏବଂ ମଣିଷ ସହ ସଚକ୍ଷୁରେ କଥା ହେବା ପାଇଁ ସଂଘର୍ଷ କରିବାକୁ ପଡ଼ିପାରେ। ଏହି ପ୍ରଶ୍ନ ଆଜିର ଯୁବପିଢ଼ି ପାଇଁ ଏକ ବଡ଼ ଚେତାବନୀ। ବିଜ୍ଞାନର ବରଦାନ ଭାବେ ମୋବାଇଲ୍ ଫୋନ୍ ଆମକୁ ଅନେକ ସୁବିଧା ଦେଇଛି ସତ, କିନ୍ତୁ ଏହାର ଅତ୍ୟଧିକ ବ୍ୟବହାର ଆମକୁ ଆତ୍ମୀୟତା ଏବଂ ସାମାଜିକ ଜୀବନରୁ ଦୂରେଇ ନେଉଛି। ଆମେ ଯନ୍ତ୍ରର ଦାସ ନହୋଇ ଏହାକୁ ସୀମିତ ଭାବେ ବ୍ୟବହାର କରିବା ଶିଖିବା ଜରୁରୀ। ଯଦି ଆମେ ଆଜିଠାରୁ ବାସ୍ତବ ଦୁନିଆ ସହ ସମ୍ପର୍କ ଯୋଡ଼ିବା ନାହିଁ, ତେବେ ଭବିଷ୍ୟତରେ ମୋବାଇଲ୍ ବିନା ଆମର ଅସ୍ତିତ୍ୱ ବିପନ୍ନ ହୋଇପଡ଼ିବ। ଜୀବନର ପ୍ରକୃତ ସ୍ୱାଦ ମୋବାଇଲ୍ ସ୍କ୍ରିନ୍ ଭିତରେ ନୁହେଁ, ବରଂ ବାସ୍ତବ ଦୁନିଆର ମିଳାମିଶା ଏବଂ ପ୍ରକୃତିର ସାନ୍ନିଧ୍ୟରେ ହିଁ ମିଳିଥାଏ।

ଶିକ୍ଷକ ଶିକ୍ଷା ବିଭାଗ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର
ମୋବାଇଲ୍: ୯୯୩୮୫୦୬୨୦୭

# ଅନ୍ତର୍ଜାତୀୟ ମହିଳା ଦିବସ ଓ ନାରୀମୁକ୍ତି



ଅସିତ ମହାନ୍ତି

ବିଶ୍ୱରେ ପ୍ରତିବର୍ଷ ୮ମାର୍ଚ୍ଚରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଏ। ମହିଳା ଅଧିକାରଏହାର ମୁଖ୍ୟ କେନ୍ଦ୍ର ବିନ୍ଦୁ଼ଆମେରିକାର ସମାଜବାଦୀ ପାର୍ଟି ଫେବୃଆରୀ ୨୮, ୧୯୦୯ ରେ ନ୍ୟୁୟର୍କ ସହରରେ ମହିଳା ଦିବସ ଆୟୋଜନ କରିବା ପରେ, ଜର୍ମାନ ପ୍ରତିନିଧୀମାନେ, ମୁଖ୍ୟତଃ କ୍ଲାରା ଜେଟକିନ୍ ୧୯୧୦ଆନ୍ତର୍ଜାତୀକ ସମାଜବାଦୀ ମହିଳା ସମ୍ମିଳନୀରେ ପ୍ରତିବର୍ଷ ଏକ ସ୍ୱତନ୍ତ୍ର ମହିଳା ଦିବସ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ।ସମାଜବାଦୀ ଆନ୍ଦୋଳନ ତଥା କମ୍ୟୁନିଷ୍ଟ ଦେଶମାନଙ୍କଦ୍ୱାରା ଏହି ଦିନଟି ପ୍ରାୟତଃ ୧୯୬୭ ମସିହାରେ ନାରୀବାଦୀ ଆନ୍ଦୋଳନ ଦ୍ୱାରା ଗ୍ରହଣ ନହେବା ପର୍ଯ୍ୟନ୍ତ ପାଳନ କରାଯାଇଥିଲା।ଅଗଷ୍ଟ ୧୯୧୦ ରେ, ଡେନମାର୍କର କୋପନହେଗେନରେ ଦ୍ୱିତୀୟ ଅନ୍ତର୍ଜାତୀୟ ବୈଠକପୂର୍ବରୁ ଏକ ଆନ୍ତର୍ଜାତୀୟ ସମାଜବାଦୀ ମହିଳା ସମ୍ମିଳନୀ ଆୟୋଜିତ ହୋଇଥିଲା। ଆମେରିକୀୟ ସମାଜବାଦୀମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଜର୍ମାନ ପ୍ରତିନିଧୀ କ୍ଲାରା ଜେଟକିନ୍ ଏବଂ ଅନ୍ୟମାନେ ବାର୍ଷିକ 'ମହିଳା ଦିବସ' ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ, ଯଦିଓ ସେହି ସମ୍ମିଳନୀରେ କୌଣସି ତାରିଖ ନିର୍ଦ୍ଦିଷ୍ଟ କରାଯାଇ ନଥିଲା। ୧୭ ଟି ଦେଶର୧୦୦ ମହିଳା ପ୍ରତିନିଧୀମାନେ ମହିଳାଙ୍କ ସହ ମତଦାନ ସମେତ ସମାନ ଅଧିକାରକୁ ପ୍ରୋତ୍ସାହିତ କରିବା ପାଇଁ ରଣନୀତି ଭାବରେ ଏହି ଧାରଣା ସହ ସହମତ ହୋଇଥିଲେ।ପରବର୍ତ୍ତୀ ବର୍ଷ ୧୯ ମାର୍ଚ୍ଚ ୧୯୧୧ ରେ ଆନ୍ତର୍ଜାତୀକ ମହିଳା ଦିବସ ପ୍ରଥମ ଥର ପାଇଁ ଅଷ୍ଟ୍ରିଆ, ଡେନମାର୍କ, ଜର୍ମାନୀ ଏବଂ ସ୍ୱିଜରଲ୍ୟାଣ୍ଡରେ ଏକ ଲକ୍ଷରୁ ଅଧିକ ଲୋକ ପାଳନ କରିଥିଲେ। କେବଳ ଅଷ୍ଟ୍ରିଆ-ହଙ୍ଗେରୀ ରେ ୩୦୦ ପ୍ରଦର୍ଶନ କରାଯାଇଥିଲା। ଭିଏନାରେ ମହିଳାମାନେ ରିଙ୍ଗଷ୍ଟ୍ରେସରେ ପ୍ୟାରେଡ୍ କରି ପ୍ୟାରିସ୍ କମ୍ୟୁନିୟର ସହିଦମାନଙ୍କୁ ସମ୍ମାନିତ କରିଥିଲେ। ସେମାନଙ୍କୁ ଭୋଟ୍ ଦେବାର ଅଧିକାର ଦିଆଯାଉ ଏବଂ ସରକାରୀ କାର୍ଯ୍ୟ କରିବାକୁ ମହିଳାମାନେ ଦାବି କରିଥିଲେ। ରୋଜଗାର, ଯୌନ ଭେଦଭାବ ବିରୋଧରେ ସେମାନେ ମଧ୍ୟ ବିରୋଧ କରିଥିଲେ।ମିଳିତ ଜାତିସଂଘ ଅନ୍ତର୍ଜାତୀକ ମହିଳା ଦିବସ, ୧୯୭୫ ରେ ପାଳନ କରିବା ଆରମ୍ଭ କରିଥିଲା। ୧୯୭୭ ମସିହାରେ ମିଳିତ ଜାତିସଂଘ ସାଧାରଣ ସଭା ସଦସ୍ୟ ରାଷ୍ଟ୍ରମାନଙ୍କୁ ମାର୍ଚ୍ଚ ୮ କୁ ମହିଳା ଅଧିକାର ତଥା ବିଶ୍ୱ ଶାନ୍ତି ପାଇଁ ଜାତିସଂଘ ଦିବସ ଭାବରେ ଘୋଷଣା କରିବାକୁ ଆମନ୍ତ୍ରଣ କରିଥିଲା।ଏଥିରୁ ଜଣାପଡ଼ିଲା ଯେ ଆନ୍ତର୍ଜାତିକ ମହିଳା ଦିବସର ଇତିହାସ ହେଉଛି ଅଧିକାର ପାଇଁ ଲଢେଇ଼। ଆଜି ଭାରତଏପରି ଏକ ସମୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରୁଛି, ଯେତେବେଳେ ନାରୀମାନଙ୍କ ଉପରେ ନିର୍ଯ୍ୟାତନା ବଢିଚାଲିଛି ଯାହା ଅତୀତର ସମସ୍ତ ବର୍ବରତାକୁ ଟପିଯାଇଛି। ଗର୍ଭାବସ୍ଥାରେ ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୂଣ ହତ୍ୟା, ଡାହାଣୀ ସନ୍ଦେହରେ ହତ୍ୟା, ଯୌତୁକ ଜନିତ ନିର୍ଯ୍ୟାତନା ଓ ହତ୍ୟା, ଏସିଡମାଡ଼, ଅଶ୍ଳୀଳ ଇଙ୍ଗିତ, ଅଶାଳୀନ ବ୍ୟବହାର, ନାରୀ ଓ ଶିଶୁ ଚାଲାଣ, ନାରୀ ଦେହ ନେଇ ବ୍ୟବସାୟ, କର୍ମକ୍ଷେତ୍ରରେ ନିର୍ଯ୍ୟାତନା, ଧର୍ଷଣ-ଗଣଧର୍ଷଣ ଓ ହତ୍ୟା ଆଦି ବିଗତ କିଛି ବର୍ଷ ମଧ୍ୟରେ ବୃଦ୍ଧି ପାଇଛି। ଏହି ସମସ୍ୟା ଏଭଳି ବ୍ୟାପକ ରୂପ ନେଇଛି ଯେ ୬ ମାସର ଶିଶୁଠାରୁ ଆରମ୍ଭ କରି ମୃତ୍ୟୁପଥ ଯାତ୍ରୀ ବୃଦ୍ଧା କେହି ଏଥିରୁ ବାଦ ଯାଉନାହାନ୍ତି। ମହିଳା ମାନଙ୍କ ଉପରେ ଏହିସବୁ ଅତ୍ୟାଚାର କଣପାଇଁ ହେଉଛି? ଏହାର ଅର୍ଥ କଦାପି ନୁହେଁ ଯେ ମହିଳା ମାନଙ୍କର କୌଣସି ବିକାଶ ହୋଇନାହିଁ। ଆର୍ଥିକ ବିକାଶ ହେଲେ ମହିଳା ମୁକ୍ତି ହୋଇଛି ବୋଲି ଯଦି କୁହାଯାଏ ତାହେଲେ ଏହା ଭୁଲହେବ଼। ନାରୀପ୍ରତି ପୁରୁଷର ଯେଉଁ ମାନସିକତା, ଯେମିତି ସମାନ ଅଧିକାର, ନାରୀ ପରୁଷଠାରୁ ପ୍ରତ୍ୟକ କ୍ଷେତ୍ରରେ ଛୋଟ ଇତ୍ୟାଦି ଭାବନା, ଯାହା ଆଜିପର୍ଯ୍ୟନ୍ତ ପରୁଷର ଅନ୍ତର ମନରେ ଜାରିରହିଛି଼। ଏହି ମାନସିକତା ପ୍ରକୃତରେ ସମାଜ ବ୍ୟବସ୍ଥା ସହିତ ଓତପ୍ରୋତ ଭାବେ ଯୋଡିହୋଇ ରହିଛି। ସମ୍ପତ୍ତି ଉପରେ ମାଲିକାନା ହିଁ ହେଉଛି ଏହାର ଆଧାର। ଏହି ମାଲିକାନାର ଭାବନା ଜୀବନର ପ୍ରତ୍ୟକ କ୍ଷେତ୍ରରେ ପ୍ରଭାବିତ ହୋଇଥାଏ଼। ପରିବାର ଖୁବ ଉଚ୍ଚ ଶିକ୍ଷିତ କିନ୍ତୁ ଝିଅଟି ଅନ୍ୟ ଜାତିର ପୁଅକୁ ବାହାହୋଇ ପାରିବ ନାହିଁ, ବାହାରକୁ ଗଲେ ଜଣେ ସାଙ୍ଗରେ ଯିବ, କୌଣସି ବିଷୟରେ ନିଷ୍ପତି ନେବାର ଅଧିକାର ତାହାର ନାହିଁ ଏବଂ ଗୃହକାର୍ଯ୍ୟ ମହିଳା ମାନଙ୍କର କାର୍ଯ୍ୟ ଇତ୍ୟାଦି ମନୋଭାବ ପୁରୁଷ ମନରେ ଲୁଚି ବସିଥାଏ଼। ନାରୀର ଏହି ସ୍ୱାଧିନତାଟି ଆଜି



ମଧ୍ୟ ପଦଦଳିତ।ଏହାର ଜଡକୁ ଗଲେ ଆମକୁ ଇତିହାସର ପୃଷ୍ଠାକୁ ଖୋଲିବାକୁ ପଡ଼ିବ।ଆମ ସମାଜରେ ନାରୀମାନଙ୍କ ବିଷୟରେ ଅନେକ ପ୍ରବାଦ ରହିଛି। ସବୁ ଧର୍ମ କହେ ନାରୀ ଏହିଭଳି ଥିଲା ଏବଂ ରହିବ। ସବୁ ଧର୍ମ କହେ 'ନାରୀ ନର୍କର ଦ୍ୱାର'଼ ମନୁ କହିଛନ୍ତି, 'ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା '଼ ଅର୍ଥାତ ପୁଅ ପାଇଁ ବିବାହ। ଯାହାକୁ ବାହା ହେଲି, ସେ ଘର ଭିତରେ ରହି ସ୍ୱାମୀ ସେବା କରିବ, ପୁତ୍ର ସନ୍ତାନର ଜନନୀ ହେବ ଏବଂ ରୋଷେଇ କରିବ। ନାରୀ ହେଉଛି ପୁରୁଷର ସାଧାରଣ ସମ୍ପତ୍ତି। ଆମ ସମାଜରେ କନ୍ୟା ଅବାଞ୍ଛନିୟ, ତାକୁ କେହି କାମନା କରନ୍ତି ନାହିଁ, ସେମାନେ ସବୁ ସର୍ବନାଶର କାରଣ। ସେମାନଙ୍କ ପାଇଁ ସ୍ୱର୍ଣ୍ଣଲଙ୍କା ପୋଡି ପାଉଁଶ ହୋଇଗଲା।ରାମାୟଣରେ ଅଛି -ରାବଣ ସୀତାଙ୍କୁ ହରଣ କରି ନେଇଗଲା, ରାମଚନ୍ଦ୍ର ରାବଣକୁ ବଦ୍ଧ କରି ସୀତାଙ୍କୁ ଉଦ୍ଧାର କରିଥିଲେ ଏବଂ ଏଥିରେ ହଜାର ହଜାର ଲଙ୍କାବାସୀ ନିହତ ହୋଇଥିଲେ। ରାମଚନ୍ଦ୍ର ଏସବୁକଲେ ସୀତାଙ୍କ ପାଇଁ। କିନ୍ତୁ ଏହା କଣ ପ୍ରକୃତ କାରଣ ? ତାହେଲେ ସୀତାଙ୍କୁ ଉଦ୍ଧାର କଲାପରେ ତାଙ୍କୁ ସତୀତ୍ୱର ପରୀକ୍ଷା କଣ ପାଇଁ ଦେବାକୁ ହୋଇଥିଲା ? ପ୍ରକୃତରେ ସୀତା ହେଲେ ରାମଚନ୍ଦ୍ରଙ୍କର ବ୍ୟକ୍ତିଗତ ସମ୍ପତ୍ତି। ବିଭୀଷଣର ସହାୟତାରେ ରାବଣକୁ ରାମଚନ୍ଦ୍ର ବଦ୍ଧ କରିଥିଲେ ଏବଂ ଏହି ସାହାଯ୍ୟ ପାଇଁ ରାମଚନ୍ଦ୍ର ବିଭୀଷଣକୁ ଦେଇଥିଲେ ଦୁଇଟି ଉପହାର। ଗୋଟିଏ ହେଲା ଲଙ୍କାର ରାଜତ୍ୱ ଏବଂ ଅନ୍ୟଟି ହେଲା ରାବଣର ସ୍ତ୍ରୀ ମନ୍ଦୋଦରୀ। ପର୍ଶୁରାମ ପିତୃ ଆଜ୍ଞା ପାଳନକାରୀ ମାତୃ ହତ୍ୟା କରିଥିଲେ। ବିନା ଦୋଷରେ ଅହଲ୍ୟା ତାର ସ୍ୱାମୀ ଗୌତମ ମୁନିଙ୍କର ଅଭିଶାପରେ ପ୍ରସ୍ତରୀଭୂତ ହୋଇଥିଲେ। କିନ୍ତୁ ଆଜିବି ସେଇ ଗଣ୍ଡି ଭିତରୁ ଆମେ ବାହାରି ପାରୁନାହୁଁ।ଏଭଳି ହେଲା କାହିଁକି ?ପ୍ରକୃତରେ ସମାଜର ବିକାଶ କ୍ରମରେ ଯେତେବେଳେ କୃଷିର ଉର୍ଣ୍ଣତିହୋଇଛି ଏବଂ ସମାଜ କୃଷିପ୍ରଧାନ ହୋଇଛି, ସେତେବେଳେ ମନୁଷ୍ୟ କୃଷି ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଛି। କୃଷିକ୍ଷେତ୍ରରେ ମହିଳା ପୁରୁଷ ଦୁଇଜଣ ମିଶି କାମକରିଛନ୍ତି, ସେହି ସମୟରେ ନାରୀ ପ୍ରତି ସମାଜରେ ସମ୍ମାନ ଅଧିକ ଥିଲା, କାରଣ ମହିଳାର ଜନନୀ ହେବାର କ୍ଷମତା ଥିଲା ଏବଂ ବଂଶବୃଦ୍ଧିରେ ତାହାର ଅତୁଳନୀୟ ଯୋଗଦାନ ଥିଲା ଯାହା ସେସମୟରେ ଦରକାର ଥିଲା। ଗୋଷ୍ଠୀ ସମାଜ ଗଠନରେ ନାରୀର ଭୂମିକା ମହତ୍ୱପୁର୍ଣ୍ଣ ଥିଲା।କିନ୍ତୁ ଯେତେବେଳେ ମହିଳା ସନ୍ତାନ ଧାରଣ ସ୍ଥିତିରେ ଆସିଛି।ସେତେବେଳେ ସେ ପୁରୁଷ ସହିତ ମିଶି କାମ କରିପାରିନାହିଁ ଏବଂ ଉତ୍ପାଦନ କ୍ଷେତ୍ରରେ ମହିଳାମାନେ ପଛେଇଗଲେ। ପୁରୁଷର ଆଧିପତ୍ୟ ସମାଜରେ ବଢିବାକୁ ଲାଗିଲା। ଅନ୍ୟପକ୍ଷରେ ଦେଖାଗଲା କୃଷି ମଧ୍ୟଦେଇ ସ୍ଥାୟୀ ସମ୍ପତ୍ତି ସୃଷ୍ଟି ହେଲା ଯାହା ପୂର୍ବରୁ ନଥିଲା। ସ୍ଥାଇସମ୍ପତ୍ତି ନିଜେ ଭୋଗ କରିବାପାଇଁ କେତେଜଣ ମୃଷ୍ଟିମେୟ ଲୋକ ସମ୍ପତ୍ତି ଉପରେ ନିଜର ବ୍ୟକ୍ତିଗତ ମାଲିକାନା ସାବ୍ୟସ୍ତ କଲେ। ଏହି ପ୍ରକ୍ରିୟା ବର୍ତ୍ତମାନ ମଧ୍ୟ ଚାଲିଛି। ସ୍ଥାୟୀ ସମ୍ପତ୍ତି ସୃଷ୍ଟି ହେବାପରେ ସମାଜ ଶ୍ରେଣୀ ବିଭାଜିତ ହେଲା ଏବଂ ନାରୀପ୍ରଧାନ ସମାଜ ଭାଙ୍ଗିଯାଇ ପୁରୁଷପ୍ରଧାନ ସମାଜ ସୃଷ୍ଟି ହେଲା, ଯାହାଫଳରେ ନାରୀ ତାହାର ପ୍ରାଧାନ୍ୟ ହରାଇ ବସିଲା। ଦିନେ ଯେଉଁ ନାରୀ କୃଷିର ଆବିଷ୍କାର କରିଥିଲା ସେ ଧୀରେ ଧୀରେ ଘରମୁହାଁ ହେଲେ ଏବଂ ସନ୍ତାନ ସନ୍ତତି ମାନଙ୍କର ଲାଳନ ପାଳନ ଏବଂ ଗୃହ କାର୍ଯ୍ୟ ସେମାନଙ୍କର ମୁଖ୍ୟ କାର୍ଯ୍ୟ ହେଲା। ଏହି ସମୟରେ ପୁରୁଷ ନାରୀକୁ ଦାସୀରେ ରୂପାନ୍ତରିତ କଲା। କିନ୍ତୁ ନାରୀ ଏହାକୁ ମାନି ନାହିଁ ଏବଂ ସଂଘର୍ଷ କରିଛି। ଏହିସବୁ ସଂଘର୍ଷ ପୌରାଣିକ କଥାରେ ବର୍ଣ୍ଣନା କରାଯାଇଛି। କାଳୀଙ୍କ ବେକରେ ନରମୁଣ୍ଡ ମାଳା, ଦୁର୍ଗାଙ୍କ ମହିଷାସୁର ବଦ୍ଧ ଇତ୍ୟାଦି।ଏହାର ଅର୍ଥ ନାରୀ ସହଜରେ ପୁରୁଷର ଅତ୍ୟାଚାରକୁ ମାନିନେଇ ନାହିଁ।କିନ୍ତୁ ଏହି ସଂଘର୍ଷରେ ନାରୀ ଅନ୍ତୋଗତ୍ୱା ନିଜର ସ୍ୱାଧୀନତା ହରାଇଲା। ଏହାର ଏକ ମୁଖ୍ୟ କାରଣ ହେଲା ନାରୀର ଶାରୀରିକ ସଂରଚନା ପୁରୁଷଠାରୁ ଅଲଗା। ଯାହାଫଳରେ ଶାରୀରିକ ଶ୍ରମ କ୍ଷେତ୍ରରେ ନାରୀ ପିଛେଇଗଲା। ଏହାର ସୁଯୋଗ ନେଇ ପୁରୁଷ ନାରୀ ଉପରେ ନିଜର ବର୍ଚ୍ଚସ୍ୱ ସ୍ଥାପନ କଲା। ପ୍ରାଚୀନ ବେବିଲୋନ, ମିଶର, ଗ୍ରୀସ, ରୋମ, ଭାରତବର୍ଷ, ଚିନରୁ ଆରମ୍ଭକରି ଆଧୁନିକ ସଭ୍ୟତାର ଯେଉଁ ଦୀର୍ଘ ସମୟର ଇତିହାସ ହେଉଛି ଦାସମାନଙ୍କ ଉପରେ ଅତ୍ୟାଚାରର ଇତିହାସ, ନାରୀ ନିର୍ଯ୍ୟାତନାର ଇତିହାସ଼। ଆମେ କଣ ପୁଣି ନାରୀପ୍ରଧାନ ସମାଜ ପ୍ରତିଷ୍ଠା କରିବାକୁ ସଂଘର୍ଷ କରିବା଼? ବିଲକୁଲ ନୁହେଁ, ଆମେ ଚାହୁଁଛୁ ଯେ ଏକ ମନୁଷ୍ୟ ପ୍ରଧାନ ସମାଜ ଯେଉଁଠାରେ ନାରୀ ଏବଂ ପୁରୁଷ ସମାନ। ନାରୀ ପୁରୁଷ ଦୁହେଁ କାନ୍ଧରେ କାନ୍ଧ ମିଶାଇ ପରିବାର, ସମାଜ, ରାଜ୍ୟ ଏବଂ ଦେଶକୁ ଆଗକୁ ନେଇଯିବେ। ଏହି କାର୍ଯ୍ୟଟି ସେତେବେଳେ ସମ୍ଭବ ଯେତେବେଳେ ସମାଜ ବ୍ୟବସ୍ଥାର ଆଧାର ବ୍ୟକ୍ତିଗତ ସମ୍ପତ୍ତି ଅଧାରାରୁ ମୁକ୍ତ ହେବ।

ଆବାହକ, ଓଡ଼ିଆ ଭାଷା, ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର, ମୋବାଇଲଖ:୯୪୩୭୨୮୮୦୨୮

# ଏପଷ୍ଟିନ ଫାଇଲ୍ କଣ ଆଉ କାହିଁକି ଏତେ ଝଡ଼

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



ଏପଷ୍ଟିନ ଫାଇଲ୍ ବୋଲି କୁହାଯାଉଥିବା ଡକ୍ୟୁମେଣ୍ଟଗୁଡ଼ିକ ଆମେରିକାର ଧନୀ ବ୍ୟବସାୟୀ ଜେଫ୍ରି ଏପଷ୍ଟିନ ସହ ଜଡିତ ଅପରାଧ, ତଦନ୍ତ, ଏବଂ ତାଙ୍କ ସହ ଯୋଗାଯୋଗ ଥିବା ବିଭିନ୍ନ ପ୍ରଭାବଶାଳୀ ଲୋକଙ୍କ ସମ୍ବନ୍ଧୀୟ ରେକର୍ଡକୁ ସୂଚିତ କରେ। ଏହି ଫାଇଲଗୁଡ଼ିକରେ କୋର୍ଟ ଡକ୍ୟୁମେଣ୍ଟ, ସାକ୍ଷ୍ୟ, ଇମେଲ୍, ଫୋନ୍ ରେକର୍ଡ, ଫ୍ଲାଇଟ୍ ଲଗ୍ ଓ ଅନ୍ୟାନ୍ୟ ପ୍ରମାଣ ଥାଏ। ଏହି ମାମଲା ଦୁନିଆ ଭରି ଅତ୍ୟନ୍ତ ଚର୍ଚ୍ଚିତ ହୋଇଥିଲା କାରଣ ଏଥିରେ ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମ ଉଠିଥିଲା। ଆସନ୍ତୁ ପ୍ରଥମେ ଜାଣିବା ଜେଫ୍ରି ଏପଷ୍ଟିନ କିଏ ଥିଲେ ? ଜେଫ୍ରି ଏପଷ୍ଟିନ ଜଣେ ଆମେରିକୀୟ ଧନୀ ବ୍ୟବସାୟୀ ଓ ଫାଇନାନ୍ସର ଥିଲେ। ସେ ୧୯୫୩ ମସିହାରେ ଜନ୍ମଗ୍ରହଣ କରିଥିଲେ ଏବଂ ନ୍ୟୁୟର୍କରେ ବଡ଼ ହୋଇଥିଲେ। ପ୍ରଥମେ ସେ ଏକ ଶିକ୍ଷକ ଭାବେ କାମ କରିଥିଲେ, ପରେ ଧୀରେ ଧୀରେ ଅର୍ଥନୈତିକ ବ୍ୟବସାୟରେ ପ୍ରବେଶ କରି ଧନୀ ହୋଇଥିଲେ। ସେ ବିଶ୍ୱର ଅନେକ ଧନୀ ଓ ପ୍ରଭାବଶାଳୀ ଲୋକଙ୍କ ସହ ଯୋଗାଯୋଗ ରଖୁଥିଲେ। କିନ୍ତୁ ପରେ ତାଙ୍କ ବିରୋଧରେ ଅନେକ ଗୁରୁତର ଅଭିଯୋଗ ଆସିଲା। ତାଙ୍କୁ ଅବୟସ୍କ ଝିଅମାନଙ୍କୁ ଯୌନ ଶୋଷଣ କରିବା ଓ ସେମାନଙ୍କୁ ଅନ୍ୟ ଧନୀ ଲୋକଙ୍କ ପାଖକୁ ପଠାଇବାର ଅଭିଯୋଗ ଲଗାଯାଇଥିଲା। ୨୦୦୦ ଦଶକର ଆରମ୍ଭରେ ଏପଷ୍ଟିନ ବିରୋଧରେ ତଦନ୍ତ ଆରମ୍ଭ ହୋଇଥିଲା। ୨୦୦୮ ମସିହାରେ ସେ ଫ୍ଲୋରିଡାରେ ଅବୟସ୍କ ଝିଅଙ୍କ ସହ ଅସଦାଚରଣ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ସେ ଏହି ମାମଲାରେ ଜେଲ୍ ଯାଇଥିଲେ, କିନ୍ତୁ ଅନେକ ଲୋକଙ୍କ ମତରେ ସେ ଅତ୍ୟଧିକ କମ୍ ଶାସନ ପାଇଥିଲେ। ଏପଷ୍ଟିନଙ୍କ ନିଜସ୍ୱ ଦ୍ୱୀପ ଥିଲା ଯାହାକୁ ଲିଟିଲ୍ ସେଣ୍ଟ୍ ଜେମ୍ସ ବୋଲି କୁହାଯାଏ। ଏହି ଦ୍ୱୀପଟି ଆମେରିକାର ଟ.ଝ. ଠସକ୍ସଶସଭ ଓସ୍ୱକ୍ଷବଭୟସ୍ୱ ଅଞ୍ଚଳରେ ଅବସ୍ଥିତ। ଅନେକ ଲୋକ ଏହାକୁ "ଋକ୍ତସ୍ୱସ୍ୱରସଭ ଓସ୍ୱକ୍ଷବଭୟ" ବୋଲି କୁହୁଥିଲେ।ଅଭିଯୋଗ ଅନୁସାରେ ଏଠାରେ ବିଭିନ୍ନ ଧନୀ ଓ ପ୍ରଭାବଶାଳୀ ଲୋକଙ୍କୁ ଆଣି ଅବୟସ୍କ ଝିଅମାନଙ୍କ ସହ ଅନୈତିକ କାର୍ଯ୍ୟ କରାଯାଉଥିଲା। ଯଦିଓ ଏହାର ସବୁ ଅଭିଯୋଗ ପ୍ରମାଣିତ ହୋଇନାହିଁ, କିନ୍ତୁ ଏହି ଦ୍ୱୀପଟି ମାମଲାର ମୁଖ୍ୟ ଅଂଶ ହୋଇଯାଇଥିଲା। ୨୦୧୯ ମସିହାରେ ଆମେରିକାର ଅଧିକାରୀମାନେ ପୁଣିଥରେ ଜେଫ୍ରି ଏପଷ୍ଟିନ ଙ୍କୁ ଗିରଫ କରିଥିଲେ। ତାଙ୍କ ବିରୋଧରେ ଅବୟସ୍କ ଝିଅମାନଙ୍କୁ ଯୌନ ଶୋଷଣ ଓ ମାନବ ତସକରି ଅଭିଯୋଗ ଲଗାଯାଇଥିଲା। ଏହି ଗିରଫ ପରେ ଏପଷ୍ଟିନ ମାମଲା ଦୁନିଆର ମୁଖ୍ୟ ସମ୍ବାଦ ହୋଇଗଲା। ଅନେକ ଲୋକ ଚାହୁଁଥିଲେ ଯେ ଏହି ମାମଲାର ସମସ୍ତ ସତ୍ୟ ବାହାରକୁ ଆସୁ। ୨୦୧୯ ଆଗଷ୍ଟରେ ନ୍ୟୁୟର୍କର ଗରସ୍ୱକ୍ସକ୍ଟକ୍ରକ୍ଷସସ୍ୱବଭ ଉକ୍ଟକ୍ସକ୍ସରମସ୍ୱସକ୍ଟଭବକ୍ଷ ଉରଭସ୍ୱରକ୍ସ ଜେଲ୍‌ରେ ଏପଷ୍ଟିନଙ୍କ ମୃତ୍ୟୁ ଘଟିଥିଲା। ଅଧିକାରୀମାନଙ୍କ ଅନୁସାରେ ସେ ଆତ୍ମହତ୍ୟା କରିଥିଲେ। କିନ୍ତୁ ଏହି ମୃତ୍ୟୁ ନେଇ ବିଶ୍ୱଭରି ଅନେକ ସନ୍ଦେହ ଓ ଷଡ଼ଯନ୍ତ୍ର ସିଦ୍ଧାନ୍ତ ଚାଲିଥିଲା। ଅନେକ ଲୋକ କହୁଥିଲେ



ଯେ ସତ୍ୟ ବାହାରକୁ ଆସିବା ପୂର୍ବରୁ ସେ ମରିଗଲେ।

ଏବେ ଆସନ୍ତୁ ଜାଣିବା ଏପଷ୍ଟିନ ଫାଇଲ୍ କ'ଣ? "ଏପଷ୍ଟିନ ଫାଇଲ" ବୋଲି କୁହାଯାଉଥିବା ଡକ୍ୟୁମେଣ୍ଟଗୁଡ଼ିକରେ ଅନେକ ପ୍ରକାର ତଥ୍ୟ ଥାଏ। ଯେମିତି କୋର୍ଟ ରେକର୍ଡ, ସାକ୍ଷ୍ୟ, ଫ୍ଲାଇଟ୍ ଲଗ୍ ଅର୍ଥାତ୍ କେହି କେଉଁଠାକୁ ତାଙ୍କ ବିମାନରେ ଯାଇଥିଲେ, ଇମେଲ୍ ଓ ଡକ୍ୟୁମେଣ୍ଟ, ପୋଲିସ ତଦନ୍ତ ରିପୋର୍ଟ। ଏହି ଫାଇଲଗୁଡ଼ିକ ଆସ୍ତେ ଆସ୍ତେ କୋର୍ଟ ଦ୍ୱାରା ପବ୍ଲିକ୍ କରାଯାଇଥିଲା। ଏହା ମାଧ୍ୟମରେ ଜଣା ପଡ଼ିଥିଲା ଯେ ଏପଷ୍ଟିନଙ୍କ ସହ ଅନେକ ପ୍ରଭାବଶାଳୀ ଲୋକଙ୍କ ଯୋଗାଯୋଗ ଥିଲା। ତେବେ ଏହି ଘଟଣାର ପ୍ରଭାବ କଣ ଆସନ୍ତୁ ଜାଣିବା। ଏପଷ୍ଟିନ ମାମଲା ସମଗ୍ର ବିଶ୍ୱରେ ଚର୍ଚ୍ଚା ହୋଇଥିଲା କାରଣ ଏହା ଶକ୍ତି, ଧନ ଓ ଅପରାଧର ସମ୍ପର୍କକୁ ଦେଖାଇଥିଲା। ଏହି ଘଟଣା ପରେ ଅନେକ ଦେଶରେ ଅବୟସ୍କଙ୍କ ସୁରକ୍ଷା ଓ ଯୌନ ଅପରାଧ ବିଷୟରେ ଆଲୋଚନା ବଢ଼ିଗଲା। ଏହା ସହିତ ଏହା ମଧ୍ୟ ପ୍ରଶ୍ନ ଉଠିଲା ଯେ ପ୍ରଭାବଶାଳୀ ଲୋକମାନେ କେବେ କେବେ ଆଇନରୁ ଦୂରେ ରହିପାରନ୍ତି କି ?

ଏହି ମାମଲା ଏପର୍ଯ୍ୟନ୍ତ ଚର୍ଚ୍ଚାର ବିଷୟ ରହିଛି ଏବଂ ଅନେକ ଲୋକ ଏହାର ସମସ୍ତ ସତ୍ୟ ପ୍ରକାଶ ପାଇବାକୁ ଆଶା କରୁଛନ୍ତି।ଜେଫ୍ରି ଏପଷ୍ଟିନ ଏକ ଆମେରିକୀୟ ଧନୀ ନିବେଶକ ଥିଲେ, ଯିଏ ପରେ ବିଶ୍ୱସ୍ତରରେ ବଡ଼ ବିବାଦର କାରଣ ହେଲେ। ତାଙ୍କ ନାମ ସହିତ ଜଡିତ "ଏପଷ୍ଟିନ ଫାଇଲ୍" ବୋଲି କୁହାଯାଉଥିବା ଦଲିଲ୍‌ଗୁଡ଼ିକରେ ଅନେକ ପ୍ରଭାବଶାଳୀ ଲୋକଙ୍କ ନାମ ଉଲ୍ଲେଖ ହୋଇଥିବା କୁହାଯାଏ। ଏହି ଫାଇଲ୍‌ଗୁଡ଼ିକରେ ତାଙ୍କ ସହିତ ସମ୍ପର୍କ ରଖିଥିବା ବ୍ୟବସାୟୀ, ରାଜନୀତିଜ୍ଞ ଓ ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ବିଷୟରେ ତଥ୍ୟ ଥିବା ଦାବି ହୋଇଥାଏ। ଏହି ମାମଲାରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନାମ ମଧ୍ୟ କେତେବେଳେ ଚର୍ଚ୍ଚାରେ ଆସିଥିଲା।ଜେଫ୍ରି ଏପଷ୍ଟିନଙ୍କ ବିରୋଧରେ ଅଭିଯୋଗ ଥିଲା ଯେ ସେ ଅବୟସ୍କ ଝିଅମାନଙ୍କୁ ନେଇ ଅବୈଧ କାର୍ଯ୍ୟକଳାପ କରୁଥିଲେ ଏବଂ ତାଙ୍କର ଏକ ବିଶାଳ ନେଟୱର୍କ ଥିଲା। ୨୦୧୯ ମସିହାରେ ସେ ଗିରଫ ହେବା ପରେ କିଛି ସମୟ ମଧ୍ୟରେ ଜେଲରେ ତାଙ୍କ ମୃତ୍ୟୁ ଘଟିଥିଲା, ଯାହାକୁ ଅଧିକାରୀମାନେ ଆତ୍ମହତ୍ୟା ବୋଲି କହିଥିଲେ। କିନ୍ତୁ ଏହି ଘଟଣାକୁ ନେଇ ବହୁ ଷଡଯନ୍ତ୍ର ସିଦ୍ଧାନ୍ତ ଓ ଚର୍ଚ୍ଚା ଚାଲିଥିଲା। ପରେ ଆମେରିକାର କିଛି ଆଦାଲତ ଦଲିଲ୍ ଓ ସାକ୍ଷ୍ୟ ପ୍ରକାଶ ପାଇବାରୁ "ଏପଷ୍ଟିନ ଫାଇଲ୍" ବିଷୟରେ ଆଲୋଚନା ବଢ଼ିଗଲା। ଡୋନାଲ୍ଡ ଟ୍ରମ୍ପ ଏବଂ ଏପଷ୍ଟିନଙ୍କ ସମ୍ପର୍କ ବିଷୟରେ ମଧ୍ୟ ଅନେକ ସମୟରେ ମାଧ୍ୟମରେ ଖବର ଆସିଛି। ୧୯୯୦ ଦଶକରେ ନ୍ୟୁୟର୍କ ଓ ଫ୍ଲୋରିଡାର ସାମାଜିକ ମଣ୍ଡଳୀରେ ଦୁହେଁଙ୍କୁ କେତେକ ସମୟରେ ଏକାଠି ଦେଖାଯାଇଥିବା ଫଟୋ ଓ ସୂଚନା ମିଳିଥିଲା। ସେହି ସମୟରେ ଧନୀ ବ୍ୟବସାୟୀମାନଙ୍କ ମଧ୍ୟରେ ସାମାଜିକ ସମ୍ପର୍କ ସାଧାରଣ ଘଟଣା ଥିଲା। କିନ୍ତୁ ପରେ ଟ୍ରମ୍ପ କହିଥିଲେ ଯେ ସେ ଏପଷ୍ଟିନଙ୍କ ସହିତ ବର୍ଷ ଆଗରୁ ସମ୍ପର୍କ ଛିନ୍ନ କରିଦେଇଥିଲେ ଏବଂ ତାଙ୍କ କାର୍ଯ୍ୟକଳାପ ସମ୍ପର୍କରେ ସେ ଜଣା ନଥିଲେ।

ଏପଷ୍ଟିନ ମାମଲାର ଆଉ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଯେ ଏହା ଦେଖାଇଦେଲା କିପରି ଧନ, ପ୍ରଭାବ ଓ ସମ୍ପର୍କ କେବେ କେବେ ଆଇନ ତଦନ୍ତକୁ ଜଟିଳ କରିଦିଏ। ଏହି ଘଟଣା ପରେ ଆମେରିକା ସହ ବିଶ୍ୱର ଅନେକ ସ୍ଥାନରେ ମାନବ ତସକରି ଓ ଅବୟସ୍କଙ୍କ ଶୋଷଣ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ନେଇ ଚର୍ଚ୍ଚା ବଢ଼ିଲା। ସାରାଶେଷରେ କହିବାକୁ ଗଲେ, ଏପଷ୍ଟିନ ଫାଇଲ୍ ବିଷୟଟି ବିଶ୍ୱ ରାଜନୀତି ଓ ସମାଜରେ ଏକ ବଡ଼ ଚର୍ଚ୍ଚାର ବିଷୟ ହୋଇଛି। ଡୋନାଲ୍ଡ ଟ୍ରମ୍ପଙ୍କ ନାମ ଏହି ଚର୍ଚ୍ଚାରେ ଆସିଥିଲେ ମଧ୍ୟ, ଏହା ସମ୍ପର୍କରେ ଅନେକ ଦାବି ଓ ପ୍ରତିଦାବି ରହିଛି। ସତ୍ୟ ଓ ଅସତ୍ୟକୁ ବିଭେଦ କରିବା ପାଇଁ ଆଦାଲତୀୟ ପ୍ରମାଣ ଓ ନିର୍ପେକ୍ଷ ତଦନ୍ତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।ଏପଷ୍ଟିନ ଫାଇଲ୍ ଏକ ଗୁରୁତର ଅପରାଧ ମାମଲା ସମ୍ବନ୍ଧୀୟ ଡକ୍ୟୁମେଣ୍ଟମାନଙ୍କ ସମହାର। ଏହା ମାଧ୍ୟମରେ ଦୁନିଆ ଜାଣିଲା ଯେ ଶକ୍ତି ଓ ଧନ ଥିଲେ ମଧ୍ୟ ଆଇନ ଓ ନ୍ୟାୟର ପ୍ରଶ୍ନ କେତେ ଜଟିଳ ହୋଇପାରେ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ୍:୮୨୪୯୫୦୨୭୭୬

# ଇରାନର 'ଖାର୍ଗ ଦ୍ୱୀପ' ଉପରେ ଆକ୍ରମଣ



## ହର୍ମୁଜରେ ବାଧା ସୃଷ୍ଟି କଲେ ତୈଳ ଭିତ୍ତିଭୂମି ଧ୍ୱଂସ କରିବି:ଟ୍ରମ୍ପ

**ନୂଆଦିଲ୍ଲୀ, ୧୪।୩:** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହେବାର ୧୫ ଦିନ ପରେ ସ୍ଥିତି ଆହୁରି ଭୟଙ୍କର ରୂପ ନେଇଛି। ଶୁକ୍ରବାର ଦିନ ଆମେରିକା ଇରାନର 'ଖାର୍ଗ ଦ୍ୱୀପ' ଉପରେ ଆକ୍ରମଣ କରିବା ପରେ ପୂରା ଅଞ୍ଚଳରେ ହାହାକାର ଖେଳିଯାଇଛି। ମାତ୍ର ୨୦ ବର୍ଗ କିଲୋମିଟର ପରିସର ମଧ୍ୟରେ ଥିବା ଏହି ଛୋଟ ଦ୍ୱୀପଟି ଇରାନର ମୋଟ ତୈଳ ରପ୍ତାନିର ୯୦ ପ୍ରତିଶତ ପରିଚାଳନା କରୁଥିବାରୁ ଏହାର ରଣନୀତିକ ଗୁରୁତ୍ୱ ରହିଛି।

ପାରସ୍ୟ ଉପସାଗରର ଉତ୍ତର ଭାଗରେ ଏବଂ ଇରାନର ବୁଶେହର ପ୍ରଦେଶର ମୂଳ ଭୂଖଣ୍ଡଠାରୁ ୨୮ କିଲୋମିଟର ଦୂରରେ ଅବସ୍ଥିତ ଏହି ଦ୍ୱୀପଟି ୮ କିଲୋମିଟର ଲମ୍ବ ଏବଂ ୫ କିଲୋମିଟର ଚଉଡ଼ା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଇରାନର 'କ୍ରାଉନ୍ ଜୁଏଲ୍' ବା ମୁକୁଟର ମଣି ବୋଲି କହିଥିବା ବେଳେ ପ୍ରସିଦ୍ଧ ଇରାନୀୟ ଲେଖକ ଜଲାଲ ଅଲ-ଏ-ଅହମ୍ମଦ ଅନେକ ବର୍ଷ ପୂର୍ବେ ଏହାକୁ 'ପାରସ୍ୟ ଉପସାଗରର ଅନାଥ ମଣି' ବୋଲି ଆଖ୍ୟା ଦେଇଥିଲେ।

ଖାର୍ଗ ଦ୍ୱୀପର ଷ୍ଟୋରେଜ୍ ଟ୍ୟାଙ୍କ, ଲୋଡିଂ ଟର୍ମିନାଲ୍ ଏବଂ ପାଇପଲାଇନ୍ ଗୁଡ଼ିକ ଇରାନର ତୈଳ ଶିଳ୍ପ ପାଇଁ ସ୍ନାୟୁକେନ୍ଦ୍ର ଭାବେ କାମ କରେ। ଆବୁଜାର ଫୋରୌଜାନ୍ ଏବଂ ଦୋରୁଦ ଭଳି ତିନୋଟି ପ୍ରମୁଖ ଅଫଶୋର୍ ତୈଳ କ୍ଷେତ୍ରରୁ ଏଠାକୁ ଅଶୋଧିତ ତୈଳ ଆସିଥାଏ। ଏହାପରେ ଏହାକୁ ସମୁଦ୍ର ତଳେ ଥିବା ପାଇପଲାଇନ୍ ମାଧ୍ୟମରେ ଅନଶୋର ପ୍ରୋସେସିଂ ସୁବିଧାକୁ ପଠାଯାଏ ଏବଂ ଶେଷରେ ବିଶ୍ୱ ବଜାରକୁ ରପ୍ତାନି କରାଯାଏ। ଇରାନର ସବୁଠାରୁ ବଡ଼ ତୈଳ କ୍ଷେତ୍ର ଅହବାଜ, ମାରୁନ୍ ଏବଂ ଗାଚସାରନର ପାଇପଲାଇନ୍ ଗୁଡ଼ିକ ସିଧାସଳଖ ଖାର୍ଗର ଷ୍ଟୋରେଜ୍ ଟ୍ୟାଙ୍କ ସହିତ ସଂଯୁକ୍ତ। ଆମେରିକା ଏବଂ ଇସ୍ରାଏଲ୍ ପୂର୍ବରୁ ଖାର୍ଗ ଦ୍ୱୀପକୁ ନେଇ ସତର୍କ ଥିଲେ। କିନ୍ତୁ ବର୍ତ୍ତମାନ ଆମେରିକା ଏହାକୁ ନିଜ କବଜାକୁ ନେବାକୁ ଚିନ୍ତା କରୁଛି। ପେଣ୍ଟାଗନ୍ ପ୍ରାୟ ୨,୫୦୦ ମେରାଇନ୍ ସେନା ସହ ଜାପାନ ସ୍ଥିତ ଆର୍ମ୍ଫିବିଅସ୍ ଆସଲ୍ଟ ସିପ୍ 'ୟୁଏସଏସ୍ ତ୍ରିପୋଲି'କୁ ଏହି ଅଞ୍ଚଳକୁ ପଠାଇଛି। ଆକ୍ରମଣ ପରେ ରାଷ୍ଟ୍ରପତି ଟ୍ରମ୍ପ ସୋସିଆଲ ମିଡିଆରେ ଲେଖିଛନ୍ତି, 'ଖାର୍ଗ ଦ୍ୱୀପର ସମସ୍ତ ସାମରିକ ଟାର୍ଗେଟକୁ ଧ୍ୱଂସ କରାଯାଇଛି। ମୁଁ ଜାଣିଶୁଣି ଏହାର ତୈଳ ଭିତ୍ତିଭୂମିକୁ ବର୍ତ୍ତମାନ ପାଇଁ ନଷ୍ଟ କରିନାହିଁ। କିନ୍ତୁ ଯଦି ଇରାନ ବା ଅନ୍ୟ କେହି ହର୍ମୁଜ୍ ଜଳପଥରେ ଜାହାଜ ଚଳାଚଳରେ ବାଧା ସୃଷ୍ଟି କରେ, ତେବେ ମୁଁ ଏହା ଉପରେ ତୁରନ୍ତ ବିଚାର କରିବି'।

## ଇସ୍ରାଏଲ-ଆମେରିକାର ନିଦ ହଜାଉଛି ୩ ଉପଗ୍ରହ



### ମହାକାଶରୁ ନଜର ରଖୁଛନ୍ତି ଖୟାମ, ପାୟା ଓ ନୁର-୩

**ତେହେରାନ, ୧୪।୩:** ଗତ ୧୫ ଦିନ ଧରି ମଧ୍ୟପ୍ରାଚ୍ୟରେ ସଂଘର୍ଷର ନିଆଁ ଜଳୁଛି। ଇସ୍ରାଏଲ ଆମେରିକା ଓ ଇରାନ ମଧ୍ୟରେ ମହାସଂଗ୍ରାମ ଜାରି ରହିଛି। ଇରାନକୁ ଲେବାନନରେ ଅବସ୍ଥିତ ହେଜବୋଲ୍ଲା ସମର୍ଥନ କରୁଛି। ଯୁଦ୍ଧରେ, ଉଭୟ ପାର୍ଶ୍ୱରୁ କ୍ଷେପଣାସ୍ତ୍ର ମାଡ କରାଯାଉଛି ଏବଂ ଡ୍ରୋନ୍ ଆକ୍ରମଣ ହେଉଛି। ଇସ୍ରାଏଲ ଆମେରିକା ପାର୍ଶ୍ୱରେ ହଜାର ହଜାର କ୍ଷେପଣାସ୍ତ୍ର ମୁତୟନ କରାଯାଇଥିବା ବେଳେ, ଇରାନ ନିଜର ତିନୋଟି ଡିଜିଟାଲ୍ ଆଖି ମାଧ୍ୟମରେ ଆମେରିକା ଏବଂ ଇସ୍ରାଏଲର ନିଦ ହଜାଇ ଦେଇଛି। ଖୟାମ୍, ପାୟା ଏବଂ ନୁର-୩ ଏହି ତିନୋଟି ଉପଗ୍ରହ ଇରାନ ପାଇଁ ସୁରକ୍ଷା କବଚ ପାଲଟିଥିବାବେଳେ ଆମେରିକା ଓ ଇସ୍ରାଏଲ ପାଇଁ ବଡ଼ ସମସ୍ୟା ଭାବେ ଉଭା ହୋଇଛନ୍ତି।

ସାମରିକ ବିଶେଷଜ୍ଞମାନଙ୍କ ଅନୁସାରେ ଇରାନର ତିନୋଟି ଉପଗ୍ରହ ଇରାନର କ୍ଷେପଣାସ୍ତ୍ର ସଠିକତାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଖୟାମ, ପାୟା ଏବଂ ନୁର୍-୩ ଉପଗ୍ରହ ଇସ୍ରାଏଲର ଆଇରନ ଡୋମ୍ ଏବଂ ଆମେରିକୀୟ ଯୁଦ୍ଧଜାହାଜର ସ୍ଥିତି ଟ୍ରାକ୍ କରିବା ସହିତ ଅନ୍ୟ ସହଯୋଗୀମାନଙ୍କୁ ରିୟଲ ଟାଇମ୍ ଗୁପ୍ତ ସୂଚନା ମଧ୍ୟ ପ୍ରଦାନ କରୁଛନ୍ତି। ଇରାନର ଏହି ତିନୋଟି ଡିଜିଟାଲ୍ ଆଖି ଯୁଦ୍ଧ ସମୀକରଣକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଦେଇଛନ୍ତି। ଯୁଦ୍ଧରେ ଇରାନର ସବୁଠାରୁ ଶକ୍ତିଶାଳୀ ଗୁପ୍ତଚର ମାଧ୍ୟମରେ ଇରାନ ସଠିକ ଭାବେ କ୍ଷେପଣାସ୍ତ୍ର ନିକ୍ଷେପ କରୁଛି। ମହାକାଶରୁ ପାଇଥିବା ସଠିକ ସୂଚନା ଯୋଗୁଁ ଏହା ସମ୍ଭବ ହୋଇପାରୁଛି। ଖୟାମକୁ ଇରାନର ସାଟେଲାଇଟ୍ ଫ୍ଲିଟରେ ସବୁଠାରୁ ଶକ୍ତିଶାଳୀ ସାଟେଲାଇଟ୍ ବୋଲି ବିବେଚନା କରାଯାଏ।

ଅଗଷ୍ଟ ୨୦୨୨ରେ ରୁଷ ସହାୟତାରେ ଉତ୍କ୍ଷେପଣ କରାଯାଇଥିବା ଏହି ସାଟେଲାଇଟ୍ ଇରାନର ଇମେଜିଂ କ୍ଷମତାକୁ ଏକ ନୂତନ ସ୍ତରକୁ ନେଇଯାଇଛି। ୬୫୦ କିଲୋଗ୍ରାମ ଓଜନ ବିଶିଷ୍ଟ, ଏହି ଉପଗ୍ରହ ୧ ମିଟର ପର୍ଯ୍ୟନ୍ତ ହାଇ-ରିଜୋଲ୍ୟୁସନ୍ ପ୍ରତିଛବି ନେବାକୁ ସକ୍ଷମ। ଏହି ସଠିକତା ଅର୍ଥ ହେଉଛି, ତେହେରାନ ଏବେ ମହାକାଶରୁ ଭୂମିରେ ଥିବା ସବୁଠାରୁ ଛୋଟ ବସ୍ତୁକୁ ମଧ୍ୟ ସ୍ପଷ୍ଟ ଭାବରେ ଦେଖିପାରୁଛି। ଗତ ବର୍ଷ ଶେଷ ଭାଗରେ ପ୍ରକ୍ଷେପଣ କରାଯାଇଥିବା ପାୟା ସାଟେଲାଇଟ୍ ମଧ୍ୟ ଇରାନ ପାଇଁ ବହୁ ଉପଯୋଗୀ ପ୍ରମାଣିତ ହେଉଛି। ୧୫୦ କିଲୋଗ୍ରାମ ଓଜନ ବିଶିଷ୍ଟ ଏହି ସାଟେଲାଇଟ୍ ସମ୍ପୂର୍ଣ୍ଣ ଭାବରେ ଇରାନରେ ନିର୍ମିତ ସବୁଠାରୁ ଓଜନଦାର ସ୍ୱଦେଶୀ ଉପଗ୍ରହ। ଏହାର ମିରର- ଇମେଜିଂ ଏବଂ ଟେଲିସ୍କୋପିକ୍ କ୍ୟାମେରା ପ୍ରଯୁକ୍ତିବିଦ୍ୟା। ଯଦିଓ ଏହାର ମୂଳ ରିଜୋଲ୍ୟୁସନ୍ ୫ ମିଟର, ଇରାନ ଏଆଇ ବ୍ୟବହାର କରି ଏହାର ରିଜୋଲ୍ୟୁସନ୍ ଅଧିକ ୩ ମିଟର ବୃଦ୍ଧି କରିଛି ।

ଇରାନ ଯୁଦ୍ଧରେ ନୁର-୩ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ବିବେଚନା କରାଯାଉଛି। ଏହା ନୁର-୨ ଅପେକ୍ଷା ପ୍ରାୟ ୨.୫ ଗୁଣ ଅଧିକ ଉନ୍ନତ ଇମେଜିଂ ଗୁଣବତ୍ତା ପ୍ରଦାନ କରିବାକୁ ସକ୍ଷମ। ୪.୮ ରୁ ୬ ମିଟର ରିଜୋଲ୍ୟୁସନ ସହିତ ଏହି ଉପଗ୍ରହଟି ସ୍ୱତନ୍ତ୍ର ଭାବରେ ସାମରିକ ଘାଟି ଏବଂ ଶତ୍ରୁ ଗତିବିଧିକୁ ଟ୍ରାକ୍ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହାର ସଠିକ୍ ନିରୀକ୍ଷଣ କ୍ଷମତା ଉପସାଗରୀୟ ଅଞ୍ଚଳରେ ଆମେରିକୀୟ ସାମରିକ କାର୍ଯ୍ୟକଳାପ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ଯୁଦ୍ଧ ପୂର୍ବରୁ ଚେତାବନୀକୁ ଅଣଦେଖା କଲେ ଟ୍ରମ୍ପ



### ତରବରିଆ ଭାବେ ୫ଜଣିଆ ଟିମ ନେଇଥିଲା ନିଷ୍ପତ୍ତି

**ନ୍ୟୁୟର୍କ, ୧୪।୩:** ମଧ୍ୟପ୍ରାଚ୍ୟକୁ ଥରାଇ ଦେଇଥିବା ଅପରେସନ୍ ଏପିକ୍ ଫ୍ୟୁରି ସମ୍ପର୍କରେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ସମ୍ପୂର୍ଣ୍ଣ ମିଶନ୍ ଏତେ ଗୋପନୀୟତାର ସହିତ ଯୋଜନା କରାଯାଇଥିଲା ଯେ, ଆମେରିକାର ଶୀର୍ଷ ନେତାମାନେ ମଧ୍ୟ ଏହା ବିଷୟରେ ସେତେବେଳେ ଜାଣିଲେ ଯେତେବେଳେ ବୋମା ବିସ୍ଫୋରଣର ଖବର ସୋସିଆଲ ମିଡିଆରେ ପ୍ରସାରିତ ହେବା ଆରମ୍ଭ ହୋଇଥିଲା।

ଏହି ଅପରେସନ୍‌ର ରିମୋଟ୍ କଣ୍ଟ୍ରୋଲ୍ କେବଳ ଡୋନାଲ୍ଡ ଟ୍ରମ୍ପ, ଜେଡି ଭାନ୍ସ, ମାର୍କୋ ରୁବିଓ, ପିଟ୍ ହେଗସେଥ୍ ଏବଂ ଜେନେରାଲ କେନ୍‌ଙ୍କ ହାତରେ ଥିଲା। ଏହି ୫ ଜଣ ଯୁଦ୍ଧ ବିଷୟରେ ଅବଗତ ଥିଲେ। ବୈଦେଶିକ ବିଭାଗ ମଧ୍ୟ ଆମେରିକୀୟମାନଙ୍କୁ ବହୁତ ବିଳମ୍ବରେ ଏହି ଅଞ୍ଚଳ ଖାଲି କରିବାକୁ ପରାମର୍ଶ ଦେଇଥିଲା। ସେତେବେଳକୁ ଅନେକ ଉଡ଼ାଣ ବନ୍ଦ ହୋଇଯାଇଥିଲା ଏବଂ ଆକାଶପଥ ବନ୍ଦ ହୋଇଯାଇଥିଲା। ଏହା ଯୋଗୁ ହଜାର ହଜାର ଫସି ରହିଥିବା ଆମେରିକୀୟଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ସେମାନଙ୍କର ସୁରକ୍ଷିତ ସ୍ଥାନାନ୍ତର ପାଇଁ କୌଣସି ସ୍ପଷ୍ଟ ଯୋଜନା ନଥିଲା, କିମ୍ବା ଯଦି ଇରାନ ହର୍ମୁଜ୍ ପ୍ରଣାଳୀ ବନ୍ଦ କରିଦିଏ ତେବେ ବିଶ୍ୱର ଶକ୍ତି ଯୋଗାଣକୁ କିପରି ସୁରକ୍ଷିତ ରଖାଯିବ ସେ ବିଷୟରେ ପ୍ରଶାସନ ଆଲୋଚନା କରିନଥିଲା। ସମସ୍ତଙ୍କ ମନରେ ପ୍ରଶ୍ନ ଥିଲା ଯେ, ଯଦି ଇରାନ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିଦିଏ, ତେବେ ଏହାକୁ ପୁନର୍ବାର ଖୋଲିବା ପାଇଁ କ'ଣ ପଦକ୍ଷେପ ନିଆଯିବ। ଏହି ବିଷୟ ପାଇଁ କୌଣସି ଠୋସ୍ ଯୋଜନା କରାଯାଇ ନଥିଲା। ଏପରି ପ୍ରଶ୍ନ ଉଠାଇବାର କ୍ଷମତା ଥିବା ଅଧିକାରୀମାନଙ୍କୁ ମଧ୍ୟ ପ୍ରକ୍ରିୟାରୁ ବାହାରେ ରଖାଯାଇଥିଲା। ପ୍ରଶାସନ କହିଥିଲା, ଶୀଘ୍ର ନିଷ୍ପତ୍ତି ନେବା ଏବଂ ସୂଚନା ଲିକ୍ ରୋକିବା ପାଇଁ ଏକ ଛୋଟ ୫ ଜଣିଆ ଦଳ ଗଠନ କରାଯାଇଥିଲା। ତେବେ ଆମେରିକୀୟ ବିଶେଷଜ୍ଞମାନଙ୍କ ମତରେ ଶୀଘ୍ର ନିଷ୍ପତ୍ତି ନେବା ଏବଂ ଗୋପନୀୟତା ବଜାୟ ରଖିବା ଦୁଇଟି ଭିନ୍ନ ଜିନିଷ। ଯୁଦ୍ଧ ଭଳି ଏକ ପ୍ରମୁଖ ପଦକ୍ଷେପ ପାଇଁ ଯଥେଷ୍ଟ ପ୍ରସ୍ତୁତିର ଆବଶ୍ୟକ ରହିଥାଏ। ଇରାକ ଯୁଦ୍ଧ ସମୟରେ, ଅନେକ ବିଭାଗ ମାସ ମାସ

## ଆମେରିକୀୟ ଦୂତାବାସ ଉପରେ ଆକ୍ରମଣ

### ୨୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଥର ପାଇଁ ଥରିଲା ଦୁବାଇ

**ଦୁବାଇ, ୧୪।୩:** ଇରାନ ରକ୍ତମୁଖା ହେବାରେ ଲାଗିଛି। ଆମେରିକା ଓ ଇସ୍ରାଏଲ ଉପରେ ପ୍ରତିଶୋଧ ନେବାରେ ଲାଗିଛି। ଅଟକାଯାଇଥିବା ଏକ ପ୍ରୋଜେକ୍ଟାଇଲର ଭଗ୍ନାବଶେଷ ଦୁବାଇର ଆର୍ଥିକ କେନ୍ଦ୍ରରେ ଥିବା ଏକ କୋଠା ଉପରେ ପଡ଼ିଛି। ରିପୋର୍ଟ ଅନୁଯାୟୀ, ୨୪ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଦୁବାଇରେ ଏହା ଦ୍ୱିତୀୟ ଆକ୍ରମଣ। ଏଥିରେ କୌଣସି ଅଗ୍ନିକାଣ୍ଡ ଘଟି ନାହିଁ କିମ୍ବା କେହି ହତାହତ ହୋଇଥିବାର ରିପୋର୍ଟ ମିଳି ନାହିଁ। ପରିସ୍ଥିତିକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି ବୋଲି ଦୁବାଇ ମିଡିଆ ଅଫିସ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛି। ଇରାକର ରାଜଧାନୀ ବାଗଦାଦ୍‌ରେ ଥିବା ଆମେରିକୀୟ ଦୂତାବାସ ଉପରେ ଇରାନ ଏକ କ୍ଷେପଣାସ୍ତ୍ର ମାଡ଼ କରିଛି। ଦୁଇ ଜଣ ଇରାକୀ ସୁରକ୍ଷା ଅଧିକାରୀ କହିଛନ୍ତି,ବାଗଦାଦ୍‌ରେ ଥିବା ଆମେରିକୀୟ ଦୂତାବାସ ପରିସର ଭିତରେ ଏକ ହେଲିପ୍ୟାଡ୍‌ରେ ଏକ କ୍ଷେପଣାସ୍ତ୍ର ମାଡ଼ ହୋଇଛି। ତେବେ ଏନେଇ ବାଗଦାଦ୍‌ରେ ଥିବା ଆମେରିକୀୟ ଦୂତାବାସ ପକ୍ଷରୁ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। ଶୁକ୍ରବାର ଦୂତାବାସ ଇରାକ ପାଇଁ ସ୍ତର-୪ ସୁରକ୍ଷା ସତର୍କତା ଜାରି କରିଥିଲା। ଏଥିରେ ଚେତାବନୀ ଦିଆଯାଇଥିଲା ଯେ ଇରାନ ତଥା ଇରାନ-ସମର୍ଥିତ ମିଲିସିଆ ଗୋଷ୍ଠୀଗୁଡ଼ିକ ପୂର୍ବରୁ ଆକ୍ରମଣ କରିଥିବା ଆମେରିକୀୟ ଭିତ୍ତିଭୂମିକୁ ପୁଣି ଥରେ ଟାର୍ଗେଟ କରିପାରନ୍ତି। ବାଗଦାଦ୍‌ରେ ଥିବା ଆମେରିକୀୟ ଦୂତାବାସ, ବିଶ୍ୱର ସବୁଠାରୁ ବଡ଼ ଆମେରିକୀୟ କୂଟନୈତିକ ପ୍ରତିଷ୍ଠାନ ମଧ୍ୟରୁ ଗୋଟିଏ। ଅତୀତରେ ଇରାନ-ସମର୍ଥିତ ମିଲିସିଆ ଦ୍ୱାରା ବାରମ୍ବାର ରକେଟ ଏବଂ ଡ୍ରୋନ ଆକ୍ରମଣରେ ଏହାକୁ ଟାର୍ଗେଟ କରାଯାଇଛି। ଇରାନରେ ଅନେକ ଇରାନ-ସମର୍ଥିତ ମିଲିସିଆ ଗୋଷ୍ଠୀ ଅଛନ୍ତି ଯେଉଁମାନେ ଏହି ଆକ୍ରମଣ କରିବା ପାଇଁ ଇରାନ ସହିତ ସମନ୍ୱୟ ସ୍ଥାପନ କରୁଛନ୍ତି।



## ନିଶାମୁକ୍ତ ପଞ୍ଜାବ ଗଢ଼ିବାକୁ ବିଜେପିକୁ ସୁଯୋଗ ଦିଅ:ଶାହ



**ଅମୃତସର, ୧୪।୩:** ପଞ୍ଜାବରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ବିଜେପି ଏବେଠାରୁ ରାଜ୍ୟରେ ପ୍ରଚାର ଅଭିଯାନ ଆରମ୍ଭ କରିଦେଇଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ଏଠାରେ ପ୍ରଚାର ଅଭିଯାନ ଆରମ୍ଭ କରି ଲୋକମାନଙ୍କୁ ୨୦୨୭ ବିଧାନସଭା ନିର୍ବାଚନରେ ବିଜେପିକୁ କ୍ଷମତାକୁ ଆଣିବାକୁ ନିବେଦନ କରିଛନ୍ତି। ଶାହ କହିଛନ୍ତି, ଯଦି ପଞ୍ଜାବକୁ କେହି ନିଶାମୁକ୍ତ କରିପାରନ୍ତି ସେ ହେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ଦଳ। ଆଜି ପଞ୍ଜାବ ଋଣଗ୍ରସ୍ତ, ଡ୍ରଗ୍ସ, ଧର୍ମାନ୍ତରୀକରଣ, ଦୁର୍ନୀତି ଓ ଗ୍ୟାଙ୍ଗଷ୍ଟରଙ୍କ ଆତଙ୍କରେ ପୀଡ଼ିତ। ମୋଗାର କିଲି ଚାହଲାନ୍ ଗାଁରେ 'ପରିବର୍ତ୍ତନ' ରାଲିକୁ ସମ୍ବୋଧିତ କରି ଶାହ କହିଛନ୍ତି, ପଞ୍ଜାବର ଲୋକମାନେ କଂଗ୍ରେସ ପାର୍ଟି, ଅକାଳି ଦଳ ଓ ଆମ ଆଦମୀ ପାର୍ଟିକୁ ଅନେକ ସୁଯୋଗ ଦେଇଛନ୍ତି। ଏବେ ସେମାନେ ବିଜେପିକୁ ଗୋଟିଏ ସୁଯୋଗ ଦେବେ କି? ଆମେ ପଞ୍ଜାବରେ ପରିବର୍ତ୍ତନ ଆଣିବୁ। ଶାହ କହିଛନ୍ତି, ଭଗବନ୍ତମାନଙ୍କ ସରକାର ଦୁର୍ନୀତିରେ ବୁଡ଼ି ରହିଛି। ଏହା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ପାଇଁ 'ଏଟିଏମ୍'ରେ ପରିଣତ ହୋଇଛି। ଶାହ କହିଛନ୍ତି, ୨୦୨୭ରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ମୋଗାରୁ ବିଜେପି ଏହାର ପ୍ରଚାର ଅଭିଯାନ ଆରମ୍ଭ କରିଛି। ତାଙ୍କ ପାର୍ଟି ପାଇଁ ପଞ୍ଜାବର ଲୋକମାନଙ୍କ ସମର୍ଥନ ଲୋଡ଼ିବାକୁ ଚାହୁଁଛି। ପୂର୍ବରୁ ଅକାଳୀ ଦଳ ସହିତ ମିଶି ସେମାନେ ରାଜ୍ୟରେ ସରକାର ଗଢ଼ିଥିଲେ। ଏବେ ବିଜେପି ନିଜର ସରକାର ଗଢ଼ିବାକୁ ଲଢ଼ିବ ବୋଲି ଅମିତ ଶାହ କହିଥିଲେ। ପଞ୍ଜାବର ରାଜନୈତିକ ଦୃଷ୍ଟିରୁ ମୋଗା ଗୁରୁତ୍ୱପୂର୍ଣ୍ଣ ମାଲୱା କ୍ଷେତ୍ର ଅଧୀନରେ ଆସୁଛି।

## ସୋମବାର ସଂସଦକୁ ଫେରିବେ ୮ ନିଲମ୍ବିତ ସାଂସଦ!



**ନୂଆଦିଲ୍ଲୀ, ୧୪।୩:** ସଂସଦର ବଜେଟ ଅଧିବେଶନର ପ୍ରଥମ ଚରଣରେ ନିଲମ୍ବିତ ୮ ସାଂସଦଙ୍କ ନିଲମ୍ବନ ଆଦେଶ ଖୁବ୍‌ଶୀଘ୍ର ପ୍ରତ୍ୟାହାର ହୋଇପାରେ। ସୂତ୍ର ଅନୁଯାୟୀ, ନିଲମ୍ବିତ ସାଂସଦଙ୍କ ପ୍ରସଙ୍ଗ ବିରୋଧୀ ଦଳ ଏବଂ ସରକାରଙ୍କ ମଧ୍ୟରେ ବିବାଦର କାରଣ ପାଲଟିଛି। ଫେବୃଆରୀ ୩ ତାରିଖରେ ଏହି ୮ ସାଂସଦ କାଗଜ ଚିରି ବାଚସ୍ପତିଙ୍କ ଚେୟାର ଉପରକୁ ଫିଙ୍ଗିଥିଲେ। ଏହାକୁ ନେଇ ସେମାନଙ୍କୁ ନିଲମ୍ବନ କରାଯାଇଥିଲା। କଂଗ୍ରେସର ୭ ସାଂସଦ ଓ ସିପିଆଇ(ଏମ୍)ର ଜଣେ ସାଂସଦଙ୍କୁ ବିଶୃଙ୍ଖଳିତ ଆଚରଣ ପାଇଁ ଏପ୍ରିଲ ୨ ତାରିଖରେ ଶେଷ ହେବାକୁ ଥିବା ବଜେଟ ଅଧିବେଶନର ବାକି ଦିନଗୁଡ଼ିକ ପାଇଁ ନିଲମ୍ବନ କରାଯାଇଥିଲା। ତେବେ ବାଚସ୍ପତି ଓମ୍ ବିର୍ଲା ତାଙ୍କ ନିଷ୍ପତ୍ତିରେ ପରିବର୍ତ୍ତନ କରି ୮ ସାଂସଦଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିପାରନ୍ତି। ନିଲମ୍ବନ ଆଦେଶ ରବିବାର ଉଠାଇ ଦିଆଯାଇପାରେ, ଯଦ୍ୱାରା ସୋମବାର ସାଂସଦମାନେ ବାଚସ୍ପତିଙ୍କୁ ଭେଟି ସେମାନଙ୍କ ନିଲମ୍ବନ କରାଯିବା ସମ୍ପର୍କିତ ପରସ୍ଥିତି ସମ୍ପର୍କରେ ବୁଝାଇ ପାରିବେ ବୋଲି ସୂତ୍ରରୁ ଜଣାପଡ଼ିଛି।

ଶୁକ୍ରବାର ବିଜନେସ୍ ଆଡଭାଇଜରୀ କମିଟି ବୈଠକରେ କଂଗ୍ରେସ ମୁଖ୍ୟ ସଚେତକ କୋଡିକୁନିଲ ସୁରେଶ ସାଂସଦଙ୍କ ନିଲମ୍ବନ ଉଠେଇବା ସମ୍ପର୍କରେ ବାଚସ୍ପତି ଓମ୍ ବିର୍ଲା ଓ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁଙ୍କ ଆଗରେ ପ୍ରସ୍ତାବ ରଖିଥିଲେ। ରିଜିଜୁ ବିରୋଧୀ ଦଳକୁ କହିଛନ୍ତି ଯେ, ପରାମର୍ଶ ପରେ ସେ ଏହି ପ୍ରସଙ୍ଗରେ ସେମାନଙ୍କ ସହିତ ଯୋଗାଯୋଗ କରିବେ। ଗୁରୁବାର କଂଗ୍ରେସ ମହାସଚିବ କେସି ବେଣୁଗୋପାଳ, ସମାଜବାଦୀ ପାର୍ଟିର ଧର୍ମେନ୍ଦ୍ର ଯାଦବ, ଏନ୍‌ସିପି (ଏସ୍‌ପି)ର ସୁପ୍ରିୟା ସୁଲେ, ଡିଏମ୍‌କେର କାନିମୋଝି ଓ ଟିଏମ୍‌ସିର ଶତାବ୍ଦୀ ରାୟ ରିଜିଜୁଙ୍କ ଭେଟି ସାଂସଦଙ୍କ ନିଲମ୍ବନ ପ୍ରତ୍ୟାହାର କରିବାକୁ କହିଥିଲେ। ଏହି ପ୍ରସଙ୍ଗକୁ ବାଚସ୍ପତିଙ୍କ ସମ୍ମୁଖରେ ଉଠାଇବାକୁ ରିଜିଜୁ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ।

## ନିର୍ଦ୍ଦୟ ସରକାର ବିରୋଧରେ ପରିବର୍ତ୍ତନର ଝଡ଼



କୋଲକାତାରେ ଗର୍ଜିଲେ ମୋଦି

**କୋଲକାତା, ୧୪।୩:** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛି। ପ୍ରଧାନମନ୍ତ୍ରୀ ମୋଦୀ ଶନିବାର କୋଲକାତାରେ ଟିଏମସି ସରକାରଙ୍କ ଉପରେ ବର୍ଷିଛନ୍ତି। ଆଜି ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ଏକ ରାଲିକୁ ସମ୍ବୋଧନ ଅବସରରେ ମୋଦୀ ଟିଏମସି ସରକାର ବିରୋଧରେ ରଣହୁଙ୍କାର ଦେଇ କହିଛନ୍ତି, ପ୍ରତିଟି କୋଣରୁ ଶୁଭୁଛି ଏଥର ବେଙ୍ଗଲରେ ବିଜେପି ସରକାର। ପଶ୍ଚିମବଙ୍ଗର ପରିବର୍ତ୍ତନ ସଂପର୍କରେ ଏବେ ଲୋକଙ୍କ ହୃଦୟରେ ଲେଖାଯାଇଛି। ରାଜ୍ୟରେ ନିଷ୍ଠୁର ସରକାରର ପତନ ହେବ। ଜଙ୍ଗଲରାଜର ଅନ୍ତ ଘଟିବ। ମମତା ବାନାର୍ଜୀ ସରକାରଙ୍କୁ ଟାର୍ଗେଟ କରି ସେ କହିଛନ୍ତି, 'ଗତକାଲି, ଟିଏମସି ଏହି ରାଲିରେ ଆସିଥିବା ସମସ୍ତଙ୍କୁ ଚୋର ବୋଲି କହି ଗାଳି ଦେଇଥିଲା। ରାଜ୍ୟର ଜନତା ଜାଣନ୍ତି ଯେ, ପ୍ରକୃତ ଚୋର କିଏ? ଏଠାକାର ନିଷ୍ଠୁର ସରକାର ନିଜ ଚୌକି ଯାଉଥିବା ଦେଖି ବିଚଳିତ ହୋଇଯାଇଛି।' ଆଜିର ସମାବେଶକୁ ବନ୍ଦ କରିବା ପାଇଁ ସେମାନେ ପୋଲ ବନ୍ଦ କରିଛନ୍ତି। ଯାନବାହାନ ଅଟକାଇଛନ୍ତି, ବିଜେପି ପତାକା ହଟାଇଛନ୍ତି ଏବଂ ପୋଷ୍ଟର ଚିରି ଦେଇଛନ୍ତି। କିନ୍ତୁ ନିଷ୍ଠୁର ସରକାର ଆଜିର ଜନସମାବେଶକୁ ବନ୍ଦ କରିପାରି ନାହିଁ।' ସେ କହିଛନ୍ତି, ପଶ୍ଚିମବଙ୍ଗରେ ଜଙ୍ଗଲରାଜ୍ ଆଣିଥିବା ଲୋକଙ୍କ ପାଇଁ କାଉଣ୍ଟ ଡାଉନ୍ ଆରମ୍ଭ ହୋଇଯାଇଛି।

## ମାମଲା ତାଲିକା ଓ ବେଞ୍ଚ ଆବଣ୍ଟନ କରିବ

**ନୂଆଦିଲ୍ଲୀ, ୧୪।୩:** ଏଣିକି ମାମଲାଗୁଡ଼ିକର ତାଲିକା ପ୍ରସ୍ତୁତି ଓ ଖଣ୍ଡପୀଠ ଆବଣ୍ଟନ କାର୍ଯ୍ୟ ତୁଲାଇବ ଏଆଇ ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ। ଏହି ପ୍ରୟାସ ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଶାସନିକ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ। ବାର୍ ଆଣ୍ଡ ବେଞ୍ଚର ଏକ ରିପୋର୍ଟ ଅନୁସାରେ, ଏହି ପ୍ରକ୍ରିୟାରେ ମାନବୀୟ ହସ୍ତକ୍ଷେପ ହ୍ରାସ ପାଇବ।




ସୁପ୍ରିମକୋର୍ଟରେ ଏଆଇ

ଦିଲ୍ଲୀରେ ଏଆଇ ଇମ୍ପ୍ୟାକ୍ଟ ସମିଟର କିଛି ସପ୍ତାହ ପରେ ଏହି ରିପୋର୍ଟ ସାମ୍ନାକୁ ଆସିଛି। ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏହି ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ପ୍ରଧାନ ବିଚାରପତିଙ୍କ ଦ୍ୱାରା ବିଭିନ୍ନ ଖଣ୍ଡପୀଠକୁ ମାମଲା ଆବଣ୍ଟନ କରାଯାଉଛି, ଯିଏକି ଏହି ତାଲିକାର ମୁଖ୍ୟ ଭାବେ ପରିଚିତ। ଏହି କ୍ଷମତା ପ୍ରଧାନ ବିଚାରପତିଙ୍କ କାର୍ଯ୍ୟାଳୟକୁ କଡ଼ା ଯାଞ୍ଚ ପରିସର ମଧ୍ୟରେ ରଖେ। ତେବେ ସୁପ୍ରିମକୋର୍ଟ ରେଜିଷ୍ଟ୍ରୀ ମଧ୍ୟରେ ଦୁଇଟି ପ୍ରମୁଖ ବ୍ୟବସ୍ଥାଗତ ବିଫଳତା ଚିହ୍ନଟ ପରେ ଏକ ଅନ୍ତରୀଣ ତଦନ୍ତ ହୋଇଥିଲା। ଏହା ପରେ ସଦ୍ୟ ସଂସ୍କାରଗୁଡ଼ିକ ଆସିଛି । ଅଧିକାରୀମାନେ ଦୀର୍ଘ ସମୟ ଧରି ସମାନ ପଦବୀରେ ରହିଥିଲେ। ଅନିୟମିତ ଓ ଅନୁପଯୁକ୍ତ ମାମଲା ଆବଣ୍ଟନ ସମେତ ପୁରୁଣା ବୈଷୟିକ ଢାଞ୍ଚା ପ୍ରଶାସନିକ ତ୍ରୁଟି ପାଇଁ ଦାୟୀ ଥିଲା। ବର୍ଷ ବର୍ଷ ଧରି ଚାଲିଥିବା କାର୍ଯ୍ୟକାଳ ଓ ଅଦକ୍ଷତାକୁ ଦୂର କରିବା ପାଇଁ ରେଜିଷ୍ଟ୍ରୀରେ ଅଧିକାରୀମାନଙ୍କର ଆନ୍ତବିଭାଗୀୟ ସ୍ଥାନାନ୍ତରଣର ମଧ୍ୟ ଏକ ଅପ୍ରତ୍ୟାଶିତ ଧାରା ଦେଖିବାକୁ ମିଳିଛି। ଚଳିତ ମାସ ଶେଷ ପୂର୍ବରୁ ଦ୍ୱିତୀୟ ପର୍ଯ୍ୟାୟ ସ୍ଥାନାନ୍ତର ଆଶା କରାଯାଉଛି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ଜୟମାଲା ବାଗ୍ଚୀ ଓ ବିପୁଲ ପାଞ୍ଚୋଲିଙ୍କ ଖଣ୍ଡପୀଠଙ୍କ ସମ୍ମୁଖରେ ଏକ ଶୁଣାଣି ସମୟରେ ଏହି ପ୍ରସଙ୍ଗ ସାମ୍ନାକୁ ଆସିଥିଲା।

## ଗ୍ୟାସ ପାଇଁ ଲମ୍ବା ଲାଇନ ନେଲା ଜୀବନ



**ଉତ୍ତର ପ୍ରଦେଶ, ୧୪।୩:** ଉତ୍ତର ପ୍ରଦେଶର ଫାରୁଖାବାଦରେ ଜଣେ ବ୍ୟକ୍ତିଙ୍କର ଗ୍ୟାସ୍ ସିଲିଣ୍ଡର ଧାଡ଼ିରେ ଠିଆହୋଇ ମୃତ୍ୟୁ ଘଟିଛି। ସେ ଲାଇନ୍‌ରେ ୩ ଘଣ୍ଟା ଧରି ଠିଆ ହୋଇଥିଲେ। ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ପୁଅ କହିଛନ୍ତି, ତାଙ୍କ ବାପା ଗ୍ୟାସ୍ ସିଲିଣ୍ଡର ପାଇଁ ଲାଇନ୍‌ରେ ଠିଆ ହୋଇଥିଲେ, ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିଲା ଏବଂ ସେ ତଳେ ପଡ଼ିଯାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ତଳେ ପଡ଼ିବା ପରେ ଦୁଇଜଣ ଯୁବକ ତାଙ୍କୁ ସିପିଆର ଦେଇଥିଲେ। ମୃତକଙ୍କ ପୁଅ ଗଡ଼ି ଖାନ ଖାନା ମହଲ୍ଲାର ଶାହନୱାଜ କହିଛନ୍ତି, ତାଙ୍କ ବାପା, ୭୫ ବର୍ଷ ବୟସ୍କ ମୁଖତାର ଅନସାରୀ, ସକାଳ ସାଢ଼େ ୬ଟାରୁ ଗ୍ୟାସ୍ ସିଲିଣ୍ଡର ପାଇଁ ଘରୁ ବାହାରିଥିଲେ। ସେ ଧାଡ଼ିରେ ଠିଆ ହୋଇଥିଲେ। ପ୍ରାୟ ପୂର୍ବାହ୍ନ ୯ ଟାରେ, ସେ ହଠାତ୍ ତଳେ ପଡ଼ିଯାଇଥିଲେ। ତାଙ୍କ ଅବସ୍ଥା ଖରାପ ହେଉଥିବା ଦେଖି, ଶମଶାଦ ଏବଂ ପଡ଼ୋଶୀର ଅନ୍ୟ ବାସିନ୍ଦାମାନେ ତାଙ୍କୁ ଇ-ରିକ୍ସା ଯୋଗେ ଆବାସ ବିକାଶର ଏକ ହୃଦରୋଗ ବିଶେଷଜ୍ଞଙ୍କ ହସ୍ପିଟାଲକୁ ନେଇଯାଇଥିଲେ ।

ହସ୍ପିଟାଲର ଡାକ୍ତର ପରୀକ୍ଷା କରିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅ ଶାହନୱାଜ କହିଛନ୍ତି, ତାଙ୍କ ବାପା ବହୁତ ସମୟ ଧରି ଲାଇନରେ ଅପେକ୍ଷା କରିବା ପରେ ଅଚେତ ହୋଇଯାଇଥିଲେ। ହୃଦରୋଗ ବିଶେଷଜ୍ଞ ଡାକ୍ତର ଉଦୟରାଜ ସିଂହ କହିଛନ୍ତି, ବୃଦ୍ଧ ବ୍ୟକ୍ତିଙ୍କୁ ତାଙ୍କ ପରିବାର ଏକ ଇ-ରିକ୍ସାରେ ଆଣିଥିଲେ। ମୁଖତାର ଅନସାରୀଙ୍କ ପୁତୁରା ମହମ୍ମଦ ବସିର କହିଛନ୍ତି, ସେ ମୋର ଚାଚା ଥିଲେ। ଘରେ ଗ୍ୟାସ୍ ସରିଯାଇଥିଲା, ତେଣୁ ସେ ପୂର୍ବ ଦିନ ଗ୍ୟାସ ଏଜେନ୍ସିରୁ ଏକ ସ୍ଲିପ୍ ଆଣିଥିଲେ। ତାଙ୍କୁ ଏଜେନ୍ସିରେ କୁହାଯାଇଥିଲା ଯେ, ପରଦିନ ଗ୍ୟାସ୍ ସିଲିଣ୍ଡର ମିଳିବ। ସେ ସିଲିଣ୍ଡର ନେବାକୁ ଆସିଥିଲେ। ହଠାତ୍, ସେ ଛାତିରେ ଯନ୍ତ୍ରଣା ଅନୁଭବ କଲେ ଏବଂ ତଳେ ପଡ଼ିଯାଇଥିଲେ ।

# ଜନଗଣନା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ




କଟକ, ୧୪।୩ (ସଂଚାର ବ୍ୟୁରୋ) : ୨୦୨୭ ଜନଗଣନାକୁ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ନିର୍ଭୁଲ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ଜିଲ୍ଲା ପ୍ରଶାସନ ତରଫରୁ କ୍ଷେତ୍ର ପ୍ରଶିକ୍ଷକମାନଙ୍କ ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହୋଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କଟକ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରମୁଖ ଜନଗଣନା ଅଧିକାରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଓ୍ୱଂ ତାଙ୍କ ନିର୍ଦ୍ଦେଶାନୁସାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ କମଲଜିତ ଦାସଙ୍କ ସହ ପରିଚାଳନା ଓ ପ୍ରଶାସନିକ ତଦାରଖ ପୂର୍ବକ କରାଯାଉଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଜନଗଣନା ସମ୍ପର୍କିତ ବିଭିନ୍ନ ଆଇନଗତ ଦିଗ , ଏନୁମେରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦେବାର ପଦ୍ଧତି ସହିତ ଅନ୍ୟାନ୍ୟ ବିଭିନ୍ନ ଆବଶ୍ୟକୀୟ ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ୧୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ ହେବ। ଆସନ୍ତା ଏପ୍ରିଲ ୧ ରୁ ଏପ୍ରିଲ ୭ ପର୍ଯ୍ୟନ୍ତ ଜିଲ୍ଲାର ଏନ୍ୟୁମେରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ପରବର୍ତ୍ତୀ ପର୍ଯ୍ୟାୟରେ ୭ ଏପ୍ରିଲ ରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ଏନ୍ୟୁମେରେଟର ଓ ସୁପରଭାଇଜରମାନଙ୍କ ପାଇଁ ଏକ ପ୍ରାକ୍ଟିସ୍ ୱିଣ୍ଡୋ ଖୋଲାଯିବ । ଯାହାଦ୍ୱାରା ପ୍ରଶିକ୍ଷଣରେ ଶିଖିଥିବା ପ୍ରକ୍ରିୟାକୁ ସେମାନେ ପ୍ରାୟୋଗିକ ଭାବେ ଅଭ୍ୟାସ କରିପାରିବେ। ଜନଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ସତର୍କତା, ଦାୟିତ୍ୱବୋଧ ଓ ସମୟାନୁବର୍ତ୍ତୀତା ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସହକାରୀ ନିର୍ଦ୍ଦେଶକ (ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର) ମିଳିତା ଦତ୍ତ ଓ ଡେପୁଟି କଲେକ୍ଟର,(ଜନଗଣନା) ନୁରି ପରଭିନ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଅନୁଷ୍ଠିତ ହେବାକୁଥିବା ୨୦୨୭ ଷୋଡଶ ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କ୍ଷେତ୍ରସ୍ତରୀୟ ଅଧିକାରୀ ଭାବେ ପ୍ରଶାସନିକ ଅଧିକାରୀ,ଡେପୁଟୀ କଲେକ୍ଟର,ସହକାରୀ ଜିଲ୍ଲାପାଳ, ଅତିରିକ୍ତ ତହସିଲଦାର, ଅଧ୍ୟାପକ ପ୍ରଶିକ୍ଷଣ ଗ୍ରହଣ କରିବେ । ଜନଗଣନା କାର୍ଯ୍ୟକ୍ରମ ଦେଶର ସାମାଜିକ ଓ ଆର୍ଥିକ ପରିକଳ୍ପନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ତେଣୁ ଏହାକୁ ସଠିକ ଓ ସ୍ୱଚ୍ଛ ଭାବେ ସମ୍ପନ୍ନ କରିବାକୁ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଯଥୋଚିତ ପ୍ରଶିକ୍ଷଣ ଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି ।

## ଡମଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର,୧୪।୩(ସଂଚାର ବ୍ୟୁରୋ): ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଡମଗୁଡା ଜଙ୍ଗଲରେ ଜୟପୁର ଅବକାରି ଥାନା ପକ୍ଷରୁ ଚଢଉ ହୋଇଛି। ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ୧୪ ଶହ ଲିଟର ପୋଚ ୪୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି। ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି।

## ଆଉଟସୋର୍ସିଂ କର୍ମଚାରୀଙ୍କ ପାଇଁ ବିଧାନସଭାରେ ଉଦବେଗ

ଭୁବନେଶ୍ୱର,୧୪।୩(ସଂଚାର ବ୍ୟୁରୋ): ଗତ ଆଠ ଦିନ ଧରି ରାଜ୍ୟର ହଜାର ହଜାର ଆଉଟସୋର୍ସିଂ କର୍ମଚାରୀ ବିଧାନସଭା ସମ୍ମୁଖରେ ଧାରଣା ଦେଇଛନ୍ତି। ହେଲେ ସରକାର ସେମାନଙ୍କ ଦାବି ପୂରଣ ଦିଗରେ ଉଦ୍ୟମ କରୁନାହାଁନ୍ତି, ଯାହାକୁ ନେଇ ଆଜି ବିଧାନସଭାରେ କଂଗ୍ରେସ ବିଧାୟକମାନ ଉଦବେଗ ପ୍ରକାଶ କରିଥିଲେ। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଆଉଟସୋର୍ସିଂ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ସହ ଦରମା ବୃଦ୍ଧି କରିବାକୁ ଦାବି କରିଥିଲେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ। ବିଜେପି ସରକାର କ୍ଷମତାକୁ ଆସିବା ପୂର୍ବରୁ ଅସ୍ଥାୟୀ ନିଯୁକ୍ତିକୁ ବନ୍ଦ କରିବ ବୋଲି ଘୋଷଣା କରିଥିଲା। ହେଲେ ସରକାରକୁ ଆସିବା ପରେ ମଧ୍ୟ ଆଉଟସୋର୍ସିଂ କର୍ମଚାରୀଙ୍କ ସ୍ଥାୟିତ୍ୱକୁ ନେଇ ଚିନ୍ତା କରାଯାଉନି। ବିରୋଧୀ ଦଳରେ ଥିବା ବେଳେ ବିଜେପି ନେତାମାନେ ତାଙ୍କ ପାଖକୁ ଯାଇ ସରକାରକୁ ଆସିଲେ ସ୍ଥାୟୀ ନିଯୁକ୍ତିର ପ୍ରତିଶ୍ରୁତି ଦେଇଥିଲେ ବୋଲି ସେ କହିଥିଲେ। ସ୍ୱାସ୍ଥ୍ୟଠୁ ଆରମ୍ଭ କରି ଶିକ୍ଷା, ପାନୀୟ ଜଳ, ବିଭିନ୍ନ ନିଗମରେ ପ୍ରାୟ ୮୦ ହଜାର ଆଉଟସୋର୍ସିଂ କର୍ମଚାରୀ ଅଛନ୍ତି। ସେମାନଙ୍କୁ ମାତ୍ର ୮ରୁ ୧୦ ହଜାର ଟଙ୍କା ଦରମା ଦିଆଯାଉଛି। ଏହାର ସମାଧାନ କରିବାକୁ ବିଧାୟକ ତାରା ପ୍ରସାଦ ବାହିନୀପତି, ସୋଫିଆ ଫିର୍ଦ୍ଦୋସ ପ୍ରମୁଖ ଦାବି କରିଥିଲେ। ଏହି ପ୍ରସଙ୍ଗରେ ଆଜି କଂଗ୍ରେସ ମୁଲତବୀ ଆଲୋଚନା ଦେଇଥିଲା। କିନ୍ତୁ ବାଚସ୍ପତି ନୋଟିସକୁ ଗ୍ରହଣ କରିନଥିଲେ।

## ତୃଣମୂଳ-ବିଜେପି ସଂଘର୍ଷରେ ଗିରୀଶ ପାର୍କ ରଣକ୍ଷେତ୍ର




କୋଲକାତା,୧୪।୩(ସଂଚାର ବ୍ୟୁରୋ): ଶନିବାର ଅପରାହ୍ଣରେ, ତୃଣମୂଳ କଂଗ୍ରେସ ଏବଂ ବିଜେପିର କର୍ମୀ ଏବଂ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ପରେ କୋଲକାତାର ଗିରିଶ ପାର୍କ ଅଞ୍ଚଳ ରଣକ୍ଷେତ୍ର ପାଲଟିଥିଲା। ରାଜ୍ୟ ମନ୍ତ୍ରୀ ଶଶି ପାଞ୍ଜାଙ୍କ ବାସଭବନ ଉପରେ ପଥର ଫିଙ୍ଗାଯାଇଥିବାର ଅଭିଯୋଗ ଆସିଛି, ମନ୍ତ୍ରୀ ନିଜେ ମଧ୍ୟ ଆକ୍ରମଣ ହୋଇଥିବା ଜଣାପଡ଼ିଛି। ରାଜ୍ୟର ଶାସକ ଦଳ ଏହି ଘଟଣାଗୁଡ଼ିକ ସମ୍ପର୍କରେ ବିଜେପି ଉପରେ ଆକ୍ଷେପ କରିଛି। ତେବେ, ଏହି ଅଭିଯୋଗଗୁଡ଼ିକୁ ଗେରୁଆ ଶିବିର ଖାରଜ କରିଛି। ସେମାନେ ଏକ ପାଲଟା ଦାବି କରି କହିଛନ୍ତି ଯେ ବିଜେପିର କୋଲକାତା ଉତ୍ତର ସଂଗଠନ ଜିଲ୍ଲା ସଭାପତି ତମୋଘ୍ନ ଘୋଷ ଦୁର୍ବୃତ୍ତମାନଙ୍କ ଆକ୍ରମଣରେ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ, ଦୁର୍ବୃତ୍ତମାନଙ୍କ ଦ୍ୱାରା ପଥର ଫିଙ୍ଗାଯାଇଥିବାରୁ ବୌବଜାର ଏବଂ ବଡତାଲା ଥାନାର ଭାରପ୍ରାପ୍ତ ଅଧିକାରୀ (ଓସି) ଆହତ ହୋଇଛନ୍ତି।

## 'ମନ୍ତ୍ର ମୁଗ୍ଧ'ର ଯାଦୁ ପ୍ରଥମଥର ପାଇଁ ଡ୍ରୋନ୍‌ରେ ଟିଜର




ଭୁବନେଶ୍ୱର, ୧୪।୩ (ସଂଚାର ବ୍ୟୁରୋ): ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପରେ ଆଜି ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। ବହୁ ପ୍ରତୀକ୍ଷିତ ଓଡ଼ିଆ ସିନେମା 'ମନ୍ତ୍ର ମୁଗ୍ଧ'ର ଏକ ଭବ୍ୟ ଟିଜର ଲୋକାର୍ପଣ ଉତ୍ସବ ଆଜି ସନ୍ଧ୍ୟାରେ ସ୍ଥାନୀୟ ବୁଦ୍ଧ ଜୟନ୍ତୀ ପାର୍କଠାରେ ଅନୁଷ୍ଠିତ ହୋଇଛି। ଓଲିଉଡ ଇତିହାସରେ ପ୍ରଥମ ଥର ପାଇଁ ଅତ୍ୟାଧୁନିକ 'ଏଲଇଡି ଡ୍ରୋନ୍ ପ୍ରଦର୍ଶନୀ' ମାଧ୍ୟମରେ ଚଳଚ୍ଚିତ୍ରର ଟିଜରକୁ ଆକାଶ ମାର୍ଗରେ ପ୍ରଦର୍ଶିତ କରାଯାଇ ଦର୍ଶକଙ୍କୁ ମନ୍ତ୍ର ମୁଗ୍ଧ କରାଯାଇଛି।

ପ୍ରାୟ ୪୦ ମିନିଟ୍ ଧରି ଚାଲିଥିବା ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ୩ଟି ଡ୍ରୋନ୍ ସାହାଯ୍ୟରେ ଶହେ ଫୁଟ ଉଚ୍ଚତାରେ ଏକ ଭିଜୁଆଲ୍ ସିକ୍ୟୁଏନ୍ସ ପ୍ରସ୍ତୁତ କରାଯାଇଥିଲା। ଏହା ମାଧ୍ୟମରେ ଚଳଚ୍ଚିତ୍ରର କାଳ୍ପନିକ ତଥା ରହସ୍ୟମୟ ଦୁନିଆର କିଛି ଝଲକ ଦର୍ଶକଙ୍କ ସାମ୍ନାକୁ ଆସିଥିଲା। ପୂର୍ବରୁ ଏଭଳି ପ୍ରଚାର ଶୈଳୀ କେବଳ ବଡ଼ ବଜେଟର ବଲିଉଡ୍ ବା ହଲିଉଡ୍ ସିନେମାରେ ଦେଖିବାକୁ ମିଳୁଥିବା ବେଳେ ଅନୁପମ ପଟ୍ଟନାୟକଙ୍କ ଏହି ପ୍ରୟାସ ଓଡ଼ିଆ ସିନେମାର ବଢୁଥିବା ସାମର୍ଥ୍ୟକୁ ପ୍ରମାଣିତ କରିଛି।

ଓଡ଼ିଆ ସିନେମାକୁ ବିଶ୍ୱସ୍ତରୀୟ ପରିଚୟ ଦେଇଥିବା ପ୍ରତିଷ୍ଠିତ 'ଅମୀୟ ପଟ୍ଟନାୟକ ପ୍ରଡକ୍ସନ୍ସ' ବ୍ୟାନରରେ ଏହି ଚଳଚ୍ଚିତ୍ରଟି ନିର୍ମିତ ହୋଇଛି। ପୂର୍ବରୁ ଜାତୀୟ ପୁରସ୍କାରପ୍ରାପ୍ତ 'ପ୍ରତୀକ୍ଷା', ବ୍ଲକବଷ୍ଟର 'କର୍ମ' ଓ ଲୋକପ୍ରିୟ ୱେବ୍ ସିରିଜ୍ 'ଗ୍ୟାଙ୍ଗସ ଅଫ୍ ପୁରୀ' ଭଳି ସଫଳ ଭେଟି ଦେଇଥିବା ଏହି ପ୍ରଯୋଜନା ସଂସ୍ଥା 'ମନ୍ତ୍ର ମୁଗ୍ଧ' ଜରିଆରେ କାହାଣୀ ଓ ଶୈଳୀର ସୀମାକୁ ଆହୁରି ବଢ଼ାଇବାକୁ ଲକ୍ଷ୍ୟ ରଖିଛି।

## ● ଦିଦିଙ୍କ ଟଙ୍କାରେ ମୋଦି ଦର୍ଶନ !

## ଦୁଇ ଯୁବକଙ୍କ ବ୍ରିଗେଡ ଯାତ୍ରାର ଇଚ୍ଛାପୂରଣ କଲା ଯୁବସାଥୀ

କୋଲକାତା,୧୪।୩(ସଂଚାର ବ୍ୟୁରୋ): ବେକାରମାନଙ୍କ ପାଇଁ ମମତା ବାନାର୍ଜୀଙ୍କ ନୂତନ ପ୍ରକଳ୍ପ 'ଯୁବସାଥୀ'। ଏହି ପ୍ରକଳ୍ପ ଅଧୀନରେ, ରାଜ୍ୟ ସରକାର ମାସିକ ଭତ୍ତା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରନ୍ତି। ଏହି ଟଙ୍କାରେ ଦୁଇ ଜଣ ବିଜେପି କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରିଗେଡ ରାଲିରେ ଯୋଗ ଦେଇଥିଲେ। ସେମାନଙ୍କର ସ୍ପଷ୍ଟ ସ୍ୱୀକାରୋକ୍ତି ଥିଲା, 'ଆମ ପାଖରେ ଟଙ୍କା ନଥିଲା। ଆମେ 'ଦିଦିଙ୍କ' ଯୁବସାଥୀ ପ୍ରକଳ୍ପରୁ ପଇସା ପାଇବା ପରେ ହିଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ରାଲିରେ ଯୋଗ ଦେଇ ପାରିଲୁ। ଏହି ମନ୍ତବ୍ୟଗୁଡ଼ିକର ଜବାବ ଦେଇ ତୃଣମୂଳ କଂଗ୍ରେସ ଜଣାଇଛି ଯେ ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ସରକାର କୌଣସି ପକ୍ଷପାତିତାରେ ଲିପ୍ତ ନୁହେଁ ଏବଂ ସମସ୍ତଙ୍କ ବିକାଶ ଚାହୁଁଛି। ଦଳ ଆହୁରି ଦୃଢ଼ ଭାବରେ ଜଣାଇଛି ଯେ ଏହି ଦୁଇ ବିଜେପି କର୍ମୀଙ୍କ ଦ୍ୱାରା ଦିଆଯାଇଥିବା ସ୍ୱୀକାରୋକ୍ତି ଏହି ଦାବିକୁ ଖଣ୍ଡନ କରେ ଯେ ବିଭିନ୍ନ ପ୍ରକଳ୍ପର ଲାଭ କେବଳ ତୃଣମୂଳ ସମର୍ଥକଙ୍କ ପାଇଁ ଉପଲବ୍ଧ। ଗୋପାଳ ଦାସ ଏବଂ କଲ୍ୟାଣ ରାୟ ରାଜଗଞ୍ଜର ଦୁଇ ଯୁବକ। ସେମାନେ ସ୍ଥାନୀୟ ବିଜେପି କର୍ମୀ।

## ବାଲି ପୌରାଞ୍ଚଳରେ ଆବର୍ଜନା ସମସ୍ୟାର ସମାଧାନ, ଅଳିଆ ଅପସାରଣ କାର୍ଯ୍ୟ ଆରମ୍ଭ

କୋଲକାତା,୧୪।୩(ସଂଚାର ବ୍ୟୁରୋ): ୧୦ ଦିନ ପରେ, ବାଲି ପୌରସଭା ଅଞ୍ଚଳରେ ଅଳିଆ ସଙ୍କଟର ସମାଧାନ ହୋଇଛି। ଗୁରୁବାର ସକାଳେ, ବାଲି ପୌରସଭା ଅଞ୍ଚଳର ବିଭିନ୍ନ ରାସ୍ତାରୁ ଜମା ହୋଇଥିବା ଅଳିଆ ସଫା କରିବା କାର୍ଯ୍ୟ ଆରମ୍ଭ ହୋଇଛି। ଟ୍ରାକ୍ଟର ଦ୍ୱାରା ଅଳିଆ ପରିବହନ କରାଯାଇ ବେଲୁଡ ଚାନ୍ଦମାରି ଲ୍ୟାଣ୍ଡଫିଲ୍‌ରେ ପକାଯାଉଛି। ମାର୍ଚ୍ଚ ଆରମ୍ଭରେ, ବେଲୁଡ ଚାନ୍ଦମାରି ଲ୍ୟାଣ୍ଡଫିଲ୍‌ରେ ଥିବା ବିଶାଳ ଅଳିଆ ଗଦାରେ ନିଆଁ ଲାଗି ଯାଇଥିଲା, ଯାହା ଆଖପାଖ ଅଞ୍ଚଳର ବାସିନ୍ଦାଙ୍କ ପାଇଁ ଜୀବନକୁ ଅସହ୍ୟ କରିଦେଇଥିଲା। ଫଳସ୍ୱରୂପ, ସ୍ଥାନୀୟ ବାସିନ୍ଦାମାନେ ସେହି ସ୍ଥାନରେ ଅଳିଆ ପକାଇବାକୁ ବିରୋଧ କରିଥିଲେ। ସେବେଠାରୁ, ଲ୍ୟାଣ୍ଡଫିଲ୍‌ରେ ଅଳିଆ ପକାଇବା ବନ୍ଦ ହୋଇଯାଇଥିଲା। ଏହି ଅଚଳାବସ୍ଥାର ସମାଧାନ ପାଇଁ, ହାଓଡ଼ା ଜିଲ୍ଲା ପରିଷଦର ପବ୍ଲିକ୍ ୱର୍କ୍ସ ବିଭାଗର




କର୍ମାଧ୍ୟକ୍ଷ (ଅଧ୍ୟକ୍ଷ) ତାପସ ମାଇତି ଗତ ମଙ୍ଗଳବାର ବାଲି-ଜଗଚ୍ଛା ବ୍ଲକ କାର୍ଯ୍ୟାଳୟରେ ହାଓଡ଼ାର ଉପ-ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ବାଲି ପୌରସଭାର ଅଧିକାରୀଙ୍କ ସହିତ ଏକାଧିକ ବୈଠକ କରିଥିଲେ।

## ଆଜି ଫେରିବେ ସୁରେଶ ପୂଜାରୀ

### ୧୬ରେ ଦେବେ ଭୋଟ୍




ଭୁବନେଶ୍ୱର,୧୪।୩(ସଂଚାର ବ୍ୟୁରୋ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉଲ୍ଲେଖନୀୟ ସୁଧାର ଆସିବା ପରେ ସେ ଆସନ୍ତାକାଲି ଭୁବନେଶ୍ୱର ଫେରିବେ। ସୋମବାର ରାଜ୍ୟସଭା ନିର୍ବାଚନ ପାଇଁ ଭୋଟଗ୍ରହଣ ଥିବାରୁ ସେ ରବିବାର ରାତିରେ ଫେରିବା ଶାସକ ବିଜେପି ପାଇଁ ଆଶ୍ୱସ୍ତିର ବିଷୟ ହୋଇଛି। ସୂଚନାନୁସାରେ, ନୂଆଦିଲ୍ଲୀସ୍ଥିତ ଏମ୍ସରେ ଚିକିତ୍ସିତ ହେଉଥିବା ରାଜସ୍ୱ ମନ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଛି। ସେ ଆସନ୍ତାକାଲି ହସ୍ପିଟାଲରୁ ଡିସଚାର୍ଜ ହେବେ ଓ ରାତି ପ୍ରାୟ ସାଢ଼େ ୮ଟାରେ ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ତାଙ୍କର ଏହି ପ୍ରତ୍ୟାବର୍ତ୍ତନ ମଧ୍ୟ ରାଜନୀତିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ୧୬ ତାରିଖରେ ରାଜ୍ୟସଭା ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେଉଥିବାରୁ ସେ ଏଥିରେ ସାମିଲ ହୋଇପାରିବେ ବୋଲି ଜଣାପଡ଼ିଛି। ଚଳିତ ମାସ ପ୍ରଥମ ସପ୍ତାହରେ ଅଚାନକ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଶ୍ରୀ ପୂଜାରୀଙ୍କୁ ପ୍ରଥମେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ସେଠାରେ ଆବଶ୍ୟକ ପରୀକ୍ଷାନିରୀକ୍ଷା ସହ ଦୁଇ ଦିନ ରହିବା ପରେ କରୋନାରୀ ଆର୍ଟେରୀ ଡିଜିଜ୍ ଯୋଗୁଁ ତାଙ୍କୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା।

## ଖୁଣ୍ଟିଆ ସେବକ ତିନି ମାସ ପାଇଁ ନିଲମ୍ବିତ

ପୁରୀ, ୧୪।୩ (ସଂଚାର ବ୍ୟୁରୋ) : ନୀତି ବିଳମ୍ବ ଓ ବିଶୃଂଖଳ ଆଚରଣ ପାଇଁ ଜଣେ ଖୁଣ୍ଟିଆ ସେବକଙ୍କୁ ତିନି ମାସ ପାଇଁ ନିଲମ୍ବନ କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ଅନ୍ୟ ଦୁଇ ସେବକଙ୍କୁ ସର୍ତ୍ତସହ କ୍ଷମା ଦେଇ କଠୋର ସତର୍କବାଣୀ ଶୁଣାଇଲେ ମୁଖ୍ୟ ପ୍ରଶାସକ। ଗତ ୨୮ରେ କେତେକ ସେବକଙ୍କ ଅଶୋଭନୀୟ ଆଚରଣ ଓ କାର୍ଯ୍ୟକଳାପ ଯୋଗୁଁ ଶ୍ରୀମନ୍ଦିରର ନୀତି ପ୍ରାୟ ଚାରି ଘଣ୍ଟା ବିଳମ୍ବିତ ହୋଇଥିଲା। ଘଟଣା ସମୟରେ କର୍ତ୍ତବ୍ୟରତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ କର୍ମଚାରୀଙ୍କ ପ୍ରତି ଅସମ୍ମାନଜନକ ବ୍ୟବହାର ହୋଇଥିବା ନେଇ ମଧ୍ୟ ଅଭିଯୋଗ ଆସିଥିଲା। ଏହି ଘଟଣାରେ ସଂପୃକ୍ତ ଛାମୁ ଖୁଣ୍ଟିଆ ସେବକ ରାମକୃଷ୍ଣ ଖୁଣ୍ଟିଆ ଏବଂ ଅନ୍ୟ ଦୁଇ ସେବକ ମାଧବ ଓ ମଧୁସୂଦନ ଖୁଣ୍ଟିଆଙ୍କୁ ଡ଼. ଅରବିନ୍ଦ ପାଢ଼ୀ କୈଫିୟତ ତଲବ କରିଥିଲେ ।

## ଖାଲି ଗ୍ୟାସ ସିଲିଣ୍ଡର ନେଇ ଗ୍ରାହକଙ୍କ ବିକ୍ଷୋଭ



କୋଲକାତା,୧୪।୩(ସଂଚାର ବ୍ୟୁରୋ): ସାରା ରାଜ୍ୟରେ ଏଲ୍‌ପିଜି ସିଲିଣ୍ଡରକୁ ନେଇ ବ୍ୟାପକ ଉତ୍ତେଜନା ସାଧାରଣ ଲୋକଙ୍କୁ ଅସୁବିଧାରେ ପକାଇଛି। ଏଥର, ପୁରୁଲିଆରେ ଗ୍ୟାସ ନ ମିଳିବାରୁ ରାସ୍ତା ଅବରୋଧ ହୋଇଛି। ଅନ୍ୟ ସହର ପରି, ପୁରୁଲିଆରେ ଗ୍ରାହକମାନେ ସେମାନଙ୍କର ଖାଲି ଗ୍ୟାସ ସିଲିଣ୍ଡର ନେଇ ଧାଡ଼ିରେ ଠିଆ ହୋଇଛନ୍ତି। ବାରମ୍ବାର ଅଭିଯୋଗ ଆସିଛି ଯେ ଦୀର୍ଘ ସମୟ ଧରି ଲାଇନରେ ଠିଆ ହେବା ସତ୍ତ୍ୱେ, ଗ୍ରାହକମାନେ ଏପର୍ଯ୍ୟନ୍ତ ଗ୍ୟାସ୍ କିଣିପାରୁ ନାହାଁନ୍ତି। ଫଳସ୍ୱରୂପ, ଗ୍ରାହକମାନେ କ୍ରୋଧରେ ଉତକ୍ଷିପ୍ତ ହୋଇ ପ୍ରାୟ ଦୁଇ ଘଣ୍ଟା ଧରି ଜେ କେ କଲେଜ ରୋଡ୍ ଅବରୋଧ କରିଥିଲେ। ପୁଲିସ ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ୟକ୍ତ ଗ୍ରାହକମାନେ ଶେଷରେ ଅବରୋଧ ହଟାଇଥିଲେ।

## ବର୍ଷକୁ ୧୦ ହଜାର ନିଶାମୁକ୍ତ

ଭୁବନେଶ୍ୱର,୧୪।୩: ରାଜ୍ୟରେ ବର୍ଷକୁ ହାରାହାରି ୧୦ ହଜାର ନିଶାଡ଼ିଙ୍କୁ ନିଶାରୁ ନିବୃତ୍ତ କରାଯାଉଥିବା ନେଇ ରାଜ୍ୟର ନିଶା ନିବାରଣ କେନ୍ଦ୍ରଗୁଡ଼ିକ ଦାବି କରୁଥିବା ବେଳେ କେନ୍ଦ୍ର ବାହାରେ ଥିବା ନିଶାଡ଼ିଙ୍କ ସଂଖ୍ୟା କିନ୍ତୁ ବଢ଼ିବାରେ ଲାଗିଛି। ରାଜ୍ୟର ସମସ୍ତ ଜିଲ୍ଲାରେ ଏବେ ନିଶା ନିବାରଣ କେନ୍ଦ୍ର ରହିଛି। ମୋଟ୍ ୫୫ଟି କେନ୍ଦ୍ର ଥିବାବେଳେ ଏଥିମଧ୍ୟରୁ ସର୍ବାଧିକ ୬ଟି କେନ୍ଦ୍ର ଖୋର୍ଦ୍ଧା ଜିଲ୍ଲାରେ ରହିଛି। ସେହିପରି ପୁରୀ ଜିଲ୍ଲାରେ ୫ଟି ଓ କଟକରେ ୪ଟି କେନ୍ଦ୍ର ରହିଛି। ଗଞ୍ଜାମ, ଝାରସୁଗୁଡା, କେନ୍ଦୁଝର ଜିଲ୍ଲାରେ ୩ଟି କରି ନିଶା ନିବାରଣ କେନ୍ଦ୍ର ରହିଛି। ଏଥି ମଧ୍ୟରୁ କେନ୍ଦ୍ର ସରକାରଙ୍କ ଅନୁଦାନରେ ୨୯ଟି ଜିଲ୍ଲାରେ ୪୧ଟି ନିଶା ନିବାରଣ କେନ୍ଦ୍ର ଚାଲୁଥିବା ବେଳେ ରାଜ୍ୟ ସରକାରଙ୍କ ଅନୁଦାନରେ ୧୦ଟି ଜିଲ୍ଲାରେ ୧୧ଟି କେନ୍ଦ୍ର ଚାଲିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ନିଶା ନିବାରଣ କେନ୍ଦ୍ରରେ ୧୫ ଜଣ ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ନିଶା ନିବାରଣ କେନ୍ଦ୍ରରେ ୩୦ ଜଣ ଲେଖାଏଁ ନିଶାସକ୍ତଙ୍କ ପାଇଁ ଏକ ମାସ ପର୍ଯ୍ୟନ୍ତ ମାଗଣାରେ ରହିବା, ଖାଇବା, ଚିକିତ୍ସା ସହ ବୈଷୟିକ ତାଲିମ ଦିଆଯିବାର ବ୍ୟବସ୍ଥା ରହିଛି। ସରକାରୀ ସ୍ତରରୁ ମିଳିଥିବା ସୂଚନାନୁଯାୟୀ, ଗତ ୨ ବର୍ଷ ମଧ୍ୟରେ ରାଜ୍ୟରେ ଥିବା ସମସ୍ତ ୫୫ଟି ନିଶା ନିବାରଣ କେନ୍ଦ୍ରରୁ ୧୯,୩୯୫ ଜଣ ନିଶାସକ୍ତଙ୍କୁ ନିଶାମୁକ୍ତ କରାଯାଇପାରିଛି। ଏମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ସର୍ବାଧିକ ୬୦୩୯ ଜଣ ଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ୧୪୪୦, କେନ୍ଦୁଝରରେ ୧୧୨୫ ଓ କଟକ ଜିଲ୍ଲାରେ ୧୦୩୭ ଜଣ ରହିଛନ୍ତି। ସବୁଠାରୁ କମ୍ ଯାଜପୁର ଜିଲ୍ଲାରେ ମାତ୍ର ୩୫ ଜଣଙ୍କୁ ନିଶାରୁ ନିବୃତ୍ତ କରାଯାଇପାରିଛି। ତେବେ ନିଶାମୁକ୍ତ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀମାନଙ୍କ ମତ ହେଉଛି ଯେ ରାଜ୍ୟରେ ଯେଉଁ ହାରରେ ନିଶା କାରବାର ଓ ନିଶାଡ଼ିମାନଙ୍କ ସଂଖ୍ୟା ବଢ଼ିଚାଲିଛି, ସେହି ତୁଳନାରେ ଏହି ନିଶା ନିବାରଣ କେନ୍ଦ୍ର ସଂଖ୍ୟା ସମୁଦ୍ରକୁ ଶଙ୍ଖେ ଭଳି। ମଦ, ଗଞ୍ଜେଇଠାରୁ ଆରମ୍ଭକରି ଚରସ ଓ ହେରୋଇନ୍ ଭଳି ନିଶା ଏବେ ଯୁବବର୍ଗଙ୍କୁ ଗ୍ରାସ କରିବାରେ ଲାଗିଛି। ତେଣୁ ନିଶା ନିବାରଣ କେନ୍ଦ୍ର ପ୍ରତିଷ୍ଠା କରି ବିଭିନ୍ନ ସଂସ୍ଥାଙ୍କୁ ଅର୍ଥ ପ୍ରଦାନ କରିବା ବଦଳରେ ରାଜ୍ୟରୁ ନିଶା ନିବାରଣ ଦିଗରେ କଠୋର ପଦକ୍ଷେପ ନିଆଯିବା ଆବଶ୍ୟକ। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୭ ସୁଦ୍ଧା...

ବାଙ୍ଗାଲୋର, ଲକ୍ଷ୍ନୌ, କାନପୁର, ଜୟପୁର ଆଦିରେ ଅନୁମୋଦିତ ସିଟି ଗ୍ୟାସ୍ ବିତରଣ (ସିଜିଡି) ସଂସ୍ଥା ସହ ବୈଠକ କରିଛି। ହୋଟେଲ ଓ ରେଷ୍ଟୋରାଁ ପାଇଁ ନୂତନ ବାଣିଜ୍ୟିକ ପିଏନଜି ସଂଯୋଗକୁ ତ୍ୱରାନ୍ୱିତ ଓ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ଏଲପିଜି ଯୋଗାଣ ଉପରେ ଚାପକୁ ଯଥେଷ୍ଟ ହ୍ରାସ କରାଯାଇପାରିବ।

ତେବେ ଏଲ୍‌ପିଜି ଯୋଗାଣ କ୍ଷେତ୍ରରେ ସାମ୍ପ୍ରତିକ ଭୂ-ରାଜନୈତିକ ପରିସ୍ଥିତି ଅନୁସାରେ ଯଥେଷ୍ଟ ଚାପ ରହିଥିଲେ ହେଁ ବିତରକଙ୍କ ସ୍ତରରେ ଅଦ୍ୟାବଧି କୌଣସି ଅଭାବ ଦେଖାଯାଇନାହିଁ। ତେବେ ପୂର୍ବରୁ ୫୫.୭ ଲକ୍ଷ ଗ୍ରାହକ ବୁକିଂ କରୁଥିବା ବେଳେ ଏବେ ଏହା ୮୮.୮ ଲକ୍ଷକୁ ବୃଦ୍ଧି ପାଇଛି। କିନ୍ତୁ ୨୯ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଗ୍ରାହକଙ୍କ ପାଇଁ ବାଣିଜ୍ୟିକ ଏଲପିଜି ଉପଲବ୍ଧ କରାଯାଇଛି। ସେହିପରି ଲାଭଖୋର୍ ବ୍ୟବସାୟୀମାନେ ଗ୍ୟାସ୍‌ର ହୋର୍ଡିଂ କରୁଥିବା ନେଇ ଖବର ମିଳିବା ପରେ ବିଭିନ୍ନ ରାଜ୍ୟରେ ଚଢ଼ାଉ ହୋଇଛି।

ସେହିପରି ଘରୋଇ ଓ ପ୍ରାଥମିକ କ୍ଷେତ୍ର ଯଥା ହସ୍ପିଟାଲ ଏବଂ ଶିକ୍ଷାନୁଷ୍ଠାନକୁ ନିରବଚ୍ଛିନ୍ନ ଘରୋଇ ଏଲପିଜି ଯୋଗାଣ ସୁନିଶ୍ଚିତ କରିବା କେନ୍ଦ୍ର ସରକାରଙ୍କ ପ୍ରାଥମିକତା। ଏଥିସକାଶେ ରିଫାଇନାରୀରୁ ଏଲପିଜି ଉତ୍ପାଦନକୁ ପ୍ରାୟ ୩୧ ପ୍ରତିଶତ ବୃଦ୍ଧି କରାଯାଇଛି। ଶିଳ୍ପ, ହୋଟେଲ୍ ଓ ରେଷ୍ଟୋରାଁଗୁଡ଼ିକୁ ପ୍ରାକୃତିକ ଗ୍ୟାସ୍ ପରିବର୍ତ୍ତେ ମାସକ ପାଇଁ ବାୟୋମାସ/ ଆରଡିଏଫ ପେଲେଟ୍ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ଯେଉଁଠି ବିକଳ୍ପ ଉପଲବ୍ଧ ନାହିଁ ସେଠାରେ କୋଇଲା କିମ୍ବା କିରୋସିନ ବ୍ୟବହାର କରାଯାଇପାରିବ। ଏହାଛଡ଼ା ପିଏସୟୁ ତୈଳ କମ୍ପାନୀଗୁଡ଼ିକୁ ଡିଜିଟାଲ୍ ଏଲପିଜି ବୁକିଂକୁ ପ୍ରୋତ୍ସାହିତ କରିବା, ଆତଙ୍କିତ ହୋଇ ବୁକିଂକୁ ନିରୁତ୍ସାହିତ କରିବା ଓ ଗୋଦାମଗୁଡ଼ିକୁ ଅନାବଶ୍ୟକ ଭାବେ ନ ଯିବାକୁ ପରାମର୍ଶ ଦିଆଯାଇଛି। ସେହିପରି କେନ୍ଦ୍ର ସରକାର ନାଗରିକମାନଙ୍କୁ ଭୟଭୀତ ନ ହେବାକୁ ପରାମର୍ଶ ଦେଇଛନ୍ତି। ଆଇଭିଆରଏସ୍ କଲ୍, ଏସଏମଏସ୍, ହ୍ୱାଟ୍ସଆପ୍ ଓ ତୈଳ ବିପଣନ କମ୍ପାନୀଗୁଡ଼ିକର ମୋବାଇଲ୍ ଆପ୍ ଭଳି ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ଏଲପିଜି ସିଲିଣ୍ଡର ସହଜରେ ବୁକ୍ କରାଯାଇପାରିବ। ତେଣୁ ଗ୍ରାହକନେ ଘରୁ ସିଲିଣ୍ଡର ନେଇ ଅଯଥାରେ ଏଲପିଜି ବିତରକଙ୍କ ପାଖକୁ ଯିବାର କୌଣସି ଆବଶ୍ୟକତା ନାହିଁ ବୋଲି କୁହାଯାଇଛି।

ସେହିପରି ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରଣାଳୟ ପାରସ୍ୟ ଉପସାଗର ଅଞ୍ଚଳରେ ପ୍ରଚଳିତ ସାମୁଦ୍ରିକ ପରିସ୍ଥିତି ଓ ଏହି ଅଞ୍ଚଳରେ କାର୍ଯ୍ୟରତ ଭାରତୀୟ ନାବିକ ଓ ଜାହାଜଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ଅନୁସାରେ, ଗତ ୨୪ ଘଣ୍ଟା ମଧ୍ୟରେ ଭାରତୀୟ ନାବିକଙ୍କ ସହ ଜଡିତ କୌଣସି ନୂତନ ଜାହାଜରେ ଅଘଟଣ ଘଟିନାହିଁ। ଏହି ଅଞ୍ଚଳର ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି। ଗତକାଲି ସୁଦ୍ଧା ପାରସ୍ୟ ଉପସାଗର କ୍ଷେତ୍ର (ହର୍ମୁଜ୍ ପ୍ରଣାଳୀର ପଶ୍ଚିମରେ) ରେ ଥିବା ୨୪ଟି ଜାହାଜ ମଧ୍ୟରୁ ଦୁଇଟି ଭାରତୀୟ ଏଲପିଜି ବାହକ ଜାହାଜ - ଶିବାଲିକ୍ ଓ ନନ୍ଦା ଦେବୀ ପ୍ରାୟ ୯୨,୭୧୨ ମେଟ୍ରିକ୍ ଟନ୍ ଏଲପିଜି ନେଇ ଆଜି ସକାଳେ ହରମୁଜ୍ ପ୍ରଣାଳୀ ପାର କରିଛନ୍ତି। ସେମାନେ ଯଥାକ୍ରମେ ୧୬ ଓ ୧୭ ତାରିଖରେ ମୁନ୍ଦ୍ରା ବନ୍ଦର ଓ କାଣ୍ଡଲା ବନ୍ଦରରେ ପହଞ୍ଚିବେ। ଏହାଛଡ଼ା ପଶ୍ଚିମ ଏସୀୟ ଦେଶରେ ଫସିଥିବା ଭାରତୀୟମାନଙ୍କ ସୁରକ୍ଷା ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ଉପସାଗରର ବିମାନବନ୍ଦର ଓ ଆଞ୍ଚଳିକ ସ୍ଥାନରୁ ୩୦ ନାବିକଙ୍କୁ ପ୍ରତ୍ୟର୍ପଣ କରାଯାଇଛି। ଫଳତଃ ମୋଟ ପ୍ରତ୍ୟର୍ପଣ ସଂଖ୍ୟା ୨୫୩ରେ ପହଞ୍ଚିଛି ବୋଲି ଉକ୍ତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

### ୪ରେ...

ବିରୋଧରେ। ତେବେ ଏହାକୁ ନେଇ ସରକାରୀ ଦଳ ସବୁଠୁ ଅଧିକ ସମାଲୋଚନାର ଶିକାର ହେବାରୁ ଏହି ବିଲକୁ ସଂଶୋଧନ କରିବାକୁ ସରକାର ଘୋଷଣା କଲେ। ମିଳୁଥିବା ସୂଚନାନୁଯାୟୀ, ଆସନ୍ତା ଏପ୍ରିଲ ୪ ତାରିଖରେ ସରକାରୀ ଦଳ ଏ ସମ୍ପର୍କିତ ସଂଶୋଧନ ବିଲ ବିଧାନସଭାରେ ଆଗତ କରିବ। ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ ଗୃହୀତ ହେବ। ଏପ୍ରିଲ ୧ ତାରିଖ ଉତ୍କଳ ଦିବସ ପାଇଁ ଛୁଟି, ୨ ତାରିଖରେ ଘରୋଇ ସଦସ୍ୟଙ୍କ ବିଲ ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ୩ ତାରିଖ ଗୁଡ୍ ଫ୍ରାଇଡେ ପାଇଁ ବିଧାନସଭା ଛୁଟି। ତେଣୁ ୪ ତାରିଖରେ ଏହି ବିଲ ଆଗତ କରିବାକୁ ଆପାତତଃ ଦିନ ଧାର୍ଯ୍ୟ ହୋଇଥିବା ଜଣାପଡ଼ିଛି।

### ଭକ୍ତଙ୍କ...

ବ୍ୟକ୍ତିଗତ ସ୍ତରରେ କ୍ଷତି ପହଞ୍ଚାଇଛି ବିଜେଡି। ତେଣୁ ଏଭଳି ନିଷ୍ପତ୍ତିରେ ଦଳର ଅନେକ ଲୋକ ଆଘାତ ପାଇଛନ୍ତି। ତେବେ ସେ ଦଳର ନିଷ୍ପତ୍ତିରେ ଯାଇ କମନ୍ କ୍ୟାଣ୍ଡିଡେଟ୍‌ଙ୍କୁ ଭୋଟ୍ ଦେବେ ନା ନାହିଁ ବୋଲି ଗଣମାଧ୍ୟମର ପ୍ରଶ୍ନର ସିଧା ଉତ୍ତର ନ ଦେଇ ସୋଫିଆ କହିଥିଲେ ଯେ ଭୋଟ୍ ଦେବା ପର କଥା, ସେଇଟା ବ୍ୟକ୍ତିଗତ ଭାବେ ଯିଏ ଯାହାର ଭୋଟ୍ ଦେବେ। କିନ୍ତୁ ନିଷ୍ପତ୍ତି ନେବା ପୂର୍ବରୁ ବିଧାୟକମାନଙ୍କ ସହ ଆଲୋଚନା କରିଥିଲେ ଭଲ ହୋଇଥା'ନ୍ତା ବୋଲି ସୋଫିଆ କହିଛନ୍ତି। ସେପଟେ ବିଧାୟକ ଦାଶରଥୀ ଗମାଙ୍ଗ ବି ଭକ୍ତଙ୍କ ଟେନସନ୍ ବଢ଼ାଇ ଦେଇଛନ୍ତି। ପିସିସି ସଭାପତି ଓ ଏଆଇସିସି ନେତାମାନେ ଦାଶରଥୀଙ୍କ ସହ ଯୋଗାଯୋଗ କରୁଛନ୍ତି, ହେଲେ ସେ ଫୋନ ଉଠାଉନାହାନ୍ତି। ତଥାପି ତାଙ୍କ ଉପରେ କଂଗ୍ରେସ ଭରସା ରଖିଛି। ପିସିସି ସଭାପତି ଦଳର ୮ ଜଣ ବିଧାୟକଙ୍କୁ ନେଇ ବେଙ୍ଗାଲୁରୁ ଯାଇଥିଲେ। ଯେଉଁ ୫ ଜଣ ବିଧାୟକ ଭୁବନେଶ୍ୱରରେ ଥିଲେ ସେଥି ମଧ୍ୟରେ ଦାଶରଥୀ ଅନ୍ୟତମ। ଏବେ ସେ ଦଳୀୟ ନେତାଙ୍କ ଫୋନ ନଉଠାଇବା ସଭାପତିଙ୍କ ଚିନ୍ତାକୁ ବହୁଗୁଣିତ କରିଛି। ତେବେ ଦଳ ସ୍ପଷ୍ଟ କରିଛି ଯେ ଯେଉଁମାନେ କ୍ରସ ଭୋଟିଂ କରିବେ, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ମକ୍...

ପ୍ରାୟ ୨ଟାରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି, ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସହ ସମସ୍ତ ମନ୍ତ୍ରୀ ଓ ବିଧାୟକ। ସମସ୍ତଙ୍କ ସହ ବୈଠକ କରିଥିଲେ ରାଜ୍ୟସଭା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ମହାରାଷ୍ଟ୍ର ରାଜସ୍ୱ ମନ୍ତ୍ରୀ ଚନ୍ଦ୍ରଶେଖର ବାୱନକୁଲେ। ପ୍ରଥମେ ବିଧାୟକ ସାଂସଦଙ୍କ ସହ ପଦାଧିକାରୀ ଓ ଜିଲ୍ଲା ସଭାପତିଙ୍କ ଉପସ୍ଥିତିରେ ହୋଇଥିଲା ଏସଆଇଆର୍ ଆଲୋଚନା। ପରେ ରାଜ୍ୟସଭା ନିର୍ବାଚନକୁ ନେଇ ବିଧାୟକମାନଙ୍କ ସହ ହୋଇଥିଲା ବୈଠକ। ବୈଠକ ପରେ ବିଧାୟକମାନେ ବିଧାନସଭା ଯାଇ ମକ ପୋଲରେ ଭାଗ ନେଇଥିଲେ। ସନ୍ଧ୍ୟାରେ ବିଜେପିର ସବୁ ବିଧାୟକ ଓ ମନ୍ତ୍ରୀ ପାରାଦୀପ ମେ' ଫେୟାର ଯାଇଥିଲେ। ଆଜି ରାତିରେ ଦଳର ସବୁ ବିଧାୟକ ସେଠାରେ ରହିବାର କାର୍ଯ୍ୟକ୍ରମ ହୋଇଥିବା ଜଣାପଡ଼ିଛି।

### ବିଜେଡିକୁ...

ନବୀନଙ୍କୁ କ୍ରସ୍ ଭୋଟିଂ ଭୟ ଘାରିଛି। କ୍ଷମତାରୁ ଯିବା ପରେ ନବୀନଙ୍କ ଲଗାମ ଆଉ ତାଙ୍କ ବିଧାୟକଙ୍କ ଉପରେ କାମ କରୁନି। ନବୀନ ପଟ୍ଟନାୟକ କ୍ରସ ଭୋଟିଂ କଥା କହି ହାରିଯିବେ ବୋଲି ଜାଣିସାରିଥିବା ସେ କହିଛନ୍ତି। ତେଣେ ନବୀନଙ୍କ ପୋଲ୍ ଖୋଲି ଦେଇଛନ୍ତି ବିଜେପି ସାଂସଦ ପ୍ରତାପ ଷଡ଼ଙ୍ଗୀ। ସେ କହିଛନ୍ତି ଯେ ଘୋଡ଼ା ବେପାରରେ ନିଜେ ନବୀନ ମାହିର। ଅତୀତରେ ମୋତେ କିଣିବାକୁ ଚେଷ୍ଟା କରିଥିଲେ ଓ ଏଥିପାଇଁ ନେତା ବି ପଠାଇଥିଲେ।

### ବରିଷ୍ଠ...

ରହିଛି। ଗତ ଦୁଇ ବର୍ଷ ଧରି ରଥଯାତ୍ରାରେ ହେଉଥିବା ଅଘଟଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତାଙ୍କୁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ଦେଇଥିବା ଜଣାପଡିଛି।

### ଆତ୍ମସମର୍ପଣ...

ଜାରି କରି ଭିନ୍ନ ମତ ରଖିଛନ୍ତି। ସେ କହିଛନ୍ତି ଯେ ଆତ୍ମସମର୍ପଣ କଦାପି କରିବେ ନାହିଁ ବରଂ ପୁଲିସ୍ ପ୍ରଶାସନ ବିରୋଧରେ ଲଢ଼େଇ ଜାରି ରଖିବେ। ବିଗତ ଦିନରେ ଯେଉଁ ସାଥୀ କମ୍ରେଡ୍‌ମାନେ ଆତ୍ମବଳୀ ଦେଇଛନ୍ତି, ସେମାନଙ୍କ ଏହି ବଳିଦାନକୁ କଦାପି ବ୍ୟର୍ଥ ଯିବାକୁ ଦେବେ ନାହିଁ। ତେଣୁ ସରକାରଙ୍କ କୌଣସି ପ୍ରକାର ପ୍ରସ୍ତାବକୁ ଆମେ ସ୍ୱୀକାର କରିବୁ ନାହିଁ ବୋଲି ରାଣୀତା ସ୍ପଷ୍ଟ ଭାବେ କହିଛନ୍ତି। ସେ ଦର୍ଶାଇଛନ୍ତି ଯେ ତାଙ୍କ ସଂଗଠନ କଦାପି ବିଲୁପ୍ତ ହେବ ନାହିଁ। ସହିଦ ନେତାଙ୍କ ସଂଘର୍ଷକୁ ମାଓବାଦୀମାନେ କଦାପି ଭୁଲିପାରିବେ ନାହିଁ। ଆଗାମୀ ଦିନରେ ଦେଶର ସବୁଠି ହିଂସାକାଣ୍ଡ ଘଟାଯିବ। ଯେଉଁମାନେ ବି ଏଥିରେ ବାଧା ଦେବେ, ସେମାନଙ୍କୁ କଠୋର ଦଣ୍ଡ ଦିଆଯିବ। ମାଓବାଦୀମାନେ ସେମାନଙ୍କ ଲଢ଼େଇ ଜାରି ରଖିବେ ଓ ସରକାର ଏହି ନିନ୍ଦନୀୟ କାର୍ଯ୍ୟ ପାଇଁ ପରିଣାମ ମଧ୍ୟ ଭୋଗିବେ। ଅଦ୍ୟାବଧି ଯେଉଁମାନେ ବି ଆତ୍ମସମର୍ପଣ କରିଛନ୍ତି, ସେମାନେ ଭୀରୁ ଓ କାପୁରୁଷ। ସରକାର ଓ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ସହ ସିଧାସଳଖ ମାଓବାଦୀଙ୍କ ଲଢ଼େଇ ହେବ ବୋଲି ଉକ୍ତ ବିବୃତିରେ ରାଣୀତା ଦର୍ଶାଇଛନ୍ତି। ରାଣୀତାଙ୍କ ଏପରି ଚ୍ୟାଲେଞ୍ଜ୍ ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ଆଗାମୀ ୩୧ ଡେଡ୍‌ଲାଇନ୍ କେତେଦୂର ସଫଳ ହେବ, ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ ରାଣୀତାଙ୍କ ଏପରି ବିବୃତି ପରେ ପୁଲିସ୍ ପ୍ରଶାସନ କି ପଦକ୍ଷେପ ନେଉଛି, ତା' ଉପରେ ସମସ୍ତଙ୍କ ନଜର ରହିବ।

### ଦିଲ୍ଲୀପଙ୍କୁ...

ଫିର୍ଦ୍ଦୋସ ମଧ୍ୟ ସ୍ଥାନରରେ ଅଛନ୍ତି। ଏହି ନେତାମାନେ ନିଜ ସମ୍ପର୍କରେ ହେଉଥିବା ଚର୍ଚ୍ଚାକୁ ନେଇ ମୁହଁ ଖୋଲୁ ନ ଥିବାରୁ ଏମାନଙ୍କ ଉପରେ ସନ୍ଦେହ ଧିରେ ଧିରେ ଘନୀଭୂତ ହେବାରେ ଲାଗିଛି। ଭୋଟ୍ ପୂର୍ବରୁ କିଛି ନେତା ରାଜ୍ୟ ଛାଡ଼ିଥିବା ବେଳେ ଆଉ କିଛି ନେତା ରାଜଧାନୀ ଛାଡ଼ିଛନ୍ତି। ଆଉ କିଛି ବିଧାୟକଙ୍କ ମୋବାଇଲ୍ ବନ୍ଦ ଥିବାରୁ ସେମାନେ ମଧ୍ୟ କ୍ରସ ଭୋଟିଂ ଚର୍ଚ୍ଚା ଭିତରକୁ ଆସିଯାଇଛନ୍ତି। ଦଳ ପକ୍ଷରୁ ହୁଇପ୍ ଜାରି ହୋଇଥିବା ବେଳେ ଏମାନେ ହଠାତ୍ କାହିଁକି ମୋବାଇଲ୍ ବନ୍ଦ କରିଦେଲେ, ତା' ନେତାମାନଙ୍କୁ ଚିନ୍ତାରେ ପକାଇଛି। ତେବେ ନିକଟରେ ବିଜେଡି ଛାଡ଼ିଥିବା ରବୀନ୍ଦ୍ର ଜେନାଙ୍କ ପତ୍ନୀ ତଥା ବିଜେଡି ବିଧାୟିକା ସୁବାସିନୀ ଜେନା, ବିଜେଡିରୁ ନିଲମ୍ବିତ ହୋଇଥିବା ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କ ଭୋଟ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି। ଉଭୟ ବିଜେଡି ଓ କଂଗ୍ରେସରେ କିଛି ବିଧାୟକ ପ୍ରାର୍ଥୀ ଚୟନ, ମେଣ୍ଟ ଘୋଷଣାକୁ ନେଇ ଅସନ୍ତୁଷ୍ଟ ଥିବାରୁ ସେମାନେ କ୍ରସ ଭୋଟିଂ କରିବାର ସମ୍ଭାବନା ଥିବା ବେଳେ ଆଉ କିଛି ବିଧାୟକ/ବିଧାୟିକା ପିତୃ ଅପମାନର ପ୍ରତିଶୋଧ ନେବା ପାଇଁ ଦଳର ନିଷ୍ପତ୍ତି ବିରୁଦ୍ଧରେ ଯିବା ନେଇ ମଧ୍ୟ ରାଜନୈତିକ ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ୪ଟି ରାଜ୍ୟସଭା ଆସନ ପାଇଁ ମଇଦାନରେ ୩ ଦଳୀୟ ପ୍ରାର୍ଥୀଙ୍କ ସହ ୨ ଜଣ ସ୍ୱାଧୀନ ପ୍ରାର୍ଥୀ ଥିବା ବେଳେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ପରାଜୟ ନିଶ୍ଚିତ। ତେବେ ଦାବି ଅନୁସାରେ ଯଦି ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ବିଜୟୀ ହୁଅନ୍ତି, ତେବେ ରାଜ୍ୟସଭା ନିର୍ବାଚନରେ ନିଶ୍ଚିତ କ୍ରସ ଭୋଟିଂ ହେବ ଓ ଏହା ରାଜ୍ୟ ରାଜନୀତିକୁ ଆଗାମୀ ଦିନରେ ନୂଆ ରୂପ ଦେବ ବୋଲି କୁହାଯାଉଛି।

## କିନ୍ନରଙ୍କୁ ମିଳିଲା ରାସନ୍ କାର୍ଡ




ନବରଂଗପୁର/ରାଇଘର,୧୪।୩ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କାର୍ଯ୍ୟାଳୟ ଠାରେ ପ୍ରଥମ କରି ତିନି ଜଣ କିନ୍ନରଙ୍କୁ ମିଳିଲା ରାସନ୍ କାର୍ଡ ସେଥି ମଧ୍ୟରୁ ମୋହଣ୍ଡ ଗ୍ରାମ ର ଜୟନ୍ତୀ ବାଲା, ପାଉରବେଳା ଗ୍ରାମର ବିପୋତ୍ତା ରାୟ ଓ ଦାସପୁର ଗ୍ରାମ ର ସନ୍ତୁଲାଲ ଗଣ୍ଡ । ଆଗରୁ ଜଣକୁ ମିଳିଥିବା ବେଳେ ଆଉ ଜଣେ କିନ୍ନର ପ୍ରୋସେସରେ ଅଛନ୍ତି । ଏହି କାର୍ଯ୍ୟ କ୍ରମରେ ରାଇଘର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିତୁ ସିଂ, ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନ ରଞ୍ଜନ ମାଟିଆ, ଯୋଗାଣ ନିରୀକ୍ଷକ ଅଧିକାରୀ ଦେଓଧର ଧୁରୁଆ, ଜିଲ୍ଲା କିନ୍ନରର ସଂଘର ସମ୍ପାଦିକା ଚୁମୁକି ପ୍ରମୁଖ ଯୋଗ ଦେଇଥିଲେ। ଗୋଷ୍ଠୀ ଉତ୍ତୟନ ଅଧିକାରୀଙ୍କ ପ୍ରକୋଷ୍ଠରେ ଏହି କିନ୍ନରମାନଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇ ଅନ୍ତଦୟ ଯୋଜନାରେ ତିନି ଜଣଙ୍କୁ ସାମିଲ କରାଯାଇଥିଲା। ଏହି କିନ୍ନର ସଂଘ ନବରଙ୍ଗପୁର ଜିଲ୍ଲା ସଭାପତି କାଜୋଲ କିନ୍ନର ଏବଂ ସମ୍ପାଦିକା ଚୁମୁକି କିନ୍ନରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୧୦ ଗୋଟି ବ୍ଲକ ରେ ଅସହାୟ ଗରିବ ଲୋକଙ୍କୁ ଶୀତ ଦିନରେ କମ୍ବଳ ବଣ୍ଟନ କରିବା ସହ ରକ୍ତ ଦାନରେ ସାମିଲ ହେବାକୁ ନେଇ ବହୁ ପ୍ରଶଂସା ସାଉଁଟିଛନ୍ତି ।

## ଶିଶୁ ପୁତ୍ରର ଯୌନାଙ୍ଗ କାଟିଦେଲା ସାବତ ବାପା

ଫୁଲବାଣୀ,୧୪।୩ (ସଂଚାର ବ୍ୟୁରୋ)ଃ ଦାରିଙ୍ଗିବାଡି ଥାନା ଅଞ୍ଚଳ ରେ ଆଜି ମଦ୍ୟପାନ କରି ସାବତ ବାପା ୪ ବର୍ଷ ଶିଶୁର ଯୌନାଙ୍ଗ କାଟି ଦେଇଥିବା ଅଭାବନୀୟ ଘଟଣା ଘଟିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଦାରିଙ୍ଗବାଡି ଥାନା ଅନ୍ତର୍ଗତ ସୋନପୁର ପଞ୍ଚାୟତର ଦବେଡ଼ି ଗ୍ରାମର ରମିତା ମୁଠାମାଝୀ ସ୍ୱାମୀଙ୍କ ମୃତ୍ୟୁ ପରେ ରମିତା ଦବେଡ଼ି ଗ୍ରାମର ଜିକ୍ତ ମୁଠାମାଝୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଗୁରୁବାର ଦିନ ସ୍ତ୍ରୀ ରମିତ ମୁଠାମାଝୀ ୪ ବର୍ଷର ପୁଅକୁ ଘରେ ଛାଡି ଗୋବର ଆଣିବାକୁ ଯାଇଥିଲା। ଘରକୁ ଫେରି ସ୍ୱାମୀ ପୁଅର ଯୌନାଙ୍ଗ କାଟି ଦେଇଥିବାରୁ ଯୌନାଙ୍ଗରୁ ରକ୍ତ ବହୁଥିବା ଦେଖି ମାଆ ସଙ୍ଗେ ସଙ୍ଗେ ପୁଅକୁ ଦାରିଙ୍ଗବାଡି ମେଡିକାଲରେ ଚିକିତ୍ସା କରାଇଥିଲେ। ଅବସ୍ଥା ଗୁରୁତର ଥିବା ଯୋଗୁଁ ଡାକ୍ତର ପ୍ରାଥମିକ ଚିକିତ୍ସା କରି ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସ୍ୱାମୀ ମଦ୍ୟପାନ କରି ଏସବୁ କରିଥିବା ସ୍ତ୍ରୀ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନାଙ୍କୁ ପଚାରିବାରୁ ସେ କହିଲେ ସ୍ୱାମୀ ଜଣେ ମଦୁଆ, ଦୁର୍ଦ୍ଧାନ୍ତ ଲୋକ ବୋଲି ସ୍ୱାମୀ ବିରୋଧରେ ଏତଲା ଦେବାକୁ ଭୟ କରୁଛି। ଏଯାଏଁ କୌଣସି ଏତଲା ଦିଆହୋଇ ନଥିବା ମାଆ କହିଛି।

- ଛାତ୍ରୀଙ୍କ ଅସଦାଚରଣ ଭିଡିଓ ଭାଇରାଲ ଘଟଣା

## ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କଲେ ଜିଲ୍ଲା ଶିକ୍ଷାଧିକାରୀ

କାକଟପୁର/ଅସ୍ତରଙ୍ଗ,୧୪।୩ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା କାକଟପୁର ଥାନା ଅଞ୍ଚଳର ଏକ ବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ସ୍କୁଲର ଅବସରପ୍ରାପ୍ତ କର୍ମଚାରୀ ଅସଦାଚରଣ କରିଥିବା ଭିଡିଓ ଭାଇରାଲ ଘଟଣା ଏବେ ସାମ୍ନାକୁ ଆସିବା ପରେ ପୁରୀ ଜିଲ୍ଲାଶିକ୍ଷାଅଧିକାରୀ ଦୀପକ କୁମାର ପାଢ଼ୀ ଉକ୍ତ ବାଳିକା ବିଦ୍ୟାଳୟ ର ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି। ସୂଚନା ମୁତାବକ, କାକଟପୁର ଥାନା ଅଧିନ ଏକ ସ୍କୁଲରେ ଛାତ୍ରୀଙ୍କୁ ଅବସରପ୍ରାପ୍ତ କର୍ମଚାରୀ ଅସଦାଚରଣ କରିଥିବାର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ଏହି ଭିଡ଼ିଓଟି ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବାଳିକା ବିଦ୍ୟାଳୟ ଶ୍ରେଣୀ ଗୃହ ପରିସରରେ ଜଣେ କର୍ମଚାରୀ କିଭଳି ଅବାଧରେ ପ୍ରବେଶ କରୁଥିଲେ ଏବଂ ଏଭଳି ଅନୈତିକ କାର୍ଯ୍ୟ କରିବାକୁ ସୁଯୋଗ ପାଇଲେ, ତାହାକୁ ନେଇ ସ୍କୁଲ କର୍ତ୍ତୃପକ୍ଷ କିପରି ଜାଣିପାରିଲେ ନାହିଁ। ଏ ଘଟଣାକୁ ନେଇ ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୁରୁବାର କାକଟପୁର ଥାନାରେ ଲିଖିତ କରିଥିଲେ। ଅଭିଯୋଗ ପରେ କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ ଙ୍କ ସହ ଅନ୍ୟ କର୍ମଚାରୀ ବିଦ୍ୟାଳୟ ପହଂଚି ସ୍ଥିତି ଅନୁଧ୍ୟାନ ସହ ତଦନ୍ତ ଜାରି ରଖିଛନ୍ତି।

## ବେତନଟୀ ଓକିଲ ସଂଘ ନିର୍ବାଚନରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା




ବେତନଟୀ,୧୪।୩ (ସଂଚାର ବ୍ୟୁରୋ)ଃମୋଟ ୪୨ଜଣ ଓକିଲ ସଦସ୍ୟଙ୍କୁ ନେଇ ପରିଚାଳିତ ବେତନଟୀ ବାର ଆସୋସିଏସନର ବାର୍ଷିକ ନିର୍ବାଚନରେ ମାତ୍ର ତିନିଗୋଟି ପଦବୀରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହେବାକୁ ଯାଉଅଛି । ସଭାପତି ପଦବୀରେ ଲମ୍ବୋଦର ମହାନ୍ତ ଓ ରବିନାରାୟଣ ମହାପାତ୍ର ଏବଂ ଉପସଭାପତି ପଦବୀରେ ମନୋଜ କୁମାର ଦଳେଇ ଓ ହେମନ୍ତ କୁମାର ମହାନ୍ତ ସହ କୋଷାଧ୍ୟକ୍ଷ ପଦରେ ଦୁଖିଆ ମୁର୍ମୁ ଓ ଲମ୍ବୋଦର ନାୟକ ପ୍ରାର୍ଥୀ ଅଛନ୍ତି । ମାର୍ଚ୍ଚ ୧୩ ତାରିଖ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ଦିବସ ପରେ ସଂପାଦକ, ଯୁଗ୍ମ ସଂପାଦକ ଓ ପାଞ୍ଚଜଣ କାର୍ଯ୍ୟକାରୀ କମିଟି ସଦସ୍ୟ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହେବାକୁ ଯାଉଛନ୍ତି । ରାଜ୍ୟବ୍ୟାପୀ ଆସନ୍ତା ମାର୍ଚ୍ଚ ୨୮ ତାରିଖ ସକାଳ ୭.୩୦ ରୁ ଅପରାହ୍ଣ ୩ଘଣ୍ଟା ପର୍ଯ୍ୟନ୍ତ କୋର୍ଟ ପରିସରରେ ଭୋଟ ଗ୍ରହଣ ହୋଇ ଘ୪.୩୦ ସୁଦ୍ଧା ଫଳାଫଳ ପ୍ରକାଶ ପାଇବ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ଚଳିତବର୍ଷର ବେତନଟୀ ବାର ନିର୍ବାଚନ ଅଧିକାରୀ ଆଇନଜୀବୀ ରଣଜିତ ଗନ୍ତାୟତ ଜଣାଇଛନ୍ତି ।

ପାଣି ପାଇଁ ସଂଘର୍ଷ

# ଚୁଆ ଓ ପରିତ୍ୟକ୍ତ କୂଅ ପାଣିରେ ମେଣ୍ଟୁଛି ଶୋଷ

ବୋରିଗୁମ୍ମା,୧୪।୩ (ସଂଚାର ବ୍ୟୁରୋ)ଃ ସରକାର ବଦଳୁଛି, ବଦଳୁଛନ୍ତି ପ୍ରଶାସନ, ନେତା, ମନ୍ତ୍ରୀ। ହେଲେ ବଦଳୁନି ଚମ୍ପିଆ ଉପର ସାହିର ଜଳ କଷ୍ଟ। ମୁନ୍ଦାଏ ପାଣି ପାଇଁ ଡହଳ ବିକଳ ହେଉଛନ୍ତି ଗାଁ ଲୋକେ। ଗାଁ ଉପର ସାହିରେ ରୁହନ୍ତି ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପରିବାର। ସକାଳ ପାହିଲେ ଲୋକଙ୍କୁ ଘାରେ ପାଣି ଚିନ୍ତା। ଗାଁ ର ମହିଳାମାନେ ଗରା, ମାଠିଆ ଧରି ବାହାରି ପଡ଼ନ୍ତି ଏକ କିଲୋମିଟର ଦୂରରେ ଥିବା ନାଳକୁ। ସେଠାରେ ଗାଁ ମହିଳାମାନେ ମିଶି ଏକ ଚୁଆ ତିଆରି କରିଛନ୍ତି। ସାରା ରାତିରେ ପାଣି ଝରି ଝରି ଚୁଆ ଭର୍ତି ହୋଇଥାଏ। ମହିଳାମାନେ ସେହି ଚୁଆରୁ ପାଣି ଭର୍ତ୍ତି କରି ନେଇ ଆସନ୍ତି ଆଉ ପୁରୁଷମାନେ ଭାରରେ ପାଣି ବହି ଆଣନ୍ତି। ଦିନର ଗୋଟିଏ ଓଳି ପାଣି ବୁହାରେ ସମୟ କୋଟିଯାଏ ଆଉ ଦିନ ମଜୁରିଆ କାମକୁ ଯିବାକୁ ମହିଳା ପୁରୁଷ ସମୟ ପାଆନ୍ତି ନାହିଁ।



ଗାଁ ମଝିରେ ଅଛି ଗୋଟିଏ ପରିତ୍ୟକ୍ତ କୂଅ, ସେଥିରେ ଘଣ୍ଟାଏ ଅପେକ୍ଷା କଲେ ଯାଇ ଗୋଟେ କି ଦୁଇ ଗରା ପାଣି ବାହାରିଥାଏ। ଗାଁ ନିକଟରେ ଥିବା କେନାଲର ପାଣି ଶୁଖିଗଲେ କୂଅର ପାଣି ସମ୍ପୂର୍ଣ୍ଣ ଶୁଖିଯାଏ। ସେହିପରି ଉପର ସାହିରେ ଗୋଟିଏ ନଳକୂପ ରହିଥିଲେ ମଧ୍ୟ ସେଥିରୁ ଠିକ୍‌ରେ ପାଣି ବାହାରି ନଥାଏ। ଘଣ୍ଟାଏ ଅପେକ୍ଷା କଲେ ଗୋଟିଏ ଗରା ପାଣି ବାହାରେ। ପୁଣି ଗଳିଆ ପାଣି। ବର୍ଷ ବର୍ଷ ଧରି ଚମ୍ପିଆ ଗ୍ରାମବାସୀ ଭୋଗୁଛନ୍ତି ଜଳ କଷ୍ଟ।

ନାଳର ଚୁଆ ପାଣି ଏବଂ ପରିତ୍ୟକ୍ତ କୂଅରୁ ଦୂଷିତ ପାଣି ପିଇ ଅନେକ ଲୋକ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ଗାଁରେ ଦୁଇ ବର୍ଷ ଧରି ମେଗା ଜଳ ପ୍ରକଳ୍ପର ପାଇପ ଲାଇନ ବିଛା ଯାଇଛି ହେଲେ ଟୋପାଏ ବି ପାଣି ପହଂଚି ପାରୁ ନାହିଁ। ଗ୍ରାମବାସୀ ଜଳ ସମସ୍ୟା ନେଇ ବିଡ଼ିଓ, ଜିଲ୍ଲାପାଳ ଠାରୁ ଆରମ୍ଭ କରି ନେତା ମନ୍ତ୍ରୀଙ୍କୁ ଗୁହାରି କରି କରି ଥକିଗଲେଣି କିନ୍ତୁ ସମାଧାନ ହୋଇପାରୁନାହିଁ। ନିର୍ବାଚନ ପୂର୍ବରୁ ସରପଞ୍ଚ ହୁଅନ୍ତୁ କି ବିଧାୟକ ଭୋଟ ପାଇଁ ଗାଁ ଲୋକଙ୍କୁ ପାଣି ପାଇଁ ପ୍ରତିଶ୍ରୁତିରେ ପତି ପକାନ୍ତି କିନ୍ତୁ ନିର୍ବାଚନ ପରେ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ସୀମିତ ରହିଯାଏ। ଯଥାଶୀଘ୍ର ପ୍ରଶାସନ ପାଣିର ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଘରୋଇ ଗ୍ୟାସ ପାଇଁ ଗ୍ରାହକ ହନ୍ତସନ୍ତ

ଚାଲିଛି କଳାବଜାରୀ



ସୁନ୍ଦରଗଡ଼,୧୪।୩ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ସହର ବ୍ରାହ୍ମଣପଡା ଠାରେ ଥିବା ଇଣ୍ଡିଆନ ଗ୍ୟାସ ଏଜେନ୍ସିର ବାଇପାସ ଠାରେ ଥିବା ଗ୍ୟାସ ଗୋଦାମରୁ ଗ୍ୟାସ ପାଇବା ପାଇଁ ଗ୍ରାହକମାନେ ବହୁତ ହଇରାଣ ହେବାକୁ ପଡୁଛି। ଗ୍ରାହକମାନଙ୍କ ଅଭିଯୋଗ ଗ୍ୟାସ ଅନଲାଇନ ବୁକିଂ ହେଉନାହିଁ, କୌଣସି ମେସେଜ ମୋବାଇଲକୁ ଆସୁନାହିଁ, ଗ୍ୟାସ ପରିଚାଳନା କରୁଥିବା ବ୍ୟକ୍ତିଙ୍କୁ ଫୋନ୍ କଲେ ମୋବାଇଲ ସୁଇଚ ଅଫ ଥିବା ଜଣାପଡୁଛି, ନେଟୱର୍କ ପାଇଁ ଗ୍ରାହକମାନେ ଦିନ ଦିନ ଧରି ଖରାରେ ଲମ୍ବା ଧାଡି କରି ଠିଆହୋଇ ରହୁଛନ୍ତି। କିଏ ପାଉଛି ତ ନିଜକୁ ଭାଗ୍ୟବାନ ଭାବୁଛି ଆଉ କିଏ ଦିନ ସାରା ଠିଆ ହୋଇ ନିରାଶ ହୋଇ ଘରକୁ ଫେରୁଛନ୍ତି।

ଅପରପକ୍ଷରେ ଦେଖିବାକୁ ଗଲେ ଏତେ ଗରମରେ ଏହି ଘରୋଇ ଗ୍ୟାସ ଦୋକାନୀ ପକ୍ଷରୁ ପିଇବାକୁ ପାଣିର ସୁବିଧା ନାହିଁ। ଯୋଗାଣ ବିଭାଗ ସୁଖ ନିଦ୍ରାରେ ଅଛନ୍ତି। କଳାବଜାରୀ ହଉନାହିଁ ବୋଲି ଗ୍ୟାସ ଏଜେନ୍ସିମାନେ କହୁଥିଲା ବେଳେ ହୋଟେଲ, ଠେଲା, ଜଳଖିଆ ଦୋକାନୀଙ୍କୁ କିଭଳି ଏତେ ମାତ୍ରାରେ ଗ୍ୟାସ ମିଳୁଛି ତାହା ସାଧାରଣ ଜନତା ପ୍ରଶ୍ନ କରିଛନ୍ତି। ଏଭଳି ପରିସ୍ଥିତିରେ ସୁନ୍ଦରଗଡ଼ ବିଜୟା ଟକିଜ ରୋଡ଼ରେ ଜଣେ ରାସନ ଦୋକାନୀ କଳାରେ ଗ୍ୟାସ ବିକ୍ରି କରୁଥିବା ନେଇ ସୂଚନା ମିଳୁଛି। ସେମାନେ କାହାଠାରୁ ଏତେ ମାତ୍ରାରେ ଗ୍ୟାସ ଆଣି ମହଜୁଦ ରଖିଛନ୍ତି ତାହା ଆଶ୍ଚର୍ଯ୍ୟର କଥା।

## କାକଟପୁର, ଅସ୍ତରଙ୍ଗରେ ବଢ଼ୁଛି ରନ୍ଧନ ଗ୍ୟାସ ସମସ୍ୟା

ହୋଇପାରୁନି ବୁକିଂ

ଜାଳେଣି କାଠ ଗୋଦାମରେ ଅଗ୍ରିମ ଦେଲେଣି ବ୍ୟବସାୟୀ



କାକଟପୁର/ଅସ୍ତରଙ୍ଗ,୧୪।୩ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଂଚଳରେ ରନ୍ଧନ ଗ୍ୟାସ ଯୋଗାଣକୁ ନେଇ ସମସ୍ୟା ଦେଖାଦେଲାଣି। ବିଭିନ୍ନ ଏଜେନ୍ସି ବା ଯୋଗାଣକାରୀ ସଂସ୍ଥାରେ ଗ୍ୟାସ ସିଲିଣ୍ଡର ବୁକିଂ କରିବାକୁ ଯାଇ ଲୋକଙ୍କୁ ନିରାଶ ହେବାକୁ ପଡୁଛି। ପୂର୍ବରୁ ଯେଉଁମାନେ ବୁକିଂ କରିଥିଲେ ସେମାନେ ଗ୍ୟାସ ଆଣିଥିବା ବେଳେ ଶନିବାର ଏଜେନ୍ସି ଆଗରେ ସକାଳୁ ଲମ୍ବା ଧାଡି କରି ଠିଆ ହୋଇ ବୁକିଂ ହୋଇ ପାରୁନଥିବା ଅଭିଯୋଗ ଉଠିଛି।

ଅନ୍ୟ ପକ୍ଷରେ ଖାଦ୍ୟ ବ୍ୟବସାୟୀକ ପ୍ରତିଷ୍ଠାନ ଏହାର ପ୍ରଭାବ ପଡିଛି। କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳର ଅଧିକାଂଶ ହୋଟେଲ ଏବେ ଖାଦ୍ୟ ତାଲିକା କମ୍ କରାଯାଇଛି। ଏପରିକି କିଛି ହୋଟେଲ ଗ୍ୟାସ ବଦଳରେ କାଠ ବ୍ୟବହାର ଆରମ୍ଭ ହେଲାଣି। ବହୁ ଛୋଟ ଛୋଟ ଟିଫିନ ସେଣ୍ଟର ବନ୍ଦ କରିବାକୁ ବସିଲେଣି। ଏପରିସ୍ଥିତିରେ ଜାଳେଣି କାଠ ଦର ମଧ୍ୟ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଇଛି। କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ପୂର୍ବ ଅପେକ୍ଷା ରନ୍ଧନ ଗ୍ୟାସ ସଙ୍କଟ ବଢ଼ିଛି। ଗ୍ୟାସ ପାଇଁ ଲୋକେ ସକାଳ ୬ରୁ ଲମ୍ବା ଧାଡିରେ ଠିଆ ହେଉଛନ୍ତି। ଦୀର୍ଘ ସମୟ ଠିଆ ହେଲେ ମଧ୍ୟ ଅନେକ ବୁକିଂ ସମସ୍ୟା ପାଇଁ ନିରାଶ ରେ ଫେରୁଛନ୍ତି।

ଅନ୍ୟ ପକ୍ଷରେ କାଠ ବ୍ୟବସାୟୀ କହିଛନ୍ତି, ଏବେ ହୋଟେଲ ମାଲିକମାନେ ଭୟରେ କାଠ ନେଇ ରଖୁଛନ୍ତି। ଯେଉଁମାନେ ୨ କୁଇଣ୍ଟାଲ ନେଉଥିଲେ ଏବେ ୪କୁଇଣ୍ଟାଲ କାଠ ନେଉଛନ୍ତି। ଏବେ ଝାଉଁ କାଠ ୧୫ଶହ ଟଙ୍କା କୁଇଣ୍ଟାଲ ରହିଥିବା ଜଣାଯାଇଛି। ଏବେ ଯାହା ଜାଳେଣି କାଠ ଦର ରହିଛି, ତାହା ଆଗକୁ ବଢ଼ିବ। ବାହାଘର ଚାଲିଥିବା ବେଳେ ଗ୍ୟାସ ସିଲିଣ୍ଡର ପାଇନାହାନ୍ତି। ଘରୋଇ ଭାବେ ବି ଲୋକମାନେ ୨୦କେଜିରୁ ୩୦କେଜି କାଠ ନେଲେଣି।

ପୌରସଂସ୍ଥାରେ ଟେଣ୍ଡର ଅନିୟମିତତା ପ୍ରସଙ୍ଗ

# ବିଜେପି ବିଜେଡି କନ୍ଦଳ ବଢୁଛି



ଢେଙ୍କାନାଳ,୧୪।୩ (ସଂଚାର ବ୍ୟୁରୋ)ଃ ପୌରାଞ୍ଚଳର ୨୩ଟି ୱାର୍ଡର ଡ୍ରେନରେ କଭର ପକାଇବା ଲାଗି ସଂଖ୍ୟାଗରିଷ୍ଠତା ଥାଇ ପାରିଷଦ ଗଠନ କରିଥିବା ବିଜେପି ପକ୍ଷରୁ ୧୨୦ଟି ହସ୍ତବୃତ ଠିକାପ୍ରସ୍ତାବ ପକ୍ରିୟାକୁ ନେଇ ଉଭୟ ବିଜେପି-ବିଜେଡି ମଧ୍ୟରେ ଆରୋପ ପ୍ରତ୍ୟାରୋପ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଟେଣ୍ଡର ପଡିବାର ଶେଷଦିନରେ ପୌରପାଳିକାରେ ଏହି ଘଟଣାକୁ ନେଇ ତୁମୁଳକାଣ୍ଡ ହୋଇଥିବା ବେଳେ ବିଜେଡି, ବିଜେପି ପକ୍ଷଭୁକ୍ତମାନେ ମୁହାଁମୁହିଁ ହୋଇଥିବା ପୁଲିସ ପାଇଁ ମୁଣ୍ଡବ୍ୟଥା ପାଲଟିଥିଲା ।

ବିଜେଡି ପାରିଷଦଙ୍କ ଅଭିଯୋଗରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାର ମାଗଦର୍ଶିକାରେ ଇ-ଟେଣ୍ଡର ପାଇଁ ନିୟମ ରହିଥିବା ବେଳେ ପୌରାଂଚଳର ବିଭନ୍ନ ୱାର୍ଡରେ ୩ କୋଟି ଟଙ୍କାର ଉନ୍ନତିମୂଳକ କାର୍ଯ୍ୟପାଇଁ ବେନିୟମଭାବେ ପେପର ଟେଣ୍ଡର କରାଯାଇଛି। ପେପର ଟେଣ୍ଡର ନକରିବା ପାଇଁ ବିଜେପି ସରକାର ସ୍ପଷ୍ଟଭାବେ ମନା କରିଛନ୍ତି। ଛୋଟ କାମଗୁଡିକର ଇ-ଟେଣ୍ଡର ପାଇଁ ଆଇନମନ୍ତ୍ରୀ କହିଥିବା ବେଳେ ଢେଙ୍କାନାଳରେ ତାଙ୍କ ନିର୍ଦ୍ଦେଶକୁ ଦଳୀୟ ନେତୃବୃନ୍ଦ ଅବମାନନା କରି ବିପରୀତ ଭାବେ ବେନିୟମ କାର୍ଯ୍ୟକରି ଚିଠାପ୍ରସ୍ତାବ ଟେଣ୍ଡର କରୁଛନ୍ତି । ଏଥିରୁ ସ୍ପଷ୍ଟ ହେଉଛି ଯେ, ପୌରପାଳିକାରେ ପଞ୍ଜିକୃତ ନିର୍ଦ୍ଧିଷ୍ଟ କତିପୟ ଠିକାଦାରଙ୍କୁ କାର୍ଯ୍ୟକରିବାକୁ ସୁଯୋଗ ଦିଆଯିବା ଆଳରେ ଟେଣ୍ଡର ଫିକ୍ସିଂ କରାଯାଉଛି।

ବିଜେଡି ଏହାକୁ ବିରୋଧ କରି ଗତ ୨୭ ତାରିଖରେ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିବା ବେଳେ ସେମାନଙ୍କୁ ଯେଉଳି ଭାବେ ବିଜେପି ଗୁଣ୍ଡାମାନଙ୍କ ଦ୍ୱାରା ଦୁର୍ବ୍ୟବହାର ଏବଂ ସହରରେ ବିକାଶ କାର୍ଯ୍ୟରେ ସ୍ୱଛତା ଆଣିବା ଲାଗି ଚିଠାପ୍ରସ୍ତାବ ଟେଣ୍ଡରକୁ ରଦ୍ଦ କରାଯାଇ ଇ-ଟେଣ୍ଡର କରାଯାଇ ଅଧିକରୁ ଅଧିକ ଠିକାଦାରଙ୍କୁ ସୁଯୋଗ ଦିଆଯିବା ଲାଗି ବିଜେଡିପାରିଷଦମାନେ ଦାବି କରିଥିଲେ ।

ଏ ସଂପର୍କରେ ନଗରପାଳ ଜୟନ୍ତୀ ପାତ୍ର କହିଛନ୍ତି ମୁନିସପାଲଟି ହେଉଛି ଅର୍ବାନ ଡିପାର୍ଟମେଣ୍ଟ । ଅର୍ବାନ ଡିପାର୍ଟମେଣ୍ଟରୁ ଯେଉଁଭଳି ଗାଇଡଲାଇନ ଆସିଥିଲା। ସେହିଭାବେ ପେପର ଟେଣ୍ଡର ହୋଇଛି। ଉପନଗରପାଳ ପ୍ରକାଶ କୁଅଁର କୁହନ୍ତି ଯେ, ପିଡବ୍ଲୁ୍ୟଡି ଆଇନ ଅନୁସାରେ ପ୍ରତ୍ୟେକ ଠିକାଦାର ଏଥିରେ ଭାଗନେଇ ପାରିବେ । ଢେଙ୍କାନାଳ ପୌରପାଳିକାର ନିର୍ଦ୍ଧିଷ୍ଟ ୭/୮ ଜଣ ଠିକାଦାର ଭାଗ ନେବା ଦୁର୍ଭାଗ୍ୟଜନକ। ଏଭଳି କାର୍ଯ୍ୟ ପୌରପାଳିକ ଇତିହାସରେ ପ୍ରଥମ । ଏସଂପର୍କରେ ଅର୍ବାନ ସେକ୍ରାଟଠାରୀଙ୍କୁ ଲିଖିତ ଭାବେ ଦିଆଯାଇ ଆଲୋଚନା ହୋଇଛି ।

ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଘଟଣା

## ୫୦ ଲକ୍ଷ କ୍ଷତିପୂରଣ ଦାବି

ଫୁଲବାଣୀ,୧୪।୩ (ସଂଚାର ବ୍ୟୁରୋ)ଃ କ.ନୂଆଗାଁ କନ୍ଧମାଳ ଜିଲ୍ଲା ସାରଙ୍ଗ ଗଡ ଥାନା ଅନ୍ତର୍ଗତ ପାବୁରିଆରେ ଦନ୍ତା ହାତୀ ଆକ୍ରମଣରେ ଜଣେ ଯୁବକ ମୃତ ହୋଇଥିବା ଜଣାପଡିଛି। ତେବେ ସେହିପରି ରାଇକିଆ ବ୍ଲକର ପେଟାପାଙ୍ଗା ଗ୍ରାମପଂଚାୟତ ଡାମ୍ବା ଗ୍ରାମରେ ମଧ୍ୟ ଶୁକ୍ରବାର ରାତିରେ ହାତୀ ଆକ୍ରମଣରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଜି ଶନିବାର ଭୋରୁ ୪ଟା ସମୟରେ ଟିକାବାଲି ବ୍ଲକ ପାବୁରିଆ ଗ୍ରାମପଞ୍ଚାୟତ ତେନ୍ତୁଳୀ ସାହି ଗ୍ରାମର ଜଣେ ଯୁବକଙ୍କ ସିନ୍ଦୁର ପାଙ୍ଗା ଠାରେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି । ଏହି ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସହିତ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ମୃତକମାନେ ହେଲେ ପେଟାପାଙ୍ଗା ନିକଟସ୍ଥ ଡାମ୍ବା ଗ୍ରାମର ବାମଦେବ ପ୍ରଧାନ (୬୩), କୀର୍ତନ ବଗର୍ଷି (୭୦) ଓ ପାବୁରିଆ ସ୍ଥିତ ତେନ୍ତୁଳୀ ସାହି ଗ୍ରାମର ଦୁହିତ ପ୍ରଧାନ (୨୭) ବୋଲି ଜଣାପଡ଼ିଛି। ଘଟଣା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ଡାମ୍ବା ଗ୍ରାମର ତିନି ଜଣ ବ୍ୟକ୍ତି ସନ୍ଧ୍ୟା ସମୟରେ ନିକଟସ୍ଥ ଜଙ୍ଗଲକୁ କାଠ ସଂଗ୍ରହ କରିବାକୁ ଯାଇ ଫେରୁଥିବା ବେଳେ ଦନ୍ତା ହାତୀ ସମ୍ମୁଖରେ ପଡ଼ିଥିଲେ । ଏହି ସମୟରେ ହାତୀ ଦୁଇ ଜଣଙ୍କୁ କଚାଡି ମାରିଥିଲା। ସେହିପରି ହିପରି ପାବୁରିଆ ଗ୍ରାମର ତିନି ଜଣ ବ୍ୟକ୍ତି ଆଜି ସକାଳ ୪ଟା ସମୟରେ ନିକଟସ୍ଥ ସିନ୍ଦୂର ପାଙ୍ଗା ଜଙ୍ଗଲକୁ ହଳଦୀ ଖୋଳିବା ପାଇଁ ଯାଇ ହାତୀ ହାବୁଡ଼ରେ ପଡ଼ିଥିଲେ। ଏହି ସମୟରେ ସାଙ୍ଗରେ ଥିବା ଦୁଇ ଜଣ ଯୁବକ ସେଠାରୁ ଦୌଡ଼ି ପଳାଇ ଆସିଥିଲେ। ଘଟଣାପରେ ଗ୍ରାମବାସୀ ଓ ପରିବାର ପକ୍ଷରୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବୀ କରିଛନ୍ତି। ଏ ନେଇ ପୁଲିସ ସାରଙ୍ଗଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ୦୩/୨୬ ରୁଜୁ କରି ତଦନ୍ତ ଭାର ଏଏସଆଇ ଚତୁର୍ଭୁଜ ମଲ୍ଲିକ ଗ୍ରହଣ କରିଥିବା ଥାନା ଅଧିକାରୀ ସ୍ମିତା ଜେନା ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ବନ ବିଭାଗ ଓ ଦୁଇଟି ଥାନାର ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

## ବାରିପଦରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ




ବାରିପଦା,୧୪।୩ (ସଂଚାର ବ୍ୟୁରୋ)ଃ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ପକ୍ଷରୁ ବାରିପଦା ଠାରେ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ମୋଟ ୧୨,୫୬୮ ଟି ମାମଲା ମଧ୍ୟରୁ ୪୩୨୧ ଟି ମାମଲାର ଅପୋଷ ବିଚାର ହୋଇ ମୋଟ ୨,୯୪,୮୫,୬୬୬ ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି । ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ ମକଦ୍ଦମା ସମ୍ପର୍କିତ ୬୮୨୭ ଗୋଟି ମାମଲା ମଧ୍ୟରୁ ୮୦୯ ଟି ମାମଲା ଅପୋଷ ବିଚାର ହୋଇ ୧ କୋଟି ୨୨ ଲକ୍ଷ ୧୮ ହଜାର ୯୫୯ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣା ପଡ଼ିଛି ।

ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୫୭୪୧ ଗୋଟି ମାମଲା ମଧ୍ୟରୁ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା ୫୮ ଟି ମଧ୍ୟରୁ ୩ ଟି, ଏନ. ଆଇ. ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୧୨ ଟି ମାମଲା ମଧ୍ୟରୁ ୨୪ ଟି, ବ୍ୟାଙ୍କ ଋଣ ଅଦାୟ ସମ୍ବନ୍ଧିତ ୬୬ ଟି ରୁ ୧୫ ଟି, ମୋଟର ଯାନ ଦୁର୍ଘଟଣା ମାମଲା ୧୯୭ ଟି ରୁ ୧୫ ଟି, ବୈବାହିକ (ଛାଡପତ୍ର ବ୍ୟତୀତ) ସମ୍ବନ୍ଧୀୟ ୧୧୪ ଟି ମାମଲା ମଧ୍ୟରୁ ୩୮ ଟି, ରାଜସ୍ୱ ମାମଲା ୩୪୪୯ ଟି ମଧ୍ୟରୁ ୨୪୫୬ ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୨୧୭ ଟି ମଧ୍ୟରୁ ୪୫ ଟି, ଖାଉଟି ମାମଲା ସମ୍ବନ୍ଧୀୟ ୭ ଟି ମଧ୍ୟରୁ ୧ ଟି ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୧୨୬୫ ଟି ମଧ୍ୟରୁ ୯୧୫ ଟି ମିଶାଇ ମୋଟ ୩୫୧୨ ଟି ମାମଲାର ଫଇସଲା କରାଯାଇ ମୋଟ ୧ କୋଟି ୭୨ ଲକ୍ଷ ୬୬ ହଜାର ୭୦୭ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି।

ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ବିଭିନ୍ନ ବେଞ୍ଚରେ ନିଯୁକ୍ତ ଥିବା ସଦସ୍ୟ ଓ ସରକାରୀ ଓକିଲମାନେ ଉପସ୍ଥିତ ଥିଲେ।

# ରେଙ୍ଗାଲି ଜଳସେଚନ ପ୍ରକଳ୍ପ ଜମି ଅଧିଗ୍ରହଣକୁ ବିରୋଧ

- ପ୍ରଶାସନର ହସ୍ତକ୍ଷେପ ପରେ କାର୍ଯ୍ୟ ଜାରି
- ପ୍ରକଳ୍ପ କାର୍ଯ୍ୟ ବିଳମ୍ବକୁ ନେଇ ଚିନ୍ତାରେ ଚାଷୀ

ଯାଜପୁର,୧୪।୩ (ସଂଚାର ବ୍ୟୁରୋ)ଃ ଆଶା କରାଯାଉଥିଲା ଚାଷୀଙ୍କ ଜମିରେ ରେଙ୍ଗାଲି ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଖୁବ ଶିଘ୍ର ଶେଷ ହେବ । ଚାଷୀଙ୍କ ନିକଟରେ କେନାଲର ପାଣି ପହଞ୍ଚିବ । କିନ୍ତୁ ବିଭିନ୍ନ କାରଣକୁ ନେଇ ବିଳମ୍ବ ଘଟୁଥିବା ଦେଖାଯାଇଛି । ଯାହାଫଳରେ ଚାଷୀଙ୍କ ଆଶା ନିରାଶାରେ ପରିଣତ ହେଉଛି। କାରଣ କେତେବେଳେ ଜବରଦଖଲ ଜମି ଅଧିଗ୍ରହଣକୁ ନେଇ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ଆଉ କେତେବେଳେ ଚାନ୍ଦା ଆଦାୟକୁ ନେଇ ବିବାଦ ଦେଖାଯାଉଥିବାରୁ କାର୍ଯ୍ୟ ବିଳମ୍ବ ଘଟି ଚାଲିଛି । ଏଥି ନେଇ ଚାଷୀଙ୍କ ଠାରେ ଅସନ୍ତୋଷ ଦେଖାଦେଇଛି ।



ଦାନଗଦି ତହସିଲ ତଥା କଳିଙ୍ଗନଗର ଥାନା ଦକ୍ଷିଣ ପଶି ଗାଁ ନିକଟରେ ରେଙ୍ଗାଲି ବାମ ପାର୍ଶ୍ୱ କେନାଲ (ଡି -୧) ନିର୍ମାଣ କାର୍ଯ୍ୟ ପାଇଁ ଠିକା ସଂସ୍ଥା ଜେସିବି ଧରି ପହଞ୍ଚିଥିଲା। ତେବେ ନିର୍ମାଣ ସ୍ଥଳରେ ଜମି ସମତୁଲ କରାଯାଉଥିବା ବେଳେ ହଠାତ ନିଜ ଜମି ଦାବୀ କରି କାର୍ଯ୍ୟକୁ ସ୍ଥାନୀୟ କିଛି ଲୋକ ତୀବ୍ର ବିରୋଧ କରିଥିଲେ । ପ୍ରଥମେ ଜମିର ମୂଲ୍ୟ ଦିଅ, ପରେ ନିର୍ମାଣ କାର୍ଯ୍ୟ କର ଏହା ତାଙ୍କର ପ୍ରଶାସନକୁ ଚ୍ୟାଲେଞ୍ଜ ଥିଲା । ଅପରପକ୍ଷରେ ୨୯ ମୌଜାର ଜମି ବନ୍ଦୋବସ୍ତ ଶେଷ ହୋଇ ନ ଥିବାରୁ କୌଣସି ନିର୍ମାଣ କାର୍ଯ୍ୟ କରାଇ ଦିଆଯିବ ନାହିଁ ବୋଲି ଧମକ ଦେଇଥିଲେ। ଫଳରେ ଉକ୍ତ ଜମିରେ ମାପ ଚୁପ ବି ବନ୍ଦ ହୋଇଯାଇଥିଲା। ଅପରପକ୍ଷରେ ଏହା ସରକାରୀ ଜମି ଏବଂ ଏହାକୁ କିଛି ଲୋକ ଜବରଦଖଲ କରିଥିବା ପଦାଧିକାରୀଙ୍କ ପକ୍ଷରୁ କୁହାଯିବା ଘଟଣା ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏପରିକି ଅଧିଗ୍ରହଣ ପାଇଁ ଜମି ସମତୁଲ କାର୍ଯ୍ୟ ବାଧା ପ୍ରାପ୍ତ ହୋଇଥିଲା।

ଘଟଣାସ୍ଥଳରେ ଅଧିକ ଉତ୍ତେଜନା ଆଶଙ୍କାରେ ଦାନଗଦି ତହସିଲଦାର ରଞ୍ଜିତ ମଲ୍ଲିକ ଓ କଳିଙ୍ଗନଗର ପୋଲିସ ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ବିରୋଧକାରୀଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ବିରୋଧକାରୀମାନେ ନିଜ ଜିଦରେ ଅଟଳ ରହିବାରୁ ପୁଲିସ ପ୍ରଶାସନ ଉପସ୍ଥିତିରେ କାର୍ଯ୍ୟ ଚାଲିଥିଲା । ତେବେ ଗୋଟିଏ ପଟେ ଏହା ସରକାରୀ ଜମି ଓ ଜବରଦଖଲ କରିଥିବା ପ୍ରଶାସନ କହୁଥିବା ବେଳେ ଆମୟ ପଟେ ନିଜ ଜମି ଦାବୀ କରୁଥିବା ବିରୋଧ କାରୀମାନଙ୍କୁ ୨୯ ମୌଜା ଭୂମି ମୁକ୍ତି ସଂଗଠନ ଦୃଢ ସମର୍ଥନ ଦେଉଥିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ହୋଇଛି ।

## ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର



ନୀଳଗିରି,୧୪।୩ (ସଂଚାର ବ୍ୟୁରୋ)ଃ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ ଆନୁକୂଲ୍ୟରେ ଆଜି ମାଗଣା ସ୍ୱାସ୍ଥ୍ୟ ଶିବିର ନୀଳଗିରି ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିଷରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୯ ଘଟିକା ରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରକୁ ମୁଖ୍ୟ ଅତିଥି ଭାବେ ନୀଳଗିରି ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା ଯୋଗଦେଇ ଫିତା କାଟି ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଏନଏସି ୬ ନମ୍ବର ୱାର୍ଡ଼ କାଉନସିଲର ପ୍ରତାପ ସେଠୀ, ଅନୁଷ୍ଠାନର ସଭାପତି ସବ୍ୟସାଚୀ ମହାପାତ୍ର ଉପସ୍ଥିତ ଥିଲେ।

ଉକ୍ତ ଶିବିରକୁ ଭୁବନେଶ୍ୱର କେୟାର ହସ୍ପିଟାଲର ସିନିୟର ହୃଦରୋଗ ବିଶେଷଜ୍ଞ ଡ. ବିକ୍ରମ କେଶରୀ ମହାପାତ୍ର, ସିନିୟର ପେଟରୋଗ ବିଶେଷଜ୍ଞ ଡ଼. ଦିଲ୍ଲୀପ କୁମାର ମହାନ୍ତି, ଭେଷଜ ବିଶେଷଜ୍ଞ ଡ଼. ଅବିନାଶ ପଣ୍ଡା, ଯୋଗଦେଇ ୧୭୮ ରୋଗୀଙ୍କର ମାଗଣାରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରି ମାଗଣା ଔଷଧ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଚିନ୍ମୟ ଶରଣ ରାଉତ, ରମେଶ ପାତ୍ର, ସୁରେଶ ସମୁଦ୍ର, ସୁରେଶ ପଣ୍ଡା, ଭାସ୍କର ବିଶ୍ୱାଳ, ନିଗମ ରଞ୍ଜନ ରାଉତ, ଦେବାଶିଷ ଜେନା , ଦେବାଶିଷ ଆଚାର୍ଯ୍ୟ, ରମାକାନ୍ତ ପ୍ରଧାନ, ଟୁଲୁ ସାହୁ ,ରମେଶ ପାତ୍ର, ସନ୍ତୋଷ ସମୁଦ୍ର ,ଟୁଲୁ ସାହୁ,ଦେବାଶିଷ ରାଉଳ, ପରିଶ୍ମିତା ଦାସ, ଦେବାଶିଷ ନାୟକ ପ୍ରମୁଖ ସଭ୍ୟ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ‘ଗ୍ରାମୋଦୟ’ ଅଭିଯାନ: ମାଓ ପ୍ରଭାବିତ ଅଞ୍ଚଳ ପାଇଁ ବଡ଼ ଘୋଷଣା

# ୪୮୫ ଗ୍ରାମକୁ କ୍ରୀଡ଼ା ସାମଗ୍ରୀ




ଭୁବନେଶ୍ୱର,୧୪।୩(ସଂଚାର ବ୍ୟୁରୋ): ଓଡ଼ିଶାର ଦୁର୍ଗମ ତଥା ମାଓ ପ୍ରଭାବିତ ଅଞ୍ଚଳର ଯୁବପିଢ଼ିଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାର ଆଜି ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ‘ଗ୍ରାମୋଦୟ’ ଅଭିଯାନ ମାଧ୍ୟମରେ ୧୦ଟି ଜିଲ୍ଲାର ୪୮୫ଟି ମାଓ ପ୍ରଭାବିତ ଗ୍ରାମକୁ କ୍ରୀଡ଼ା ସାମଗ୍ରୀ ଯୋଗାଇ ଦିଆଯିବ। ଏହି ଯୋଜନା ପାଇଁ କ୍ରୀଡ଼ା ବିଭାଗ ପକ୍ଷରୁ ମୋଟ ୨ କୋଟି ୪୨ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରାଯାଇଛି। ପ୍ରତ୍ୟେକ ଚିହ୍ନିତ ଗ୍ରାମକୁ ୫୦ ହଜାର ଟଙ୍କାର କ୍ରୀଡ଼ା କିଟ୍ ପ୍ରଦାନ କରାଯିବ। ବରଗଡ଼, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଏବଂ ରାୟଗଡ଼ା ଜିଲ୍ଲାର ଯୁବକଯୁବତୀମାନେ ଏହାଦ୍ୱାରା ଉପକୃତ ହେବେ। ପ୍ରତି ଗ୍ରାମକୁ ଦିଆଯିବାକୁ ଥିବା ଷ୍ଟାଣ୍ଡର୍ଡ କ୍ରୀଡ଼ା କିଟ୍‌ରେ କ୍ରିକେଟ୍, ଫୁଟବଲ୍, ଭଲିବଲ୍, ବ୍ୟାଡମିଣ୍ଟନ୍ ବ୍ୟତୀତ ଚେସ୍ ଏବଂ କ୍ୟାରମ୍ ଭଳି ଇନଡୋର ଗେମ୍ସର ସମସ୍ତ ଆବଶ୍ୟକୀୟ ସାମଗ୍ରୀ ରହିବ। କାର୍ଯ୍ୟକ୍ରମର ବିଶେଷତ୍ୱ ହେଉଛି ଯେ କ୍ରୀଡ଼ା ସାମଗ୍ରୀ କିଣିବା ଦାୟିତ୍ୱ ସ୍ଥାନୀୟ ଯୁବ କ୍ଲବମାନଙ୍କୁ ଦିଆଯିବ। ଯେଉଁ ଗ୍ରାମରେ କ୍ଲବ ନାହିଁ, ସେଠାରେ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସହାୟତାରେ ନୂତନ କ୍ଲବ ଗଠନ କରାଯିବ।




ସମ୍ବଲପୁରର ବିଶିଷ୍ଟ ଚିକିତ୍ସକ ତଥା ସମାଜସେବୀ ଡାକ୍ତର ନାରାୟଣୀ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ।

## କାର୍ ଧକ୍କାରେ ଜଣେ ମୃତ, ୭ ଗୁରୁତର



କୁଚିଣ୍ଡା,୧୪।୩(ସଂଚାର ବ୍ୟୁରୋ): ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅନ୍ତର୍ଗତ ଟାଙ୍ଗରପାଲି କଦୋପଡ଼ା ଗାଁର ଗତକାଲି ରାତିରେ ଯାତ୍ରା ଦେଖି ଘରକୁ ଫେରୁଥିବା ସମୟରେ ୮ ଜଣଙ୍କୁ ଏକ ଦ୍ରୁତଗାମୀ କାର ଧକ୍କା ଦେଇ ସେଠାରୁ ଫେରାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଦ୍ୱାରା ସମସ୍ତଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ। ହେଲେ କଦୋପଡ଼ାର କଞ୍ଚନୀ ପଟେଲ (୬୦)ଙ୍କର ଡାକ୍ତରଖାନାରେ ମୃତ୍ୟୁ ହୋଇଥିବା ବେଳେ କଦୋପଡାର ଗୁରୁତର ଆହତ ବାସନ୍ତୀ ପଟେଲ, ପାର୍ବତୀ ପଟେଲ, ବିଳାସିନୀ ପଟେଲ,ଶିବାନୀ ପଟେଲ, ବର୍ଷିତା ପଟେଲ,କାରୋଣୀ ପଟେଲ ଓ ରଞ୍ଜିତା ଡନସେନାଙ୍କୁ ବୁର୍ଲା ଭୀମସାର କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ରଞ୍ଜିତାଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ଥିବାରୁ ତାଙ୍କୁ ରାତିରେ ହିଁ ବୁର୍ଲାରୁ ରାଉରକେଲା ଆପୋଲୋ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କୁଚିଣ୍ଡା ଡାକ୍ତରଖାନାରେ ଶନିବାର ମୃତକ କଞ୍ଚନୀଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। କଦୋପଡାରେ ମୃତଦେହ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଲୋକେ କୁଚିଣ୍ଡା ରାଜ୍ୟ ରାଜପଥକୁ କ୍ଷତିପୂରଣ ଦାବିରେ ଅପରାହ୍ନରୁ ରାସ୍ତାରୋକ କରିଛନ୍ତି। ଏସ୍‌ଡିପିଓ ଦାସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଥିବା ଜଣାପଡ଼ିଛି।

ଏନେଇ ପୁଲିସ ମହୁଲପାଲି ଥାନାରେ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରି ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ବଲାଙ୍ଗିର ଜେଲରେ କଏଦୀ ମୃତ



- ହତ୍ୟା ଅଭିଯୋଗ ଆଣିଲା ପରିବାର
- ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ

ବଲାଙ୍ଗିର,୧୪।୩(ସଂଚାର ବ୍ୟୁରୋ): ପୁଣି ଜଣେ କଏଦୀଙ୍କ ମୃତ୍ୟୁ ହୋଇଛି। ବଲାଙ୍ଗିର ଜେଲରେ ଆଜି ସକାଳେ ଜଣେ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ କଏଦୀ ବଲାଙ୍ଗିର ସଦର ଥାନା କୁଶଙ୍ଗ ଗାଁର ଭୀଷ୍ମଦେବ ସାହୁ ଓରଫ ଗୋପାଳ (୩୭) ବୋଲି ଜଣାପଡ଼ିଛି। ସେ ଗତ ୨୦୨୧ରେ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଜେଲ ଯାଇଥିଲେ। ୨୦୨୩ରେ ତାଙ୍କୁ କୋର୍ଟ ଆଜୀବନ କାରାଦଣ୍ଡ ଶୁଣାଇଥିଲେ। ତେବେ ଆଜି ଝୁଲନ୍ତା ଅବସ୍ଥାରେ ଗୋପାଳଙ୍କ ମୃତଦେହ ଜେଲ କର୍ତ୍ତୃପକ୍ଷ ଉଦ୍ଧାର କରିଛନ୍ତି। ଭୀମଭୋଇ ମେଡିକାଲ କଲେଜରେ ତାଙ୍କ ମୃତଦେହର ବ୍ୟବଚ୍ଛେଦ କରାଯାଉଥିବା ବେଳେ ଗୋପାଳଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଏଥିସହ ପରିବାର ଲୋକେ କଏଦୀଙ୍କ ମୃତଦେହ ରଖି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଏହି ମାମଲାର ତଦନ୍ତ ଆରମ୍ଭ ହୋଇଛି ବୋଲି ଜେଲ ଅଧୀକ୍ଷକ ଉମାଶଙ୍କର ମାଝୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ମାସରେ ଚୌଦ୍ୱାର ଜେଲରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଥିଲା। ସେ ବର୍ଷେ ହେବ ଜେଲରେ ସଜା କାଟୁଥିଲେ। ବିଚାରାଧୀନ କଏଦୀ ଭାବେ ସେ ହାଇ ସିକ୍ୟୁରିଟି ସେଲରେ ଥିଲେ ମଧ୍ୟ ତାଙ୍କ ମୃତଦେହ ମିଳିଥିଲା। କଟକ ଦରଗାବଜାର ଥାନା ଅନ୍ତର୍ଗତ ହାତୀପୋଖରୀ ଅଞ୍ଚଳର ମହମ୍ମଦ କଲିମ୍ ଖାନ୍ ୬ ନମ୍ବର ସେଲର ଝରକା ଗ୍ରେଲିଂରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ। ପରେ ତାଙ୍କର ମାନସିକ ଅବସ୍ଥା ଭଲ ନ ଥିବାରୁ ଏପରି ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଥିଲା। ଜୀବନ ହାରିବାକୁ ନେଇ ଚୌଦ୍ୱାର ଥାନାରେ ଏତଲା ବି ଦିଆଯାଇଥିଲା। ପ୍ରାଥମିକ ତଦନ୍ତରୁ କଏଦୀ ଜୀବନ ହାରିଥିବା ସ୍ପଷ୍ଟ ହୋଇଥିବା ଜେଲ୍ ଡିଆଇଜି ଅନସୂୟା ଜେନା ସେତେବେଳେ ସୂଚନା ଦେଇଥିଲେ।

## ସୋଲାର ଫେନ୍ସିଂରେ ଗଲା ଦନ୍ତା ଜୀବନ!



ଢେଙ୍କାନାଳ,୧୪।୩(ସଂଚାର ବ୍ୟୁରୋ): ଗତ ୪ ଦିନ ହେଲା ସ୍ଥାନୀୟ ଅଞ୍ଚଳରେ ଉପଦ୍ରବ କରୁଥିଲା ଏକ ଦନ୍ତାହାତୀ। ଉଜାଡ଼ି ଦେଉଥିଲା ଏକର ଏକର ମକା ଫସଲ। ତେବେ ଉକ୍ତ ଦନ୍ତାର ଆଜି ମୃତଦେହ ଠାବ କରାଯାଇଛି। ଢେଙ୍କାନାଳ ବନଖଣ୍ଡରେ ଏହି ଦନ୍ତା ହାତୀର ମୃତ୍ୟୁ ଘଟିଥିବା ବେଳେ କିପରି ଭାବେ ଏହା ଘଟିଲା, ସେନେଇ କିଛି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ମକା ଫସଲର ସୁରକ୍ଷା ପାଇଁ ଚାରିପଟେ ଦିଆଯାଇଥିବା ସୋଲାର୍ ଫେନ୍ସିଂ ସଂସ୍ପର୍ଶରେ ଆସି ଦନ୍ତାଟି ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। କାରଣ ଜାଣିବା ସକାଶେ ବନ ବିଭାଗ ପକ୍ଷରୁ ଇତିମଧ୍ୟରେ ତଦନ୍ତ ଆରମ୍ଭ ହୋଇଛି। ସଦର ବନାଞ୍ଚଳ ଅନ୍ତର୍ଗତ ନଟଖିଟା ସେକ୍ସନର ବିମ୍ବଳ ନିକଟରୁ ଏହି ଦନ୍ତା ହାତୀର ମୃତଦେହ ଠାବ ହୋଇଛି। ମୃତ ଦନ୍ତାର ବୟସ ପ୍ରାୟ ୩୦ ବର୍ଷ ହେବ। ନଟଖିଟା ଗ୍ରାମ ନିକଟସ୍ଥ ଏକ ମକା କିଆରୀ ନିକଟରେ ଉକ୍ତ ଦନ୍ତାର ମୃତଦେହ ପଡ଼ିଛି। ଖବର ପାଇ ବନ କର୍ମଚାରୀ ପହଞ୍ଚି ଦନ୍ତାର ମୃତଦେହକୁ ଉଦ୍ଧାର କରିଛନ୍ତି। ଦନ୍ତା ମୃତଦେହର ବ୍ୟବଚ୍ଛେଦ କରାଯିବା ସହ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ନକଲି ପୁଲିସ୍‌କୁ ବାନ୍ଧିଲା ଅସଲି ପୁଲିସ୍

● ଟ୍ରକ୍‌ରୁ ଆଦାୟ କରୁଥିଲା ଚାନ୍ଦା



ବାଲେଶ୍ୱର,୧୪।୩(ସଂଚାର ବ୍ୟୁରୋ): ଆଜି ଜଣେ ନକଲି ପୁଲିସ୍‌କୁ ଅସଲି ପୁଲିସ୍ ବାନ୍ଧିଛି। ପୁଲିସ୍ ପରିଚୟ ଦେଇ ଜଣେ ବ୍ୟକ୍ତି ନିୟମିତ ଭାବେ ଟ୍ରକରୁ ଚାନ୍ଦା ଆଦାୟ କରୁଥିଲା। ବାଲେଶ୍ୱର ଜିଲ୍ଲା ଖଇରା ଅଞ୍ଚଳର ଏହି ନକଲି ପୁଲିସ୍‌କୁ ଆଜି ଗିରଫ କରାଯାଇଛି। ଗିରଫ ନକଲି ପୁଲିସ୍ ସାଜିଥିବା ଯୁବକ ଜଣଙ୍କ ବାଲେଶ୍ୱର ଖଇରା ଥାନା ଅର୍ଜୁନପୁର ଗାଁର ମିହିର ରଞ୍ଜନ ଦାସ ବୋଲି ଜଣାପଡ଼ିଛି। ସୋର ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମର ଅଜୟ ପଣ୍ଡାଙ୍କ ଟ୍ରକ କୁପାରୀ ଅଞ୍ଚଳରୁ ଚିପ୍ସ ନେଇ ସୋରକୁ ଆସୁଥିବା ସମୟରେ ତୋରାଣିପଦା ଛକ ନିକଟରେ ୪ ଜଣ ଯୁବକ ଉକ୍ତ ଟ୍ରକକୁ ଅଟକାଇ ନିଜକୁ ପୁଲିସ୍ କର୍ମଚାରୀ ବୋଲି ପରିଚୟ ଦେଇ କାଗଜପତ୍ର ଯାଞ୍ଚ କରିବା ସହ ଟଙ୍କା ମାଗିଥିଲେ। ଏଥିରେ ଅଜୟ ଭୟଭୀତ ହୋଇ ଫୋନ୍‌ପେ ମାଧ୍ୟମରେ ୩ ହଜାର ଟଙ୍କା ମଧ୍ୟ ଦେଇଥିଲେ। କିନ୍ତୁ ପରେ ସେ ଜାଣିବାକୁ ପାଇଥିଲେ ଯେ ତାଙ୍କୁ ଅଟକାଇଥିବା ଯୁବକମାନେ ନକଲି ପୁଲିସ୍ ସାଜି ଏପରି କାରନାମା କରିଛନ୍ତି। ତେଣୁ ସେ ଖଇରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏହାକୁ ଭିତ୍ତି କରି ଖଇରା ଆଇଆଇସି ଜନ ପଟ୍ଟନାୟକ ତଦନ୍ତ କରି ମିହିରକୁ ଗିରଫ କରିବା ସହ କୋର୍ଟଚାଲାଣ କରିଛନ୍ତି।

● ନାବାଳିକାଙ୍କୁ ନ୍ୟାୟ ଦାବିରେ ହିଂସାକାଣ୍ଡ

## ପୁଲିସକୁ ଆକ୍ରମଣ ଅଭିଯୋଗରେ ୩୪ ଗିରଫ



ବାରିପଦା,୧୪।୩(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନାଞ୍ଚଳରେ ଗତକାଲି ଘଟିଥିବା ତୁମୂଳକାଣ୍ଡ ଘଟଣାରେ ଆଜି ପୁଲିସ୍ ୩୪ ଜଣଙ୍କୁ ଗିରଫ କରିଛି। ଜଣେ ନାବାଳିକାଙ୍କୁ ଭିନ୍ନ ଜାତିର ଯୁବକ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଅଭିଯୋଗରେ ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଏହା ବିରୋଧରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିବା ସହ ତହସିଲଦାରଙ୍କ ଗାଡ଼ି ଭାଙ୍ଗିଥିଲେ ଓ ପୁଲିସ୍‌କୁ ବି ଆକ୍ରମଣ କରିଥିଲେ। ଏଥିରେ ୯ ଜଣ ପୁଲିସ୍ କର୍ମଚାରୀ ଆହତ ହୋଇଥିବା ବେଳେ ୨ ଜଣଙ୍କ ଅବସ୍ଥା ଗୁରୁତର ହୋଇଥିଲା। ଏନେଇ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ପରେ ଉକ୍ତ ୩୪ ଜଣଙ୍କୁ ଗିରଫ କରାଯାଇଛି। ଗତକାଲି ବହଳଦାରେ ଏନଏଚ-୨୨୦ ଅବରୋଧ ସମୟରେ ପୁଲିସ୍ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ପୀଡ଼ିତାଙ୍କୁ ଖଟରେ ଶୁଆଇ ରାସ୍ତା ଅବରୋଧ କରିଥିଲେ ଉତ୍ତ୍ୟକ୍ତ ଲୋକେ। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଓ ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବା ସକାଶେ ସେମାନେ ଦାବି କରିଥିଲେ। ତେବେ ରାସ୍ତା ଅବରୋଧ ସମୟରେ ଉତ୍ତ୍ୟକ୍ତ ଲୋକେ ପୁଲିସକୁ ଅତର୍କିତ ଆକ୍ରମଣ କରିବା ସହ ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା କରିଥିଲେ।

● ଦୁଇ ଝିଅଙ୍କୁ କୂଅରେ ଫିଙ୍ଗି ମାରିଦେବା ଘଟଣା

## ଗଛରୁ ମିଳିଲା ମା’ର ଝୁଲନ୍ତା ମୃତଦେହ

ସମ୍ବଲପୁର,୧୪।୩(ସଂଚାର ବ୍ୟୁରୋ): ଦୁଇ ଝିଅଙ୍କୁ କୂଅରେ ଫିଙ୍ଗି ମାରିଦେବା ଘଟଣାରେ ଆଜି ମା’ର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସ୍ଥାନୀୟ ଦୁମକୁ ନାଳ ନିକଟସ୍ଥ ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିବା ବେଳେ ନିକଟରେ ଚପଲ ଓ ଗାମୁଛା ପଡ଼ିଛି। ଘଟଣାସ୍ଥଳରେ ମହୁଲପାଲି ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।ତେବେ ଏହି ଘଟଣା ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

ମିଳିଥିବା ସୂଚନାନୁସାରେ, ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଜରାବଗା ସର୍ଗିଡିହି ଗାଁରେ ଜେମ୍ସ ମାଡ଼କି ଓ ସଞ୍ଜୁ ମାଡ଼କିଙ୍କର ଦୁଇଟି ଶିଶୁ କନ୍ୟା ମଧ୍ୟରୁ ବଡ଼ ଝିଅ ସୁହାନାର ବୟସ ୬ ବର୍ଷ ଓ ସାନକୁ ମାତ୍ର ୪ ମାସ ହୋଇଥିଲା। ତେବେ ଉକ୍ତ ପରିବାରର ସଦସ୍ୟମାନେ ଦେବଗଡ଼ରେ ରହୁଥିବା ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିଲେ। ଗତ ଗୁରୁବାର ସେମାନେ ଗାଁକୁ ଫେରିଥିଲେ। ଶୁକ୍ରବାର ଅପରାହ୍ନରେ ସଞ୍ଜୁ ତାଙ୍କର ୨ ଝିଅଙ୍କୁ ନେଇ ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିଲେ। ପିଲାମାନେ ମା’ ସହ ଯାଇଥିବାରୁ ପରିବାର ଲୋକ କୌଣସି ସନ୍ଦେହ କରି ନ ଥିଲେ। ହେଲେ କେଇ ଘଣ୍ଟା ପରେ ମହିଳା ଜଣଙ୍କ ଏକାକୀ ଘରକୁ ଫେରିଥିଲେ। ୨ ଝିଅ କୁଆଡ଼େ ଗଲେ ବୋଲି ସ୍ୱାମୀ ଜେମ୍ସ ପଚାରିବାରୁ ଘର ପାଖ ଚାଷ ଜମିରେ ଥିବା କୂଅରେ ସେମାନଙ୍କୁ ଫିଙ୍ଗିଦେଇଥିବା କହି ସଞ୍ଜୁ ସେଠାରୁ ଦୌଡ଼ି ପଳାଇଥିଲେ। ପରିବାର ସଦସ୍ୟ କୂଅରୁ ଉଭୟଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁଇ ଝିଅଙ୍କୁ ମୃତ ଘୋଷଣା କରିଥିଲେ। ପରେ ସଞ୍ଜୁଙ୍କୁ ଖୋଜାଖୋଜି କରିବା ପରେ ବି ତାଙ୍କର କୌଣସି ପତ୍ତା ମିଳିନଥିଲା। ଆଜି ସକାଳେ ଦୁମକୁ ନାଳ ନିକଟରେ ଥିବା ଏକ ଗଛରେ ସଞ୍ଜୁ ରଶି ଲଗାଇ ଝୁଲିପଡ଼ିଥିବା ଦେଖିବାକୁ ମିଳିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ୍ କହିଛି।

## ପ୍ରଧାନଶିକ୍ଷକଙ୍କ ବିରୋଧରେ ଟଙ୍କା ହଡ଼ପ ଅଭିଯୋଗ

### (ତୁରନ୍ତ ବଦଳି ସହ ତଦନ୍ତ ଦାବିକଲେ ଗ୍ରାମବାସୀ)



କୋରାପୁଟ,୧୪।୩(ସଂଚାର ବ୍ୟୁରୋ): ପ୍ରଧାନଶିକ୍ଷକଙ୍କ ନାଁରେ ଆସିଛି ଟଙ୍କା ହଡ଼ପ ଅଭିଯୋଗ। ପାଖାପାଖି ୧୪ ବର୍ଷ ହେବ ଗୋଟିଏ ବିଦ୍ୟାଳୟରେ ଉକ୍ତ ପ୍ରଧାନଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ଏବେ ଏହା ଉପରେ ପ୍ରଶ୍ନ ଉଠିଛି। ନାରାୟଣପାଟଣା ବ୍ଲକ୍ ଲଙ୍ଗଲବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସତ୍ୟନାରାୟଣ ରାଓଙ୍କ ବିରୋଧରେ ହୋଇଛି ଅଭିଯୋଗ । ବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ ବାଳିକା ହଷ୍ଟେଲରେ ମାତ୍ର ୬୦ରୁ ୭୦ ଜଣ ଛାତ୍ରୀ ରହୁଥିଲେ ହେଁ ଶ୍ରୀ ରାଓ ସବୁବେଳେ ପୂର୍ଣ୍ଣ ସଂଖ୍ୟା ଦର୍ଶାଇ ସରକାରୀ ଅର୍ଥ ହଡ଼ପ କରୁଆସୁଥିବା ଅଭିଯୋଗ ହୋଇଛି। ତେବେ ସେ ଯେତିକି ଟଙ୍କାର ଦୁର୍ନୀତି କରିଛନ୍ତି, ତାହାକୁ ସ୍କୁଲ୍ ଖାତାରେ ଜମା କରିବା ସକାଶେ ଗ୍ରାମବାସୀ ଦାବି କରିଛନ୍ତି। ପୂର୍ବରୁ ଗ୍ରାମବାସୀ ଏନେଇ ଜିଲ୍ଲାପାଳଙ୍କୁ ଭେଟି ତଦନ୍ତ ପାଇଁ ଦାବିପତ୍ର ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ କରିବା ସକାଶେ ଏକ କମିଟି ବିଦ୍ୟାଳୟରେ ମଧ୍ୟ ପହଞ୍ଚିଥିଲେ। କିନ୍ତୁ ଏନେଇ ତଦନ୍ତ ବିଶେଷ ଆଗେଇପାରିନଥିବା ବେଳେ ଗ୍ରାମବାସୀ ତୁରନ୍ତ ଉକ୍ତ ପ୍ରଧାନଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବା ସହ ଘଟଣାର ପୁଙ୍ଖାନୁପୁଙ୍ଖ ଯାଞ୍ଚ୍ ପାଇଁ ଦାବି କରିଛନ୍ତି।



## ଧାନବସ୍ତା ରଖି ଚାଷୀଙ୍କ ରାସ୍ତା ଅବରୋଧ

କେନ୍ଦୁଝର,୧୪।୩(ସଂଚାର ବ୍ୟୁରୋ): ଚମ୍ପୁଆ ଥାନା କାଠ କରଞ୍ଜିଆ ପଞ୍ଚାୟତ ମୁଖ୍ୟାଳୟରେ ଶନିବାର ଚାଷୀମାନେ ବିଭିନ୍ନ ସମସ୍ୟାକୁ ନେଇ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି। ସ୍ଥାନୀୟ ସରପଞ୍ଚ ସୁକୁରିଆ ମୁଣ୍ଡାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲିଛି। ଦୀର୍ଘ ପ୍ରାୟ ୧ ଘଣ୍ଟା ହେଲା ଉଖୁଣ୍ଡା-ଚମ୍ପୁଆ ରାସ୍ତା ଅବରୋଧ ଯୋଗୁ ରାସ୍ତାରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଛି। ଲ୍ୟାମ୍ପରେ ୩୦ ପ୍ରତିଶତ ଧାନ କାଟୁଥିବାରୁ ଏହାର ପ୍ରତିବାଦ କରିବା ସହ ଧାନ ଟୋକନ ନିୟମିତ ପ୍ରଦାନ କରିବା, ମିଲ୍ ପରିବର୍ତ୍ତେ ମଣ୍ଡିରେ ଧାନ କିଣିବା ବ୍ୟବସ୍ଥା କରିବା ଏବଂ ଧାନ କିଣା ଟାର୍ଗେଟ ବୃଦ୍ଧି କରିବା ଆଦି ଦାବିରେ ଚାଷୀମାନେ ଏହି ଆନ୍ଦୋଳନ କରୁଛନ୍ତି। ପୁଲିସ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଚାଷୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ଜାରି ରଖିଛନ୍ତି।

● ଭୁଜାଲି ମୂନରେ ୭୦ ଲକ୍ଷ ଲୁଟ୍ ମାମଲା

## ସମ୍ପର୍କୀୟ ରଚିଥିଲେ ଷଡ଼ଯନ୍ତ୍ର, ଆଉ ୨ ଗିରଫ

**ପୂର୍ବରୁ ୭ ଗିରଫ ହୋଇଥିଲେ**

ଉମରକୋଟ,୧୪।୩ (ସଂଚାର ବ୍ୟୁରୋ): ସମ୍ପର୍କୀୟ ରଚିଥିଲେ ଲୁଟ୍ ଷଡ଼ଯନ୍ତ୍ର। ବେକରେ ଭୁଜାଲି ଲଗାଇ ୭୦ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ଆଉ ୨ ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ଉମରକୋଟ ଥାନା ପୁଲିସ ନଗଦ ୩ ଲକ୍ଷ ୨ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଜବତ କରିଛି। ଗତ ମାସ ୨୨ ତାରିଖରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନସ୍ଥ କୋଚନିଆମ୍ବା ଗାଁରେ ଦୁଇ ଅଭିଯୁକ୍ତ ଲୁଟ କରିଥିଲେ। ଜମି ବିକ୍ରି କରି ଗାଁର ଅମୂଲ୍ୟ ଜେନା ଘରେ ନଗଦ ଟଙ୍କା ରଖିଥିବା ବେଳେ ଲୁଟେରାମାନେ ମୁଣ୍ଡରେ ଭୁଜାଲି ଲଗାଇ ସବୁ ଟଙ୍କା ଲୁଟିନେଇଥିଲେ। ତେବେ ଏହା ପଛରେ ଅମୂଲ୍ୟଙ୍କ ସମ୍ପର୍କୀୟ ଡକାୟତମାନଙ୍କୁ ଖବର ଦେବା ସହ ଲୁଟ୍ ଯୋଜନା ପ୍ରସ୍ତୁତ କରିଥିଲେ। ୨୨ ତାରିଖ ରାତିରେ ଲୁଟେରାମାନେ ଅମୂଲ୍ୟଙ୍କ ଘରେ ପଶି ୭୦ ଲକ୍ଷ ସହ ସୁନା ଅଳଙ୍କାର ଲୁଟ୍ କରିଥିଲେ। ଘଟଣାରେ ପୂର୍ବରୁ ୭ ଜଣ ଆନ୍ତଜିଲ୍ଲା ଡକାୟତଙ୍କୁ ଗିରଫ କରାଯାଇଥିବା ବେଳେ ଆଜିର ଗିରଫଦାରୀ ପରେ ମୋଟ ସଂଖ୍ୟା ୯ରେ ପହଞ୍ଚିଛି। ପୂର୍ବରୁ ଗିରଫ ହୋଇଥିବା ୭ ଜଣ ଅଭିଯୁକ୍ତଙ୍କ ନିକଟରୁ ୨୧ ଲକ୍ଷରୁ ଅଧିକ ଟଙ୍କା ସହ ସୁନା ଅଳଙ୍କାର, ଡକାୟତିରେ ବ୍ୟବହୃତ ହୋଇଥିବା କାର ଓ ସ୍କୁଟିକୁ ଜବତ କରାଯାଇଛି।

## ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ରୁ କାଠ ଜବତ

### ଚୋରା ଚାଲାଣ ବେଳେ ଫାଟିଲା ଚକା



ମୋରଡ଼ା,୧୪।୩(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ଏକ କାଠ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ସେଥିରେ କାଠ ଚୋରା ଚାଲାଣ ହେଉଥିବା ଜଣାପଡ଼ିଛି। ସୂଚନାନୁଯାୟୀ,ରାଇରଙ୍ଗପୁର ବନାଞ୍ଚଳ ଅଞ୍ଚଳରୁ ଏକ ୧୨ଚକିଆ ଟ୍ରକ ଆକାଶିଆ ଓ ମୂଲ୍ୟବାନ ଶାଳଗଣ୍ଡି ବେଆଇନ ଭାବେ ଗତକାଲି ବିଳମ୍ବିତ ରାତିରେ ରାସଗୋବିନ୍ଦପୁର ରେଞ୍ଜ ଆଡ଼କୁ ଯାଉଥିବା ସମୟରେ ଉକ୍ତ ରେଞ୍ଜ ଅଧୀନ ବାରିପଦା-ଚିତ୍ରଡା-ଅମର୍ଦ୍ଦା ୬୧ ନମ୍ବର ରାଜ୍ୟ ରାଜପଥର ବାଘୁଆଶୋଳ ନିକଟରେ ଚକା ଫାଟିଯିବା ଫଳରେ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପରେ ଉକ୍ତ ଟ୍ରକ୍‌ରେ କାଠଗଣ୍ଡି ଥିବାର ସୂଚନା ପାଇ ଘଟଣାସ୍ଥଳରେ ଏସ୍‌ସିଏଫ ମେହେରବାନ ଅଲ୍ଲୀ, ରେଞ୍ଜର ଘନଶ୍ୟାମ ସିଂ, ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ପ୍ରମୁଖ ପହଞ୍ଚି ଟ୍ରକ୍ ଡ୍ରାଇଭର ଓ ହେଲପରଙ୍କୁ ଅଟକ ରଖିବା ସହ ଟ୍ରକ୍‌କୁ ଜବତ କରିଛନ୍ତି। ତେବେ ଉକ୍ତ ଟ୍ରକ୍‌କୁ କେବଳ ଆକାଶିଆ କାଠ ନେବା ସକାଶେ ଅନୁମତି ଥିବା ବେଳେ ସେଥିରେ ଶାଳଗଣ୍ଡି ବି ଚାଲାଣ ହେଉଥିଲା। ଜବତ କାଠର ମୂଲ୍ୟ ପାଖାପାଖି ୪ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

## ବନ୍ଧାହେଲେ ଜନସେବା କେନ୍ଦ୍ର ମାଲିକ

### ଲୋକ ଅଦାଲତ ନାଁରେ ଠକେଇ କରୁଥିଲେ

ସମ୍ବଲପୁର,୧୪।୩(ସଂଚାର ବ୍ୟୁରୋ): ଜାତୀୟ ଲୋକ ଅଦାଲତରେ ବିଭିନ୍ନ ସମସ୍ୟାର ସମାଧାନ କରିଦେବାକୁ କହି ଶତାଧିକ ଲୋକଙ୍କୁ ଠକିବା ଅଭିଯୋଗରେ ସମ୍ବଲପୁର ଟାଉନ ଥାନା ପୁଲିସ ଆଜି ଜଣେ ଜନସେବା କେନ୍ଦ୍ର ମାଲିକଙ୍କୁ ଗିରଫ କରିଛି। ସମ୍ବଲପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ



(ଡିଏଲ୍‌ଏସ୍‌ଏ)ର ଜଣେ ପିଏଲଭି ସରୋଜ ବାଗଙ୍କ ଲିଖିତ ଅଭିଯୋଗ ଭିତ୍ତିରେ ଟାଉନ ଥାନା କେସ୍ ନମ୍ବର ୯୦/୨୦୨୬ରେ ମାମଲା ରୁଜୁ କରି ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା। ସମ୍ବଲପୁର ମୁଦିପଡ଼ା ଆମ୍ବେଦକର ନଗର ଅଞ୍ଚଳର ଆୟୁବ ଖାନ (୩୨) ପୀରବାବା ଛକ ନିକଟରେ ‘ଆୟସା କମ୍ୟୁନିକେଶନ’ ଜନସେବା କେନ୍ଦ୍ର ଚଳାଉଥିଲେ। ଆଜି ଜାତୀୟ ଲୋକ ଅଦାଲତରେ ଲୋକଙ୍କ ସମସ୍ୟାର ସମାଧାନ କରିଦେବାକୁ ପ୍ରତିଶ୍ରୁତି ଦେଇ ସେ ଜଣ ପିଛା ୧୦୦ ଟଙ୍କା ଆଦାୟ କରୁଥିଲେ। ସମ୍ବଲପୁର ଚିଭିର ଶ୍ୟାମଳ ନାମକ ବ୍ୟକ୍ତି ଏହି ମିଥ୍ୟା ସୂଚନାକୁ ପ୍ରସାର କରିବା ଫଳରେ ଏହାକୁ ସତ ମାନି ପ୍ରାୟ ଶହେରୁ ଅଧିକ ଲୋକ ଠକାମିର ଶିକାର ହୋଇଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ଏକ ଲ୍ୟାପ୍‌ଟପ, ପ୍ରିଣ୍ଟର, ମୋବାଇଲ ସହ ୮୮ଟି ଆଧାର କାର୍ଡ ଓ ଡିଏଲଏସଏ ଫର୍ମ ଜବତ କରାଯାଇଛି।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ: ପ୍ରାପ୍ତବୟସ୍କା ଝିଅ କେଉଁଠି ବି ରହିପାରିବେ



କଟକ,୧୪।୩(ସଂଚାର ବ୍ୟୁରୋ): ଜଣେ ପ୍ରାପ୍ତବୟସ୍କ ବ୍ୟକ୍ତି ଯଦି ସ୍ୱାଧୀନ ଭାବେ ବଞ୍ଚି ରହିବାକୁ ନିଷ୍ପତ୍ତି ନିଅନ୍ତି, ତା’ହେଲେ ତାଙ୍କର ଏପରି ନିର୍ଣ୍ଣୟରେ କୌଣସି ବାଧା ନାହିଁ। ସେହିପରି ଝିଅଙ୍କୁ ଶ୍ୱଶୂର ଘରେ ବା ବାପା-ମା’ଙ୍କ ପାଖରେ ରହିବାକୁ ବାଧ୍ୟ କରିବା ଭଳି କୌଣସି ବ୍ୟବସ୍ଥା ଆଇନରେ ନାହିଁ ବୋଲି ଆଜି ହାଇକୋର୍ଟ କହିବା ସହ ଝିଅକୁ ଖୋଜି ବାହାର କରିବା ନେଇ ମା’ଙ୍କ ପକ୍ଷରୁ ଦାୟର ହୋଇଥିବା ହେଭିୟସ କର୍ପସ ପିଟିସନ୍‌କୁ ଖାରଜ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓ ଜଷ୍ଟିସ୍ ଏମଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ହାଇକୋର୍ଟ କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ଯେ ନିଜ ଜୀବନ ସଂକ୍ରାନ୍ତରେ ପ୍ରାପ୍ତବୟସ୍କା ଯୁବତୀ ନିଜେ ନିଷ୍ପତ୍ତି ନେଇପାରିବେ। ଯଦି ଜଣେ ପ୍ରାପ୍ତବୟସ୍କା ମହିଳା ସ୍ୱାଧୀନ ଭାବେ ବଞ୍ଚି ରହିବାକୁ ନିଷ୍ପତ୍ତି ନିଅନ୍ତି, ତା’ହେଲେ ଏପରି ନିର୍ଣ୍ଣୟରେ କେହି ବି ବାଧା ଦେଇପାରିବେ ନାହିଁ। ଆବେଦନ ଅନୁଯାୟୀ, ଆବେଦନାକାରୀଙ୍କ ବିବାହିତା ଝିଅ ନିଜ ଇଚ୍ଛାରେ ଶ୍ୱଶୂର ଘର ଛାଡ଼ି ଚାଲିଯିବା ସହ ଏକ ଦୂର ସ୍ଥାନରେ ରହିଆସୁଛନ୍ତି। ତାଙ୍କ ବୈବାହିକ ବିବାଦ ମାମଲା ସିଭିଲ କୋର୍ଟରେ ବିଚାରାଧୀନ ମଧ୍ୟ ରହିଛି। ଗତ ୨୦୨୪ରେ ସେ ଥାନାରେ ପହଞ୍ଚି ତାଙ୍କ ଶ୍ୱଶୁର ଘର ଓ ବାପା-ମା’ଙ୍କ ନିକଟରେ ରହିବାକୁ ଆଗ୍ରହୀ ନ ଥିବା କହିଥିଲେ। ଏବେ ସେ ଏକାକୀ ରହୁଛନ୍ତି ଓ ସ୍ୱାବଲମ୍ବୀ ବୋଲି ପୁଲିସକୁ ଜଣାଇଥିଲେ। ଏହା ସତ୍ତ୍ୱେ ଏକ ବର୍ଷରୁ ଅଧିକ ସମୟ ହେବ ପରିବାର ସଦସ୍ୟ ଯୁବତୀଙ୍କ ଖୋଜ ଖବର ପାଉ ନଥିବା ଓ ତାଙ୍କ ସ୍ଥିତି ନେଇ ଚିନ୍ତିତ ଥିବା ଦର୍ଶାଇ ମା’ ଏକ ହେଭିୟସ କର୍ପସ ପିଟିସନ ଦାଖଲ କରିଥିଲେ। ମାମଲାରେ ଯୁବତୀ ଜଣଙ୍କ ବେଆଇନ ଭାବେ ଅଟକ ନାହାନ୍ତି ବୋଲି ସ୍ପଷ୍ଟ ହୋଇଛି। ପ୍ରାପ୍ତବୟସ୍କା ହେବା ପରେ ସେ ସ୍ୱାଧୀନ ଭାବେ ବଞ୍ଚି ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଏଣୁ ତାଙ୍କୁ ଖୋଜି ବାହାର କରିବାକୁ ବା ଏ ସମ୍ପର୍କିତ ତଥ୍ୟ ପ୍ରମାଣ ପାଇବାକୁ ହେଭିୟସ କର୍ପସ ପିଟିସନକୁ ବ୍ୟବହାର କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଦର୍ଶାଇବା ସହ ମାମଲାକୁ ଖାରଜ କରିଦେଇଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

କ
SANCHAR
ସଂଚାର
ରବିବାର ୧୫ ମାର୍ଚ୍ଚ ୨୦୨୬
BUSINESS

# ଏପ୍ରିଲ ପହିଲାରୁ ବଦଳିବ ଆୟକର ନିୟମ

## ସିଧାସଳଖ ପକେଟ୍ ଉପରେ ପକାଇବ ବଡ଼ ପରିବର୍ତ୍ତନ




ନୂଆଦିଲ୍ଲୀ,୧୪।୩: ଚଳିତବର୍ଷ କେନ୍ଦ୍ରୀୟ ବଜେଟରେ ଆୟକର ଆଇନରେ ଅନେକ ସଂଶୋଧନ କରାଯାଇଥିଲା, ଯାହାର ଲକ୍ଷ୍ୟ ନିୟମକୁ ସରଳ କରିବା ଏବଂ କରଦାତାଙ୍କ ପାଇଁ ପ୍ରକ୍ରିୟାଗତ ବୋଝ ହ୍ରାସ କରିବା। ପ୍ରମୁଖ ପରିବର୍ତ୍ତନଗୁଡ଼ିକ ମଧ୍ୟରେ ଟିସିଏସ ହାର ହ୍ରାସ, ଏସଟିଟିରେ ବୃଦ୍ଧି ଏବଂ ସଂଶୋଧିତ ଆୟକର ରିଟର୍ଣ୍ଣ ଦାଖଲ କରିବାର ଶେଷ ତାରିଖ ବୃଦ୍ଧି ସାମିଲ ଅଛି। ସରକାର ଅଡିଟ ହୋଇ ନ ଥିବା କରଦାତାଙ୍କ ପାଇଁ ଆଇଟିଆର-୩ ଏବଂ ଆଇଟିଆର-୪ ଦାଖଲ କରିବାର ଶେଷ ତାରିଖ ମଧ୍ୟ ବୃଦ୍ଧି କରିଛନ୍ତି। ଏହା ସହିତ, ସରକାର ବିଦେଶୀ ସମ୍ପତ୍ତି ପ୍ରକାଶ କରିବା ପାଇଁ ଏକକାଳୀନ ସୁଯୋଗ ଭଳି ପଦକ୍ଷେପ ଘୋଷଣା କରିଛନ୍ତି। ଏହି ପରିବର୍ତ୍ତନଗୁଡ଼ିକ ୧ ଏପ୍ରିଲ, ୨୦୨୬ ରୁ କାର୍ଯ୍ୟକାରୀ ହେବ।

ନୂତନ ଆୟକର ଆଇନ, ୨୦୨୫ ୧ ଏପ୍ରିଲ, ୨୦୨୬ (ଆର୍ଥିକ ବର୍ଷ ୨୦୨୬-୨୭) ରୁ ସମସ୍ତ କରଦାତାଙ୍କ ପାଇଁ ଆନୁଷ୍ଠାନିକ ଭାବରେ ଲାଗୁ ହେବ। ଏହା ବିଦ୍ୟମାନ ଆୟକର ଆଇନ, ୧୯୬୧କୁ ବଦଳାଇବ। 2026-27 ଆର୍ଥିକ ବର୍ଷ ପାଇଁ ଆୟକର ସ୍ଲାବରେ କୌଣସି ପରିବର୍ତ୍ତନ ହୋଇନାହିଁ, ଏବଂ ବିଦ୍ୟମାନ ସ୍ଲାବଗୁଡ଼ିକ ଜାରି ରହିବ। ଏହି ପରିବର୍ତ୍ତନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ କାରଣ ୧୯୬୧ରୁ ଭାରତରେ ଆୟକର ଆଇନ ବଳବତ୍ତର ଅଛି। ସେବେଠାରୁ ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା ଏବଂ ଶ୍ରମ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି।

ବଜେଟ ୨୦୨୬ ମଧ୍ୟ ଅଡିଟ ଅଧୀନରେ ନଥିବା କରଦାତାଙ୍କ ପାଇଁ ଆଇଟିଆର-୩ ଏବଂ ଆଇଟିଆର-୪ ଫାଇଲିଂର ଶେଷ ତାରିଖ ବୃଦ୍ଧି କରିଥିଲା। ସେମାନେ ବର୍ତ୍ତମାନ ସମ୍ପୃକ୍ତ ଟିକସ ବର୍ଷ ଶେଷ ହେବା ପରେ, ଅଗଷ୍ଟ ୩୧ ସୁଦ୍ଧା ସେମାନଙ୍କର ରିଟର୍ଣ୍ଣ ଫାଇଲ କରିପାରିବେ। ଏହି ନୂତନ ସମୟ ସୀମା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ। ଆଇଟିଆର-୧ ଏବଂ ଆଇଟିଆର-୨ ଫାଇଲିଂର ଶେଷ ତାରିଖରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହି ତାରିଖ ପୂର୍ବ ପରି ରହିବ: ଜୁଲାଇ ୩୧, ଯାହା ସମ୍ପୃକ୍ତ ଟିକସ ବର୍ଷ ଶେଷ ହେବା ପରେ ପଡ଼େ। ଟିକସ ଅଡିଟ ପାଇଁ ଶେଷ ତାରିଖ ମଧ୍ୟ ସମାନ ରହିବ: ଅକ୍ଟୋବର ୩୧।

ସଂଶୋଧିତ ରିଟର୍ଣ୍ଣ ଦାଖଲ କରିବାର ଶେଷ ତାରିଖ ଡିସେମ୍ବର ୩୧ ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯଦି ଜଣେ କରଦାତା ଡିସେମ୍ବର ୩୧ ପରେ ସଂଶୋଧିତ ରିଟର୍ଣ୍ଣ ଫାଇଲ କରନ୍ତି, ତେବେ ସେମାନଙ୍କୁ ଅତିରିକ୍ତ ଶୁଳ୍କ ଦେବାକୁ ପଡିବ। ବିଳମ୍ବିତ ରିଟର୍ଣ୍ଣ ଫାଇଲ କରିବାର ଶେଷ ତାରିଖରେ କୌଣସି ପରିବର୍ତ୍ତନ ହୋଇନାହିଁ।

ପୂର୍ବ ବଜେଟ ପରି, ବଜେଟ ୨୦୨୬ ଅନୁପାଳନକୁ ସରଳ କରିବା, ରିଫଣ୍ଡ ବିଳମ୍ବ ହ୍ରାସ କରିବା ଏବଂ କରଦାତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଟିସିଏସ ହାରକୁ ଯୁକ୍ତିଯୁକ୍ତ କରିଥିଲା। ଭାରତୀୟ ଷ୍ଟକ ବଜାରରେ ଫ୍ୟୁଚର୍ସ ଏବଂ ବିକଳ୍ପ (ଏଫଆଣ୍ଡଓ)ରେ ବ୍ୟବସାୟ କରୁଥିବା ଲୋକଙ୍କ ପାଇଁ ଏକ ବଡ଼ ଝଟକା ସ୍ୱରୂପ, କେନ୍ଦ୍ର ବଜେଟ ଇକ୍ୱିଟି ଡେରିଭେଟିଭ୍ସ ସେଗମେଣ୍ଟ ପାଇଁ ସୁରକ୍ଷା କାରବାର ଟିକସ ବୃଦ୍ଧି ଘୋଷଣା କରିଛି। ଘୋଷଣା ଅନୁଯାୟୀ, ଫ୍ୟୁଚର୍ସ ଉପରେ ଏସଟିଟି ୦.୦୨%ରୁ ୦.୦୫%କୁ ବୃଦ୍ଧି କରାଯିବ ଏବଂ ବିକଳ୍ପ କାରବାର ଉପରେ ଏସଟିଟି ୦.୧%ରୁ ୦.୧୫%କୁ ବୃଦ୍ଧି କରାଯିବ। ଏହି ପରିବର୍ତ୍ତନଗୁଡ଼ିକ ଏପ୍ରିଲ ୨୦୨୬ ରୁ ମଧ୍ୟ କାର୍ଯ୍ୟକାରୀ ହେବ। ସିକ୍ୟୁରିଟିଜ ଟ୍ରାଞ୍ଜାକ୍ସନ ଟ୍ୟାକ୍ସ ହେଉଛି ସରକାର ଦ୍ୱାରା ସ୍ୱୀକୃତିପ୍ରାପ୍ତ ଷ୍ଟକ ଏକ୍ସଚେଞ୍ଜରେ ସିକ୍ୟୁରିଟିଜ (ଯେପରିକି ଇକ୍ୱିଟି ଶେୟାର, ଫ୍ୟୁଚର୍ସ ଏବଂ ବିକଳ୍ପ)ର ପ୍ରତ୍ୟେକ କ୍ରୟ ଏବଂ ବିକ୍ରୟ ଉପରେ ଲାଗୁ ହେଉଥିବା ଏକ ପ୍ରତ୍ୟକ୍ଷ ଟିକସ।

କେନ୍ଦ୍ରୀୟ ବଜେଟ ୨୦୨୬ ଅନୁଯାୟୀ, ଏପ୍ରିଲ ୨୦୨୬ରୁ, କରଦାତାମାନେ ଆଉ ଡିଭିଡେଣ୍ଡ ଆୟ କିମ୍ବା ମ୍ୟୁଚୁଆଲ ଫଣ୍ଡ ୟୁନିଟରୁ ଆୟ ଅର୍ଜନ କରିବା ପାଇଁ ହୋଇଥିବା ସୁଧ ଖର୍ଚ୍ଚ ହ୍ରାସ କରିପାରିବେ ନାହିଁ। ଏପରି ସୁଧ ଖର୍ଚ୍ଚ ପାଇଁ ପୂର୍ବ କଟକଣାକୁ ହଟାଇ ଦିଆଯାଇଛି; ଏହାର ଅର୍ଥ ହେଉଛି ଲାଭାଂଶ ଆୟ ଉପରେ ପୂର୍ବରୁ ଥିବା ୨୦% ସୁଧ କଟାଇବା ସୀମାକୁ ବାଦ ଦେଇ ପ୍ରଯୁଜ୍ୟ ସ୍ଲାବ ହାରରେ ସମ୍ପୂର୍ଣ୍ଣ ଟିକସ ଲାଗୁ ହେବ।



୨୨୮ କୋଟିଟଙ୍କା ବ୍ୟାଙ୍କ ଠକେଇ ମାମଲାରେ ହେଲା ପଚରା ଉଚରା

# ସିବିଆଇ ଜାଲରେ ଅନିଲ ଅମ୍ବାନୀଙ୍କ ପୁଅ



ମୁମ୍ବାଇ ୧୪।୩: କେନ୍ଦ୍ରୀୟ ଅନ୍ୱେଷଣ ବ୍ୟୁରୋ (ସିବିଆଇ) ୨୨୮ କୋଟି ଟଙ୍କା ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଋଣ ଠକେଇ ମାମଲାରେ ଉଦ୍ୟୋଗପତି ଅନିଲ ଅମ୍ବାନୀଙ୍କ ପୁଅ ଜୟ ଅନମୋଲ ଅମ୍ବାନୀଙ୍କୁ ପଚରା ଉଚରା କରିଛି। ଅଧିକାରୀଙ୍କ ସୂତ୍ରରୁ ଏହି ସୂଚନା ମିଳିଛି। ଅଧିକାରୀଙ୍କ ଅନୁସାରେ ଜୟ ଅମ୍ବାନୀଙ୍କୁ ଶନିବାର ମଧ୍ୟ ପଚରା ଉଚରା ପାଇଁ ଡକା ଯାଇଛି। ଏଜେନ୍ସୀ କଥିତ ବ୍ୟାଙ୍କ ଠକେଇ ମାମଲାରେ ତାଙ୍କୁ ପଚରା ଉଚରା କରିଛି। ରିଲାଏନ୍ସ ହାଉସିଂ ଫାଇନାନ୍ସ ଲିମିଟେଡର ପୂର୍ବ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ (ସିଇଓ) ହୋଇଥିବାରୁ ତାଙ୍କୁ ପଚରା ଉଚରା କରାଯାଇଛି। ଏହି ବ୍ୟାଙ୍କ ଠକେଇ ମାମଲାରେ ଜୟଙ୍କ ସହ ପୂର୍ବତନ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଥିବା ରବିନ୍ଦ୍ର ସୁଧାକରଙ୍କ ସମେତ ଅନ୍ୟଙ୍କ ବିରୋଧରେ ମକଦ୍ଦମା ରୁଜୁ ହୋଇଛି। ତେବେ ଏହି ପଚରା ଉଚରା ନେଇ କମ୍ପାନୀ ପକ୍ଷରୁ ତତ୍କାଳ କୌଣସି ସୂଚନା ଦିଆଯାଇ ନାହିଁ। ଗତ ୯ ଡିସେମ୍ବର ୨୦୨୫ରେ ସିବିଆଇ ଜୟ ଅନମୋଲ ଅମ୍ବାନୀ ଓ ଅନ୍ୟମାନଙ୍କ ବିରୋଧରେ ଏଫଆଇଆର ରୁଜୁ କରିଥିଲା। ସିବିଆଇ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ (ପୂର୍ବର ଆନ୍ଧ୍ରବ୍ୟାଙ୍କ)ର ଏକ ଅଭିଯୋଗ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ କରିଛି। ଏଥିରେ ବ୍ୟାଙ୍କ ପକ୍ଷରୁ କମ୍ପାନୀ ନେଇଥିବା ଋଣ ପୈଠ କରିନଥିବା ଓ ଏଥି ଯୋଗୁ ଖାତା ନନପରଫର୍ମିଂ ଆସେଟ (ଏନପିଏ) ରେରୂପାନ୍ତରିତ ହୋଇଥିବାର କୁହାଯାଇଥିଲା।




# ଇଣ୍ଡିଗୋ-ଏୟାର ଇଣ୍ଡିଆ ପରେ ବଡ଼ ନିଷ୍ପତ୍ତି ନେଲା ଅକାସା ଏୟାର

ନୂଆଦିଲ୍ଲୀ, ୧୪।୩: ମଧ୍ୟପ୍ରାଚ୍ୟରେ ଜାରି ଯୁଦ୍ଧ ପ୍ରଭାବ ବିମାନ ଯାତ୍ରା ଉପରେ ପଡ଼ିଛି । ଇନ୍ଧନ ମୂଲ୍ୟ ବୃଦ୍ଧି ପାଇଥିବାରୁ, ବିମାନ କମ୍ପାନୀ ଏହି ଟଙ୍କା ଏବେ ଯାତ୍ରୀଙ୍କ ଠାରୁ ଆଦାୟ କରିବାକୁ ଯାଉଛନ୍ତି । ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ପରେ ଅକାସା ଏୟାର ମଧ୍ୟ ବିମାନ ଭଡ଼ା ବୃଦ୍ଧି କରିଛି । ବର୍ଦ୍ଧିତ ଇନ୍ଧନ ମୂଲ୍ୟର ବୋଝ ଯାତ୍ରୀମାନଙ୍କ ଉପରେ ଲଦିବାକୁ ନିଷ୍ପତ୍ତି ନେଇ ଅକାସା ଏୟାର । ବିମାନ କମ୍ପାନୀ ମାର୍ଚ୍ଚ ୧୫ ତାରିଖରୁ ଟିକେଟ ବୁକିଂ ଉପରେ ୧୩୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଇନ୍ଧନ ସରଚାର୍ଜ ଆଦାୟ କରିବ। ଅକାସା ଏୟାରର ମୁଖପାତ୍ରଙ୍କ ଦ୍ୱାରା ଜାରି ଏକ ବିବୃତ୍ତି ଅନୁଯାୟୀ, ଇନ୍ଧନ ମୂଲ୍ୟରେ ଉଲ୍ଲେଖନୀୟ ବୃଦ୍ଧି ଯୋଗୁଁ ଏହି ପଦକ୍ଷେପ ଜରୁରୀ ହୋଇପଡ଼ିଛି। ୧୫ ମାର୍ଚ୍ଚ, ୨୦୨୬ ରାତି ୧୨ ପରେ ହୋଇଥିବା ସମସ୍ତ ବୁକିଂ ପାଇଁ ନୂତନ ଶୁଳ୍କ ଲାଗୁ ହେବ। ଯଦି ଆପଣ ୧୫ ମାର୍ଚ୍ଚ ପୂର୍ବରୁ ଆପଣଙ୍କର ଟିକେଟ୍ ବୁକ୍ କରିଛନ୍ତି, ତେବେ ଆପଣଙ୍କୁ ଏହି ଅତିରିକ୍ତ ଶୁଳ୍କ ଦେବାକୁ ପଡ଼ିବ ନାହିଁ। ନୂତନ ଚାର୍ଜ ଉଡ଼ାଣ ଦୂରତା ଏବଂ ଅବଧି ଉପରେ ଆଧାରିତ। ଏହା ଘରୋଇ ଏବଂ ଆନ୍ତର୍ଜାତୀୟ ଉଭୟ ରୁଟ୍ ପାଇଁ ପ୍ରଯୁଜ୍ୟ ହେବ। ସର୍ବନିମ୍ନ ଶୁଳ୍କ: ୧୯୯ ଟଙ୍କା। ସର୍ବାଧିକ ଫି: ୧୩୦୦ ଟଙ୍କା। ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ)ର ମୂଲ୍ୟ ବୃଦ୍ଧି ପାଇଛି ବୋଲି ବିମାନ କମ୍ପାନୀ ପକ୍ଷରୁ କୁହାଯାଇଛି। ଫଳସ୍ୱରୂପ, କମ୍ପାନୀ ୧୯୯ ଟଙ୍କାରୁ ଆରମ୍ଭ କରି ୧୩୦୦ ଟଙ୍କା ପର୍ଯ୍ୟନ୍ତ ଇନ୍ଧନ ସରଚାର୍ଜ ଲାଗୁ କରିବାକୁ ବାଧ୍ୟ ହୋଇଛି। ଉଡ଼ାଣ ଯେତେ ଲମ୍ବା ହେବ, ଯାତ୍ରୀଙ୍କୁ ସେତେ ଅଧିକ ସରଚାର୍ଜ ଦେବାକୁ ପଡିବ। ଉଦାହରଣ ସ୍ୱରୂପ, ଦିଲ୍ଲୀରୁ ଚଣ୍ଡିଗଡ଼ ଭଳି ଛୋଟ ରୁଟ୍ ତୁଳନାରେ ମୁମ୍ବାଇରୁ ସିଙ୍ଗାପୁର କିମ୍ବା ଦିଲ୍ଲୀରୁ କେରଳ ଭଳି ଲମ୍ବା ରୁଟରେ ସରଚାର୍ଜ ଅଧିକ ହେବ। ଭଡ଼ା ସହ ଯାତ୍ରୀ ଇନ୍ଧନ ସରଚାର୍ଜ ଦେବେ । ମଧ୍ୟପ୍ରାଚ୍ୟରେ ସ୍ଥିତି ସ୍ୱାଭାବିକ ହେବା ପରେ ଏହି ଅତିରିକ୍ତ ଚାର୍ଜ ଆଉ ଲାଗିନପାରେ।

**ଯୁଦ୍ଧର ପ୍ରଭାବ**

# ସିଲିଣ୍ଡରର ବିକଳ୍ପ ହେବ କିରୋସିନ

ଭୁବନେଶ୍ୱର,୧୪।୩: ବର୍ତ୍ତମାନ ସାରା ଦେଶରେ ଗ୍ୟାସ ସିଲିଣ୍ଡରକୁ ନେଇ ହଇଚଇ ସୃଷ୍ଟି ହୋଇଛି। ଆମେରିକା, ଇସ୍ରାଏଲ ଏବଂ ଇରାନ ସହିତ ସଂଘର୍ଷ ଭାରତୀୟ ରୋଷେଇ ଘରର ବଜେଟକୁ ବାଧା ଦେଇଛି। ପରିସ୍ଥିତି ଏପରି ହୋଇଛି ଯେ ସକାଳ ହେବାରୁ ଗ୍ୟାସ ଏଜେନ୍ସି ବାହାରେ ଲମ୍ବା ଧାଡ଼ି ଲାଗିଛି ଏବଂ ସିଲିଣ୍ଡରର କଳାବଜାରୀର ରିପୋର୍ଟ ମଧ୍ୟ ସାମ୍ନାକୁ ଆସୁଛି। ଏହା ମଧ୍ୟରେ, ଲୋକମାନେ "ମିଟି କା ତେଲ" (କିରୋସିନ) ମନେ ପକାଇବା ଆରମ୍ଭ କରିଛନ୍ତି। ଏହା ସୋସିଆଲ ମିଡିଆରେ ଆଲୋଚନା ହେଉଛି, ଏବଂ ଅନେକ ଲୋକ ଏହାର ବର୍ତ୍ତମାନର ମୂଲ୍ୟ ଅନଲାଇନରେ ଖୋଜୁଛନ୍ତି। ତେବେ ଆସନ୍ତୁ ଜାଣିବା ଆପଣଙ୍କ ସହରରେ କିରୋସିନର ଦାମ୍ କେତେ ରହିଛି।

ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ସଂସଦକୁ ସୂଚନା ଦେଇଛନ୍ତି ଯେ ଗ୍ୟାସ ସିଲିଣ୍ଡର ଯୋଗାଣକୁ ଭଲ ଭାବରେ ପରିଚାଳନା କରିବା ପାଇଁ ବୁକିଂ ନିୟମାବଳୀ ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ, ଗ୍ରାମାଞ୍ଚଳରେ ସିଲିଣ୍ଡର ପାଇବା ପରେ, ଆପଣ କେବଳ ୪୫ ଦିନର ଅପେକ୍ଷା ପରେ ଆପଣଙ୍କର ପରବର୍ତ୍ତୀ ସିଲିଣ୍ଡର ବୁକ କରିପାରିବେ।

ଗ୍ୟାସ ଅଭାବ ମଧ୍ୟରେ, କିଛି ସୋସିଆଲ ମିଡିଆ ବ୍ୟବହାରକାରୀ "ନୀଳ ତେଲ"- ଅର୍ଥାତ କିରୋସିନ- ଏବଂ ଅନ୍ୟାନ୍ୟ ପୁରୁଣା ବିକଳ୍ପ ବିଷୟରେ ଆଲୋଚନା କରୁଛନ୍ତି। ତଥାପି, ବର୍ତ୍ତମାନ ଅନେକ ରାଜ୍ୟ ଅଛି ଯେଉଁଠାରେ ଏହି ଇନ୍ଧନ ଆଉ ଉପଲବ୍ଧ ନାହିଁ। ଗତ କିଛି ବର୍ଷ ମଧ୍ୟରେ, 'ଉଜ୍ଜ୍ୱଳା ଯୋଜନା' ଅଧୀନରେ, ସରକାର ସାରା ଦେଶରେ ପରିବାରକୁ ସଫଳତାର ସହ ଗ୍ୟାସ ସଂଯୋଗ ଯୋଗାଇ ଦେଇଛନ୍ତି, ଯାହା ଫଳରେ କିରୋସିନ ବ୍ୟବହାରରେ ୭୭% ହ୍ରାସ ହ୍ରାସ ପାଇଛି। 'ଡିଜିଟାଲ ସଂସଦ' (ଡିଜିଟାଲ ସଂସଦ) ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ତଥ୍ୟକୁ କଭର କରି, ଦେଶର ୨୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଏବେ ସମ୍ପୂର୍ଣ୍ଣ "କିରୋସିନ-ମୁକ୍ତ" ହୋଇଯାଇଛି। ଏହାର ଅର୍ଥ ହେଉଛି ଏହି ଅଞ୍ଚଳଗୁଡ଼ିକରେ ରାଶନ ଦୋକାନଗୁଡ଼ିକରେ ସରକାରୀ ସବସିଡିଯୁକ୍ତ କିରୋସିନ ଆଉ ଉପଲବ୍ଧ ନାହିଁ।

ସରକାରୀ ତଥ୍ୟ ଅନୁସାରେ, ଉତ୍ତର ପ୍ରଦେଶ, ବିହାର, ରାଜସ୍ଥାନ, ହରିୟାଣା, ପଞ୍ଜାବ, ଦିଲ୍ଲୀ, ଗୋଆ, ଗୁଜରାଟ, ହିମାଚଳ ପ୍ରଦେଶ, ଜମ୍ମୁ ଏବଂ କଶ୍ମୀର, ଲଦାଖ, ଲକ୍ଷଦ୍ୱୀପ, ମଧ୍ୟ ପ୍ରଦେଶ, ନାଗାଲାଣ୍ଡ, ପୁଡୁଚେରୀ, ତେଲେଙ୍ଗାନା, ଉତ୍ତରାଖଣ୍ଡ, ଆନ୍ଧ୍ର ପ୍ରଦେଶ ଏବଂ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ଭଳି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ କିରୋସିନ ମୁକ୍ତ ହୋଇଯାଇଛି। ଏହି ଅଞ୍ଚଳଗୁଡ଼ିକରେ ସବସିଡିଯୁକ୍ତ କିରୋସିନର ଯୋଗାଣ ବନ୍ଦ ହୋଇଯାଇଛି। ଏହାର ଏକ ନିର୍ଦ୍ଦିଷ୍ଟ କୋଟା କେବଳ ନିର୍ଦ୍ଦିଷ୍ଟ ପରିସ୍ଥିତି କିମ୍ବା ଜରୁରୀକାଳୀନ ପରିସ୍ଥିତି ପାଇଁ ରାଜ୍ୟଗୁଡ଼ିକୁ ଆବଣ୍ଟିତ କରାଯାଏ।

ଆଜି ଚେନ୍ନାଇରେ କିରୋସିନି ପ୍ରତି ଲିଟର ପିଛା ୧୫ ଟଙ୍କା ଥିବା ବେଳେ ମୁମ୍ବାଇରେ ପ୍ରତି ଲିଟରକୁ ୬୧.୨୦ ଟଙ୍କାରେ ବିକ୍ରି ହେଉଛି । ସେହିଭଳି କୋଲକାତାରେ ଲିଟର ପିଛା କିରୋସିନି ରେଟ ୬୪.୨୦ ଟଙ୍କା ଥିବା ବେଳେ ଦିଲ୍ଲୀରେ କିରୋସିନ ଫ୍ରି ଅର୍ଥାତ ସବସିଡି ଯୁକ୍ତ ତେଲ ନାହିଁ। ସେହିଭଳି ଆଜି ଭୁବନେଶ୍ୱରରେ ପ୍ରତି ଲିଟର ପିଛା କିରୋସିନି ୯୨.୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ୫ ଲିଟର ଡବାର ଦାମ ୪୬୨.୫୦ ଟଙ୍କା ରହିଛି ଓ ୧୦ ଲିଟର ଡବା ୯୨୫.୦୦ ଟଙ୍କାରେ କାରବାର କରୁଛି ।ସେହିଭଳି ଆଜି ଭୁବନେଶ୍ୱରରେ ପ୍ରତି ଲିଟର ପିଛା କିରୋସିନି ୯୨.୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ୫ ଲିଟର ଡବାର ଦାମ ୪୬୨.୫୦ ଟଙ୍କା ରହିଛି ଓ ୧୦ ଲିଟର ଡବା ୯୨୫.୦୦ ଟଙ୍କାରେ କାରବାର କରୁଛି ।

ଉପରୋକ୍ତ ଦରଗୁଡ଼ିକ କେବଳ ସରକାରୀ ରାସନ ଦୋକାନରେ ସବସିଡି (ରିହାତି)ମୂଲ୍ୟରେ ମିଳୁଥିବା କିରୋସିନି ପାଇଁ ପ୍ରଯୁଜ୍ୟ। ଜଣେ ଗ୍ରାହକ ମାସକୁ ସର୍ବାଧିକ ୫ ଲିଟର ସବସିଡି କିରୋସିନି ପାଇବାକୁ ହକଦାର। ବଜାରରେ ଖୋଲା ବିକ୍ରି ହେଉଥିବା ଅଣ-ସବସିଡି (ନନ୍-ସବସିଡାଇଜ୍ଡ) କିରୋସିନିର ମୂଲ୍ୟ ଏହାଠାରୁ ଅଧିକ (ପ୍ରାୟ ୧୦୦-୧୧୦ ଟଙ୍କା ପ୍ରତି ଲିଟର) ହୋଇପାରେ।





# ଆଜିର ସୁନା ଦର

ସୁନା ଓ ରୁପା ଦରରେ ନିଆଁ ଗୋଟିଏ ଦିନରେ ୧୦,୦୦୦ ଟଙ୍କାରୁ ଅଧିକ ବଢ଼ିଲା। ମଧ୍ୟପ୍ରାଚ୍ୟରେ ବଢୁଥିବା ଯୁଦ୍ଧ ଓ ଉତ୍ତେଜନା ଯୋଗୁଁ ଭାରତୀୟ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି। ଆଜି ସକାଳେ ସୁନା ଦରରେ ଏକ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ଯାହା ସାଧାରଣ ଗ୍ରାହକଙ୍କୁ ବଡ଼ ଝଟକା ଦେଇଛି। ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୧ ଲକ୍ଷ ୭୩ ହଜାର ୯୦ ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ତୁଳନାରେ ଏହା ପ୍ରାୟ ୧୦,୬୦୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ଦର ବଢ଼ି ୧ ଲକ୍ଷ ୫୯ ହଜାର ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମଧ ସୁନାକୁ ତାଳ ଦେଇ ବଢ଼ିଛି। କିଲୋଗ୍ରାମ ପିଛା ପ୍ରାୟ ୨ ହଜାର ୯୪ ହଜାର ୯୦୦ ଟଙ୍କାରେ ପହଞ୍ଚିଛି। ଗୋଟିଏ ଦିନରେ ରୁପା ଦର ପ୍ରାୟ ୧୨,୭୬୦ ଟଙ୍କା ବଢ଼ିଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧରେ ଚାଲିଥିବା ସଂଘର୍ଷ ଯୋଗୁଁ ନିବେଶକମାନେ ସୁନାକୁ ସବୁଠାରୁ ସୁରକ୍ଷିତ ମନେକରୁଛନ୍ତି। ସେହିପରି ଟଙ୍କାର ମୂଲ୍ୟ ହ୍ରାସ ଘଟିବାରୁ ସୁନା ଦର ବଢ଼ିଛି। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିଥିବାରୁ ଦେଶରେ ସୁନା ଦର ବୃଦ୍ଧି ପାଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

# ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବାର ଅନ୍ତିମ ପର୍ଯ୍ୟାୟରେ ୧୦୮୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



**ନବରଙ୍ଗପୁର,୧୪।୩ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟ ଠାରେ ଗତ ୧୦.୩.୨୦୨୬ ରୁ ଆରମ୍ଭ ହୋଇଥିବା ଚାରି ଦିନିଆ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ସମାପ୍ତ ହୋଇଯାଇଛି।ଏହି ଯୋଜନାରେ ଆଜି ପର୍ଯ୍ୟନ୍ତ ଜିଲ୍ଲାର ୧୦୮୨ ଜଣ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଗ୍ୟାଷ୍ଟ୍ରୋ ଏନଟ୍ରୋଲୋଜି ରେ ୨୨୫, ଜେନେରାଲ ସର୍ଜରୀ ରେ ୧୨୮,କାଡିଓଲୋଜି ରେ ୧୭୩,ୟୁ ରେ ୮୭, ନ୍ୟୁରୋଲୋଜି ରେ ୩୫୭, ନେଫ୍ରୋଲୋଜି ରେ ୧୪୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସୁବାସ ଚନ୍ଦ୍ର ବୋଷ ମେଡିକାଲ କଲେଜ, କଟକ ରୁ ଆସିଥିବା ବିଶେଷଜ୍ଞ ଡାକ୍ତର ଙ୍କ ଦ୍ୱାରା କରାଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ୧୯୯ ଜଣଙ୍କ ଅଲଟ୍ରାସାଉଣ୍ଡ,୫୩ ଜଣଙ୍କ ଇକୋ,୨୩ ଜଣଙ୍କ ଏଣ୍ଡୋସ୍କୋପି,୬୩ ଜଣଙ୍କ ଏକ୍ସ ରେ,୩୧୮ ଜଣଙ୍କ ଲାବଟେଷ୍ଟ,୧୦୫ ଜଣଙ୍କ ଇ ସି ଜି,୪୪ ଜଣଙ୍କ ସିଟି ସ୍କାନ କରାଯାଇଥିଲା।ମୋଟ ୭ ଜଣ ରୋଗୀଙ୍କ ଅସ୍ତ୍ରୋପଚାର କରାଯାଇଛି।ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଓ ଚିକିତ୍ସା ସେବା ଦ୍ୱାରା ରୋଗୀମାନେ ଉପକୃତ ହେବେ ଓ ଶୀଘ୍ର ଉପଶମ ଲାଭ କରିବେ ବୋଲି ଆଶା କରାଯାଇଛି।

# ଅବହେଳିତ ରାସ୍ତା ହଜାଇଲାଣି ଲୋକଙ୍କ ନିଦ

**ବୈଶିଙ୍ଗା,୧୪।୩ (ସଂଚାର ବ୍ୟୁରୋ):** କେନ୍ଦ୍ର ବା ରାଜ୍ୟ ସରକାର ସାଧାରଣ ଲୋକଙ୍କ ସୁବିଧା ପାଇଁ ରାସ୍ତା ତିଆରି କରୁଛନ୍ତି ସତ ମାତ୍ର ତାର କାର୍ଯ୍ୟର ଅବଧି ତଥା କାର୍ଯ୍ୟର ମାନ ତଦାରଖ ରେ ଅହେତୁକ ଅନୁକମ୍ପା ଯୋଗୁଁ ରାସ୍ତା ପାର୍ଶ୍ୱବର୍ତ୍ତୀ ଲୋକଙ୍କ ପାଇଁ ଯମଯନ୍ତ୍ରଣା ପାଲଟିଛି। ଏହାର ଉଦାହରଣ ସ୍ୱରୂପ ବୈଶିଙ୍ଗା-ମାଣତ୍ରୀ ଆର୍‌ଡି ରାସ୍ତା। ଏହି ରାସ୍ତା ଲୋକଙ୍କ ନିଦ ହଜାଇ ଦେଇ ସାରିଲାଣି।

ଏହି ରାସ୍ତା ରାଜ୍ୟ ସରକାରଙ୍କ ରାଜ୍ୟ ରାଜପଥର ମାନ୍ୟତା ପାଇଛି। ଠାକୁରମୁଣ୍ଡାରୁ ଉଦଳା-ବୈଶିଙ୍ଗା -ବରହମପୁର ଠାରେ ୬୦ ନଂ ଜାତୀୟ ରାଜପଥରେ ସଂଯୋଗ ହେବା ପାଇଁ ଚାରି ବର୍ଷ ପୂର୍ବରୁ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ବର୍ତ୍ତମାନ ସୁଦ୍ଧା ଅଧା କାର୍ଯ୍ୟ ସଂପୂର୍ଣ୍ଣ ହୋଇ ନାହିଁ। ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି କାର୍ଯ୍ୟର ଅବଧି ବଢ଼ି ବଢ଼ି ଯିବା ସହିତ ବଜେଟ୍ ମଧ ବଢ଼ି ବଢ଼ି ଚାଲୁଥିବାରୁ କାର୍ଯ୍ୟ ସାରିବାକୁ ଠିକାଦାର ଇଚ୍ଛା ପ୍ରକାଶ କରୁଥିବା ଅଭିଯୋଗ ଶୁଣିବାକୁ ମିଳୁଛି । ପାଦଚଲା ଲୋକଙ୍କ ଠାରୁ ସାଇକେଲ, ବାଇକ୍ ,କାର, ସମେତ ବସ ଟ୍ରକ୍ ସମସ୍ତଙ୍କ ପାଇଁ ଦୁଃଖ ଆଣିଦେଇଛି । ତା ସାଙ୍ଗକୁ ରାସ୍ତାର ଉଭୟ ପାର୍ଶ୍ୱରେ ଘର କରିଥିବା ଲୋକଙ୍କ ଦୁର୍ଦ୍ଦଶା ଦୁଇ ଗୁଣ ବଢ଼ି ଯାଇଛି । ବର୍ଷା ଛାଡି ଯିବା ପରେ ରାସ୍ତାର ଧୂଳି ସମସ୍ତଙ୍କୁ କଷ୍ଟ ଦେଉଛି ।

ବାରମ୍ବାର ଅଭିଯୋଗ କରିବା ପରେ ମଧ ନା ଠିକାଦାର ନା ପ୍ରଶାସନ କେହି କର୍ଣ୍ଣପାତ କରୁନଥିବା ଜଣାଯାଇଛି । ଏଥି ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ଚାଲିଥିଲେ ମଧ କୌଣସି ସ୍ଥାନରେ କିଛି ନୀତି ନିୟମରେ କାର୍ଯ୍ୟ ହେଉନଥିବାର ଅଭିଯୋଗ ହେଉଛି। ରାସ୍ତା ମଝିରେ ଉତ୍ତରପାଳ - ବିଜିପୁର ନିକଟରେ ନିର୍ମାଣାଧିନ ପୋଲଟି ୪ ବର୍ଷ ମଧରେ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ପାରୁନାହିଁ । ଠିକାଦାରଙ୍କ ଏଭଳି ମନଇଚ୍ଛା କାର୍ଯ୍ୟ ପାଇଁ ପ୍ରଶାସନ ନୀରବ ରହିବା ଘଟଣା ଉଭୟଙ୍କ ମଧରେ ମଧୁଚନ୍ଦ୍ରିକା ଚାଲି ଥିବାର ଅଭିଯୋଗ ହେଉଛି । ତୁରନ୍ତ ଏହାର ସମାଧାନ ପାଇଁ ସାଧାରଣରେ ଦାବୀ ହେଉଛି ।



# ଜଙ୍ଗଲ ନିଆଁରେ ପରିବେଶ ଧୂଆଁମୟ, ଲୋକେ ହନ୍ତସନ୍ତ



**କନ୍ଧମାଳ,୧୪।୩ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏବେ ଜଙ୍ଗଲ ନିଆଁ ଲାଗିବା ଘଟଣା ବଢ଼ିବାରୁ ସାରା ପରିବେଶ ଧୂଆଁରେ ଆବୃତ ହୋଇପଡ଼ିଛି। ଜଙ୍ଗଲ ଜଳିବାରୁ ଅଞ୍ଚଳରେ ବାୟୁ ପ୍ରଦୂଷଣ ବଢ଼ି ଯାଇଥିବାରୁ ସାଧାରଣ ଲୋକମାନଙ୍କୁ ଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେଉଥିବା ଦେଖାଯାଉଛି। ଧୂଆଁର ପ୍ରଭାବରେ କିଛି ସ୍ଥାନରେ ରାସ୍ତା ଦୃଶ୍ୟମାନ ନ ହେବାରୁ ଯାନବାହନ ଚଳାଚଳ ମଧ ବ୍ୟାହତ ହେଉଥିବା ସୂଚନା ମିଳିଛି। ଏହା ଫଳରେ ସ୍ଥାନୀୟ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ଏପରି ସମୟରେ ବନବିଭାଗ କର୍ମଚାରୀ ଓ କିଛି ସମାଜସେବୀ ଏବଂ ସ୍ଥାନୀୟ ଯୁବକମାନେ ନିଜ ଉଦ୍ୟମରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା କରୁଥିବା ବେଳେ ବନ ବିଭାଗ ପକ୍ଷରୁ ପୂର୍ବରୁ ପ୍ରୟାପ୍ତ ସଚେତନତା କାର୍ଯ୍ୟକ୍ରମ ଓ କିଛି ପଦକ୍ଷେପ ନ ହେବା ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି। ତେଣୁ ପରିବେଶ ସୁରକ୍ଷା ଓ ଲୋକସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ କଠୋର ପଦକ୍ଷେପ ନେବାକୁ ସାଧାରଣ ଲୋକଙ୍କ ପକ୍ଷରୁ ଦାବି ହେଉଛି।

# ଆଇଟିଡିଏ କାର୍ଯ୍ୟର ଅନିୟମିତତା ଓ ମହାଦୁର୍ନୀତିକୁ ବିରୋଧ କରି ୧୬ରୁ ଅହୋରାତ୍ର ଧାରଣା



**ନୀଳଗିରି,୧୪।୩ (ସଂଚାର ବ୍ୟୁରୋ):** ପୁଣି ବିବାଦ ଘେରରେ ନୀଳଗିରି ଆଇଟିଡିଏ କାର୍ଯ୍ୟାଳୟ।ଆଦିବାସୀ ମାନଙ୍କ ଉନ୍ନତି ଓ ସୁରକ୍ଷା ପାଇଁ ୧୯୮୪ମସିହାରେ ନୀଳଗିରି ଆଇଟିଡିଏ କାର୍ଯ୍ୟାଳୟ ସ୍ଥାପନ ହୋଇଥିଲା। ଏହାରି ଭିତରେ ବିତି ଯାଇଛି ୪୧ବର୍ଷ କିନ୍ତୁଆଦିବାସୀ ଉନ୍ନତି ପରିବର୍ତ୍ତେ ଆଦିବାସୀଙ୍କ ନାମରେ ନିମ୍ନମାନର କାର୍ଯ୍ୟ କରି କୋଟି କୋଟି ଟଙ୍କା ଲୁଟ ସହ ଆଦିବାସୀଙ୍କ ଆସୁଥିବା ସବ୍ସିଡି ଓ ବିଭିନ୍ନ ଯୋଜନା ରେ ଅନୁମୋଦନ ହୋଇ ଆସିଥିବା ପ୍ରକଳ୍ପକୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ କଥାରେ ସହକାରୀ ଯନ୍ତ୍ରୀଇଂ ରମେଶ ସିଂ, ଇଂ ଆଶିଷ ପାତ୍ର, ଇଂ କୁନାମୀ ଟୁଡୁ,ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ନାୟକ, ଭାରପ୍ରାପ୍ତ ସ୍ୱତନ୍ତ୍ରଅଧିକାରୀ ତଲୱାର ଜେନା ଓ ପ୍ରୋଜେକ୍ଟ ମ୍ୟାନେଜର ସାବିନା ସିଂ ଙ୍କୁ ହାତ ବାରିସ କରି ପ୍ରକଳ୍ପ ପ୍ରଶାସକ ଡ଼. ମଧୁସ୍ମିତା ସାମନ୍ତରାଏ ଙ୍କ ଗୋଚରରେ କୋଟି କୋଟି ଟଙ୍କା ଦୁର୍ନୀତି ହେଉଥିବା ର ଅଭିଯୋଗ ଆଣିଛନ୍ତି ଖୋଦ ନୀଳଗିରି ବ୍ଲକ ଅଧକ୍ଷା ଶ୍ରୀ ମତି ଶୁଭଲକ୍ଷ୍ମୀ ମାଝୀ ଏନେଇ ଲିଖିତ ଭାବେ ନୀଳଗିରି ଉପଜିଲ୍ଲାପାଳ,ଜିଲ୍ଲାପାଳ,ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ,ମୁଖ୍ୟ ଶାସନ ସଚିବ ଙ୍କୁ ଅବଗତ କରାଇଛନ୍ତି।ଆସନ୍ତା୧୬ତାରିଖ ସୋମବାର ଦିନଏ ନେଇ ସରପଞ୍ଚ, ସମିତି ସଭ୍ୟ, ନିର୍ବାଚିତ ଲୋକ ପ୍ରତିନିଧି ଆଇଟିଡିଏକାର୍ଯ୍ୟାଳୟସମ୍ମୁଖରେ ଅହରାତ୍ର ଧାରଣା ଦେବେ ବୋଲିଅଧକ୍ଷା ଶ୍ରୀମତୀ ମାଝୀ ଲିଖିତ ଭାବେ ପ୍ରଶାସନ ଙ୍କୁ ଜଣାଇଛନ୍ତି।ଘଟଣା ସମ୍ପର୍କରେ ଅଧକ୍ଷାଶ୍ରୀମତୀମାଝୀ ଙ୍କୁ ପଚାରିବାରୁ ସେ କହିଛନ୍ତି ଯେପର୍ଯ୍ୟନ୍ତ ଆଧିବାସୀ ଭାଇ ଭଉଣୀ ଙ୍କୁ ନ୍ୟାୟ ନମିଳିଛି ସେ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ।

# ୧୨ଫୁଟ୍ ଲମ୍ବର ଅହିରାଜ ସାପ ଉଦ୍ଧାର



**ଢେଙ୍କାନାଳ,୧୪।୩ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ସଦର ଥାନା ବିରାଡିଆ ପୋଲିସ୍ ଫାଣ୍ଡି ପାଖରୁ ଉଦ୍ଧାର ହେଲା ୧୨ ଫୁଟ୍ ଲମ୍ବର ଅହିରାଜ ସାପ। ସାପଟିକୁ ସ୍ଥାନୀୟ ଲୋଙ୍କମାନେ ଦେଖିଥିଲେ ପରେ ସାପ ଉଦ୍ଧାରକାରୀ ଦଳକୁ ଖବର ଦେଇଥିଲେ ସାପ ଉଦ୍ଧାର କାରୀ ଦଳ ର ସଦସ୍ୟ ସୋମ୍ୟଜୀତ୍ ରଥ, ସୂର୍ଯ୍ୟକାନ୍ତ ବେହେରା ଓ ଅନ୍ୟ ସାଥି ମାନେ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଭାବେ ସାପଟିକୁ ଉଦ୍ଧାର କରି ବନ୍ୟ ବିଭାଗଙ୍କ ଅନୁମତିରେ କପିଳାସ ଅଭୟାରଣ୍ୟରେ ଛଡ଼ାଯାଇଥିଲା।

## ଜିଲ୍ଲାସ୍ତରୀୟ ପିଏମ କିସାନ ଉତ୍ସବ

# ଚାଷୀଙ୍କୁ ୨୨ତମ ପିଏମ୍ କିଷାନ୍ ସମ୍ମାନନିଧି କିସ୍ତି ପ୍ରଦାନ



**ନବରଙ୍ଗପୁର,୧୪।୩ (ସଂଚାର ବ୍ୟୁରୋ):** ଆଜି ପିଏମ୍ କିସାନ୍ ସମ୍ମାନନିଧି ର ୨୨ତମ କିସ୍ତି ନବରଙ୍ଗପୁର ଜିଲ୍ଲାର ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଡିବିଟି ମାଧମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସାମର ଗୌହାଟୀ ଠାରୁ ପ୍ରଦାନ କରିଛନ୍ତି । ଯାହାର ସିଧା ପ୍ରସାରଣ ଆଭାସୀ ଜରିଆରେ ନବରଙ୍ଗପୁରସ୍ଥିତ ଜିଲ୍ଲା ମିଶନ୍ ଶକ୍ତି ସମ୍ମିଳନୀ କକ୍ଷ ପରିସରରେ ଆୟୋଜିତ ହୋଇଥିଲା । ଏହି ଯୋଜନାରେ ୪ ମାସକୁ ୨୦୦୦/- ଟଙ୍କା ହିସାବରେ ଏକ କିସ୍ତି ପ୍ରଦାନ କରାଯାଇଥାଏ। ଏହି ୨୨ତମ କିସ୍ତିରେ ନବରଙ୍ଗପୁର ଜିଲ୍ଲାର ମୋଟ ୧,୦୪,୩୬୪ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସର୍ବମୋଟ ୨୦କୋଟି ୮୭ଲକ୍ଷ ୨୮ହଜାର ଟଙ୍କା ପ୍ରଦାନ କରାଗଲା ।

ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କୃଷି ବିଭାଗ ତଥା କୃଷି ବିଜ୍ଞାନ କେନ୍ଦ୍ର, ନବରଙ୍ଗପୁରର ମିଳିତ ଆନୁକୁଲ୍ୟରେ ସଂଗଠିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ ସମ୍ମାନୀତ ଅତିଥି ଭାବେ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ମାନ୍ୟବର ସାଂସଦ ଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ ଏବଂ ନବରଙ୍ଗପୁର ବିଧାୟକ ପ୍ରତିନିଧି ଜଗଦୀଶ ଚନ୍ଦ୍ର ବିଷୋୟୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୦୦ରୁ ଉର୍ଦ୍ଧ୍ୱ ପିଏମ କିସାନ ହିତାଧିକାରୀ ଯୋଗଦାନ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଧିର ରଞ୍ଜନ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସଭାରେ ସି ଡି ଭି ଓ ରାଧେଶ୍ୟାମ ଲାଇକ,ଡି ଆଇ ପି ଆର୍ ଓ ମନୋଜ ବେହେରା, ଅତିରିକ୍ତ ଉପ ଜିଲ୍ଲାପାଳ ଶରତ ମାଝୀ,ଏ ଡି ଏଚ ଶୁଭେନ୍ଦୁ ବିଶ୍ୱାସ ଙ୍କ ସମେତ କୃଷି ବିଜ୍ଞାନ କେନ୍ଦ୍ର ର ବୈଜ୍ଞାନିକ ଗଣ ତଥା କୃଷି ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ ।

# ଭାଜପା, ଟାଙ୍ଗରପାଲି ମଣ୍ଡଳରମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର



**ସୁନ୍ଦରଗଡ଼,୧୪।୩ (ସଂଚାର ବ୍ୟୁରୋ):** ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର ବିଜେପି ଟାଙ୍ଗରପାଲି ମଣ୍ଡଳ ପକ୍ଷରୁ ମଣ୍ଡଳ ସଭାପତି ନରେଶ ପୁରୋହିତ ଙ୍କ ଅଧକ୍ଷତାରେ ତସଲାଡ଼ିହି ସ୍ଥିତ ଫାର୍ମହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ସର୍ବ ପ୍ରଥମେ ଉପସ୍ଥିତ ଅତିଥି ଓ କାର୍ଯ୍ୟକର୍ତ୍ତା ଦିନଦୟାଲ ଉପାଧ୍ୟାୟ, ଶ୍ୟାମା ପ୍ରସାଦ ମୁଖାର୍ଜୀ ଓ ଭାରତମାତାଙ୍କ ଫଟୋଚିତ୍ରରେ ଦ୍ୱୀପ ପ୍ରଜ୍ୱଳନ କରି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ପ୍ରଶିକ୍ଷଣ ପ୍ରାରମ୍ଭରେ ବନ୍ଦେ ମାତରମ ଓ ବର୍ଗ ଗୀତ ଗାନ କରାଯାଇଥିଲା। ଏହାପରେ ଜିଲ୍ଲା ସାଧାରଣ ସମ୍ପାଦକ ରୁପେଶ ପଟେଲ ପ୍ରଶିକ୍ଷଣର ଉଦ୍ଦେଶ୍ୟ, ସ୍ୱରୂପ, ପରିଚାଳନା ଉପରେ ସୂଚନା ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ପୌରପରିଷଦ ଅଧକ୍ଷା ତନୟା ମିଶ୍ର ଯୋଗଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ହେଉଛି ବିଜେପିର ଏକ ଦେଶବ୍ୟାପୀ ପଦକ୍ଷେପ। ଏହାର ପ୍ରାଥମିକ ଲକ୍ଷ୍ୟ ହେଉଛି ବୁଥ୍ ଠାରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଦଳୀୟ କର୍ମୀମାନଙ୍କୁ ଆଦର୍ଶଗତ ସ୍ପଷ୍ଟତା, ନେତୃତ୍ୱ ଏବଂ ସଂଗଠନଗତ ଶୃଙ୍ଖଳା ଉପରେ ତାଲିମ ଦେବା। ଏହି ତାଲିମର ଲକ୍ଷ୍ୟ କର୍ମୀମାନଙ୍କୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଦର୍ଶନ, ଯେପରିକି ଅଖଣ୍ଡ ମାନବବାଦ ଏବଂ ଅନ୍ତ୍ୟୋଦୟ ଏବଂ ସରକାରୀ କଲ୍ୟାଣକାରୀ ଯୋଜନା, ଦଳୀୟ ସଦସ୍ୟମାନଙ୍କ ମଧରେ ଶୃଙ୍ଖଳା ଏବଂ ଏକତାର ଗୁରୁତ୍ୱ। ପ୍ରଥମେ ରାଷ୍ଟ୍ର, ଦ୍ୱିତୀୟ ଦଳ, ଶେଷରେ ନିଜକୁ" ନୀତି ପାଳନ କରି ସାର୍ବଜନୀନ ସେବାକୁ ପ୍ରାଥମିକତା ଦେବା, ସମସ୍ତ ମଣ୍ଡଳ ଓ ବୁଥ ସ୍ତରର ନେତା ଓ କର୍ମୀମାନଙ୍କୁ ସଂଯୋଗ କରିବା, ରଣନୀତି ବାଣ୍ଟିବା ଏବଂ ବିକାଶ ଏବଂ ସୁଶାସନ ପାଇଁ ଦଳର ମିଶନକୁ ମଜବୁତ କରିବା ସହିତ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ପାଇଁ ଦଳର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବାରେ ଏକ ଉତ୍ସର୍ଗୀକୃତ କର୍ମୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଗାଡ଼ି ସହ ଗଞ୍ଜେଇ ଜବତ. ମାଫିଆ ଫେରାର



**ଫୁଲବାଣୀ,୧୪।୩ (ସଂଚାର ବ୍ୟୁରୋ):**କ.ନୂଆଗାଁ ଥାନା ଅନ୍ତର୍ଗତ ଲେଡିଙ୍ଗିଆ ଘାଟିରେ ଆଇଚର ଗାଡ଼ିରେ କନ୍ଦିବାନ୍ଧା ଗ୍ରାମର ସାହିଲ ପ୍ରଧାନ ନାମକ ଗଂଜେଇ ମାଫିଆ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଆଇଚର ଗାଡ଼ିକୁ ଜବତ କରିଛି କ.ନୂଆଗାଁ ପୋଲିସ। ଗାଡ଼ି ଚାଳକ ଫେରାର ହୋଇଯାଇଛି। ଗଞ୍ଜେଇ ଅଖାରେ ଥିବା ୧୦୫ କେଜି ଗଂଜେଇ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ବସୁଧା ପ୍ରଧାନଙ୍କ ଉପସ୍ଥିତିରେ ଜବତ କରିଛି। ମିଳିଥିବା ସୂଚନା ଅନୁସାରେ କ.ନୂଆଗାଁ ଦମୟନ୍ତୀ ବେହେରା,ଏଏସଆଇ ବାସୁଦେବ ପୋଲିସ ଦଶ ଜଣିଆ ଟିମ୍ ପୋଲିସ ଦଳ ସୁରେନ୍ଦ୍ର ପଣ୍ଡା ରାଜହଂସଙ୍କ ସମେତ ପୋଲିସ ପେଟ୍ରୋଲିଂ ବେଳେ ଲେଡିଙ୍ଗିଆ ଘାଟିରେ କର୍ମଚାରୀମାନେ ସହଯୋଗ କରିଥିଲେ। ଏନେଇ ଥାନାରେ ୪୯/୨୬ ରେ ଏକ ମାମଲା ରୁଜୁ କରି ଗଞ୍ଜେଇ ବେଳେ ଗାଡିଟିକୁ ଜବତ କରିଛି ପୋଲିସ। ଖୁବ୍ ଶୀଘ୍ର ଫେରାର ମାଫିଆକୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଆଶୁତୋଷ ଜେନା କହିଛନ୍ତି।

# ଡିଜିଟାଲ ଫସଲ ସର୍ବେକ୍ଷଣ ଓ ଚାଷୀ ପଞ୍ଜିକରଣ ତାଲିମ

**କେନ୍ଦ୍ରାପଡା,୧୪।୩(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କୃଷକ ରେଜିଷ୍ଟ୍ରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉମେଶ ଚନ୍ଦ୍ର ମଲିକଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ହୋଇଯାଇଛି।। ଜିଲ୍ଲାପାଳ ରଘୁରାମ ଆର ଆୟାର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଥିବା ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଅତିରିକ୍ତ କୃଷି ଅଧିକାରୀ, ବ୍ଲକ କୃଷି ଅଧିକାରୀ ପ୍ରମୁଖଙ୍କୁ ଚାଷୀଙ୍କ ପଞ୍ଜିକରଣ କରିବା ପାଇଁ ତାଲିମ ପ୍ରଦାନ କରିଥିଲେ । ଏଥି ସହିତ ସମୟସୀମା ମଧରେ ଡିଜିଟାଲ ଫସଲ ସର୍ବେକ୍ଷଣ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଆସନ୍ତା ୩୧ ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ସର୍ବେକ୍ଷଣ କାର୍ଯ୍ୟକ୍ରମ ସମାପ୍ତ କରିବା ପାଇଁ ଉକ୍ତ ବୈଠକରେ ଜିଲ୍ଲାପାଳ ଶ୍ରୀ ଆୟାର ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ (ରାଜସ୍ୱ), ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର ଓ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# ଫୁଲବାଣୀରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଫୁଲବାଣୀ,୧୪।୩ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା କୋର୍ଟ ପରିସରରେ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଆଜି ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ ମକଦ୍ଦମା ମାମଲା ଗୁଡିକ ମଧରୁ ୮୦ ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୩୫ ଲକ୍ଷ ୩୪ ଟଙ୍କା ଆଦାୟ କରାଯାଇଛି, ୩୬ ଟି ଟ୍ରାଫିକ ଚାଲାଣ ସମ୍ବନ୍ଧୀୟ ମାମଲା ବିଚାର କରାଯାଇ ୬୩ ହଜାର ୫୦୦ ଟଙ୍କା ଆଦାୟ କରାଯାଇଛି, ୩୩ ଟି ବିଦ୍ୟୁତ ମାମଲା ବିଚାର କରାଯାଇ ୫ ଲକ୍ଷ ୧୮୬ ଟଙ୍କା ଆଦାୟ କରାଯାଇଛି ଏବଂ ୫ ଟି ସ୍ଥାୟୀ ଲୋକ ଅଦାଲତର ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲାର ବିଚାର କରାଯାଇଛି । ସେହିପରି, ଅଦାଲତରେ ବିଚାରଧିନ ମାମଲା ଗୁଡିକ ମଧରୁ ୫ ଟି ଏନ.ଆଇ ଆକ୍ଟ ମାମଲାର ବିଚାର କରାଯାଇ ୪ ଲକ୍ଷ ୭୯ ହଜାର ୪୧୩ ଟଙ୍କା ଆଦାୟ କରାଯାଇଥିବା ବେଳେ ଗୋଟିଏ ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୬୦ ହଜାର ୯୭ ଟଙ୍କା ଓ ୨୦ ପଇସା ଆଦାୟ କରାଯାଇଛି । ଏତଦସହିତ ୨ ଗୋଟି ବୈବାହିକ ବିବାଦ ଫୈସଲା କରାଯାଇଥିବା ବେଳେ, ୬୧୬ ଗୋଟି ରାଜସ୍ୱ ମାମଲା, ୩ ଟି ଫୌଜଦାରୀ ସାଲିସ ଯୋଗ୍ୟ, ଅନ୍ୟାନ୍ୟ ୬ ଟି ଦେୱାନୀ ମାମଲା ଏବଂ ୧୩୬ ଟି ଫୌଜଦାରୀ ମାମଲା ବିଚାର କରାଯାଇ ୧ ଲକ୍ଷ ୯୬ ହଜାର ୮୦୯ ଟଙ୍କା ଆଦାୟ କରାଯାଇଛି । ଆଜିର ଏହି ଲୋକ ଅଦାଲତରେ ପ୍ରାକ ମକଦ୍ଦମା ମାମଲାଗୁଡିକ ମଧରୁ ୧୫୪ ଟି ଓ ଅଦାଲତରେ ବିଚାରାଧିନ ମାମଲାଗୁଡିକ ମଧରୁ ୭୬୯ ଟି ମାମଲା ଫୈସଲା କରାଯାଇଛି ।

# ଯାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଯାଜପୁର,୧୪।୩ (ସଂଚାର ବ୍ୟୁରୋ):** ଯାଜପୁର ଜ଼ିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ତା ୧୪.୦୩.୨୦୨୬ ରିଖ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ମୋଟ. ୭୦୫୬ ଗୋଟି ମୋକଦ୍ଦମା ଫଇସଲା ହୋଇଛି । ସେଥି ମଧ୍ୟରୁ ୫୬୮ ଗୋଟି ଫୌଜ଼ଦାରୀ, ୨୧ ଗୋଟି ମୋଟର ଦୁର୍ଘଟଣା ଜନିତ ମାମଲା, ୫୦ ଗୋଟି ଦେୱାନୀ, ୧୪ ଗୋଟି ପାରିବାରିକ କଳହ ମୋକଦ୍ଦମା, ଶ୍ରମ ବିବାଦ ୧୫ ଗୋଟି ଏବଂ ରାଜସ୍ୱ ବିଭାଗର ୬୩୮୬ ଟି ମାମଲା ଫଇସଲା କରାଯାଇ ମୋଟ ଟ. ୯,୨୬,୧୮,୭୨୫/- ଙ୍କା ଆଦାୟ କରାଯାଇଛି । ଏତଦବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ ୭୭ ଗୋଟି, ବିଦ୍ୟୁତ ବିଭାଗର ୨୩୪ ଗୋଟି, ସ୍ଥାୟୀ ଲୋକ ଅଦାଲତର ୨ ଗୋଟି, ଟ୍ରାଫିକ ଚାଲାଣ ୧୮ ଗୋଟି, ଏବଂ ଟେଲିଫୋନ ୩ ଗୋଟି ସମ୍ବନ୍ଧୀୟ ପ୍ରାକ ବିଚାରଧୀନ ମାମଲା ଫଇସଲା କରାଯାଇ ମୋଟ ଟ. ୭୧,୯୬,୬୧୧/- ଙ୍କା ମଧ୍ ଅଦାୟ କରାଯାଇଛି ।

ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜ଼ିଲ୍ଲା ଓ ଦୌରାଜଜ ତଥା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀଯୁକ୍ତ ଅମୃତ ରଞ୍ଜନ ନନ୍ଦ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଜ଼ିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶ୍ରୀମତୀ ନେହା ଅଗ୍ରୱାଲ ପରିଚାଳନା କରିଥିଲେ ।

# ନବରଙ୍ଗପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ନବରଙ୍ଗପୁର,୧୪।୩ (ସଂଚାର ବ୍ୟୁରୋ):** ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଦୌରାଜର୍ଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦୌରାଜର୍ଜ ସଂଗ୍ରାମ କେଶରୀ ପଟ୍ଟନାୟକ ୦୧ ଗୋଟି ଦେବାନୀ (ସିଭିଲ) କେଶ ଫଇସଲା କରି ଟ.୩,୭୦,୦୦୦/- କ୍ଷତିପୁରଣ ଆଦାୟ କରିଛନ୍ତି। ପରିବାର ବିଚାର ବିଭାଗୀୟ ଜର୍ଜ ଲିଲିପ୍ସା ପସାୟତ ୧୨ ଗୋଟି ପାରିବାରିକ ବିବାଦ କେସ ସମାଧାନ କରିଛନ୍ତି ଓ ଟ.୫,୭୭,୮୭୨/- ଜୋରିମାନା ଆଦାୟ କରିଛନ୍ତି। ସେହିପରି ବରିଷ୍ଠ ଦେବାନୀ ଜର୍ଜ ମୋନିତା ତ୍ରିପାଠୀ ୪ଟି ଦେବାନୀ କେସ ଫଇସଲା କରାଇଛନ୍ତି, ସେହିଭଳି ଉପଖଣ୍ଡ ବିଚାରବିଭାଗୀୟ ଦଣ୍ଡାଧିକାରୀ, ନବରଙ୍ଗପୁର ସୌମ୍ୟ ଶଙ୍କର ମହନ୍ତ ୫୪ ଟି ଫୌଜଦାରୀ ମକଦ୍ଦମାର ଫଇସଲା କରିଛନ୍ତି ଓ ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅଙ୍କିତା ପାଣିଗ୍ରାହୀ ୪ ଟି ଫୌଜଦାରୀ ମକଦ୍ଦମା ସମାଧାନ କରିଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସର୍ବମୋଟ ୧୪୧ ଗୋଟି କୋର୍ଟ କେସ ଓ ୨୨୧୮୯ ଗୋଟି ରାଜସ୍ୱ କେସର ଫଇସଲା କରାଯାଇ ଟ.୩୯,୪୫,୫୯୮/- ରାଜସ୍ୱ ଆଦାୟ କରାଯାଇଛି। ସେହିପରି ବ୍ୟାଙ୍କର ୧୪ ଟି ପ୍ରାକ ମକଦ୍ଦମା ମଧ ଫଇସଲା କରାଯାଇ ଟ.୧,୧୫,୯୦୦/- ରୁଣ ଆଦାୟ କରାଯାଇଛି । ବିଦ୍ୟୁତ ବିଭାଗ ର ୧୫୩ ଟି ପ୍ରାକ ମକଦ୍ଦମା ମଧ ଫଇସଲା କରାଯାଇ ଟ.୧୭,୬୦,୪୮୧/- ବିଦ୍ୟୁତ ଦେୟ ବାବଦକୁ ଆଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ଅନ୍ୟାନ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଜର୍ଜ ବିଷ୍ଣୁ ପ୍ରସାଦ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୀମା ତ୍ରିପାଠୀ ଓ ବରିଷ୍ଟ ଦେବାନୀ ଜର୍ଜ (ମହିଳା କୋର୍ଟ) ସୁଦୀପା ପାତ୍ର ଯୋଗ ଦେଇଥିଲେ।

# ପଖାଳ କଂସା ପାଖରେ ଦିଶୁନି 'ଦେଶୀ ପିଆଜ'

## ମିଳୁନି ପ୍ରୋତ୍ସାହନ, ମୁହଁ ମୋଡୁଛନ୍ତି ଚାଷୀ



**କାକଟପୁର/ଅସ୍ତରଙ୍ଗ, ୧୪।୩ (ସଂଚାର ବ୍ୟୁରୋ):** ଓଡ଼ିଆ ଘରେ ପଖାଳ କଂସା ସହ ଦେଶୀ ପିଆଜର ଆଦର ବେଶ ଅଧିକ। ଖରା ଦିନେ ତ ଚାହିଦା ବଢ଼ିଯାଏ। ପୂର୍ବରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଂଚଳରେ ଚାଷୀ ମାନେ ନିଜ ଜମିରେ ପ୍ରଚୁର ମାତ୍ରାରେ ଦେଶୀ ପିଆଜ ଚାଷ କରୁଥିଲେ। ଅମଳ ପରେ ବାନ୍ଧି ଘର ଭିତରେ ପେଣ୍ଡା ପେଣ୍ଡା କରି ଝୁଲାଇ ରଖୁଥିଲେ। ଏହାର ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର ଲୋଡ଼ା ପଡୁ ନଥିବା ବେଳେ ବର୍ଷସାରା ତାହା ଚାଷୀ ପରିବାରର ଆବଶ୍ୟକତା ମେଣ୍ଟାଉଥିଲା। ଔଷଧୀୟ ଗୁଣ ସାଙ୍ଗକୁ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଶକ୍ତି ଯୋଗାଉଥିବା ଦେଶୀ ପିଆଜ ଏବେ କିନ୍ତୁ ପୂର୍ବ ଭଳି ଅଧିକ ଉପଲବ୍ଧ ହେଉନି। ଧୀରେ ଧୀରେ ଚାଷ କମିଗଲାଣି। ପ୍ରୋତ୍ସାହନ ଅଭାବ ରୁ ଚାଷୀ ମାନେ ଏହି ପାରମ୍ପରିକ ଦେଶୀ ପିଆଜ ଚାଷରୁ ମୁହଁ ଫେରାଇ ନେଉଛନ୍ତି। ଅଧିକ ଲାଭ ଆଶାରେ ବିଭିନ୍ନ ହାଇବ୍ରିଡ଼ ପିଆଜ ବିହନ କୁ ଚାଷୀ ଆପଣାଉଥିବାରୁ ସ୍ୱାସ୍ଥ୍ୟପ୍ରଦ ହେଲେ ସୁଦ୍ଧା ଅପେକ୍ଷାକୃତ କମ୍ ଲାଭ ମିଳୁଥିବାରୁ ଦେଶୀ ପିଆଜ ଚାଷରୁ ଏବେ ସେମାନେ ମୁହଁ ଫେରାଇ ନେଲେଣି। ବର୍ତ୍ତମାନ ଗରିବଙ୍କ କଂସାରୁ ଏକରକମର ଦେଶୀ ପିଆଜ ଗାୟବ ହୋଇଯାଇଛି।

ସମୟ ଥିଲା ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳବର୍ତ୍ତୀ ଅଂଚଳ ହୋଇଥିବା ବେଳେ ସାଧାରଣ ଲୋକ ଖାଇବାକୁ କିଛି ନ ହେଲେ ବି ପଖାଳ ସାଙ୍ଗକୁ ଲଙ୍କା ଲୁଣ ଓ ଦେଶୀ ପିଆଜ ଖାଇ ପେଟ ଓ ମନ ବୁଝି ଯାଉଥିଲା। ଅଳ୍ପ ଖର୍ଚ୍ଚରେ ଉତ୍ପାଦନ ହେଉଥିବାରୁ ଯେକୌଣସି ସମୟରେ ଏହା ମିଳୁଥିଲା। ଘର ବଗିଚା ଓ କୂଅ ମୂଳରେ ଗୋଟିଏ ଦେଶୀ ପିଆଜ ପୋତିଦେଲେ ଶୀଘ୍ର ସେଥିରୁ ଦେଶୀ ପିଆଜ ବାହାରିଥାଏ। ଚାରା କରିବା ମଧ୍ୟ ଆବଶ୍ୟକ ପଡ଼େନି, ଶୀଘ୍ର ଫଳ ବାହାରିଯାଏ। ମାତ୍ର ଏବେ ଖରା ହେଉ କି ଶୀତ ପିଆଜ ଦର ଯେଭଳି ଆକାଶ ଛୁଆ ହେଉଛି, ସାମନ୍ତରାଳ ଭାବେ ଶ୍ରମଜୀବି ଓ ଗରିବଙ୍କ ପଖାଳ କଂସାରେ ଆଉ ପିଆଜ ଦେଖିବାକୁ ମିଳୁନି। କମ୍ପାନୀ ବିହନ ଲାଭ ପାଇଁ ଦେଶୀ ପିଆଜ ଚାଷ କୁ ପରୋକ୍ଷ ଭାବରେ ମାରି ଦିଆଯିବା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ଉଠୁଛି।

ଅଳ୍ପ ଖର୍ଚ୍ଚରେ ଗୋଟିଏ ଏକର ଜମିରେ ୬୦ରୁ ୭୦କୁଇଣ୍ଟାଲ ଦେଶୀ ପିଆଜ ଉତ୍ପାଦିତ ହୋଇପାରେ। ଗୋବର ଖତରେ ଜୈବିକ ପଦ୍ଧତି ରେ ଭଲ ଅମଳ ହୋଇଥାଏ। ମାତ୍ର ହାଇବ୍ରିଡ଼ ପିଆଜ ଚାଷ ପାଇଁ ବିହନ କମ୍ପାନୀ କ୍ରୟ କରିବାକୁ ହୁଏ। ମଞ୍ଜିରୁ ଚାରା କରିବାକୁ ୪୦ରୁ ୪୫ଦିନ ଦିନ ଲାଗିଯାଏ। ଯଦି ବନ୍ୟା କି ବାତ୍ୟା ହେଲା, ତେବେ ଏହି ପିଆଜ ଉତ୍ପାଦନ ମାଡ଼ ଖାଇଯାଏ। ଫଳରେ ଚାରି ଆଡ଼େ ହାଇବ୍ରିଡ଼ ପିଆଜ ଚାଷ ହେଉଛି ସିନା ଦେଶୀ ପିଆଜ ଚାଷ ଧୀରେ ଧୀରେ ଉଭେଇ ଗଲାଣି।

## ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା

# ବରଗଡ଼କୁ ହରାଇ ସୁରଜ ଏଫାସୀ ବିଜୟୀ



**ଫୁଲବାଣୀ,୧୪।୩ (ସଂଚାର ବ୍ୟୁରୋ):**କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଠାରେ ଚାଲିଥିବା ପ୍ରଥମ ରାଜ୍ୟ ସ୍ତରୀୟ ଫୁଟବଲ ପ୍ରତିଯୋଗିତା ଫିରିଙ୍ଗିଆ କପ ଚତୁର୍ଥ ଦିନରେ ପହଂଚି ଥିବା ବେଳେ ଚତୁର୍ଥ ଦିନରେ ପ୍ରତିଯୋଗିତାରେ ଗ୍ରୁପ ବି ର ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ତେବେ ବରଗଡ଼ ସହ ସୁଜିତ ଏଫ ସି ଫିରିଙ୍ଗିଆ ମଧରେ ଏହି ମ୍ୟାଚ ଅନୁଷ୍ଠିତ ହୋଉଥିବା ବେଳେ ବରଗଡ଼ କୁ ହରାଇ ସୁଜିତ ଏଫସି ବିଜୟ ଲାଭ କରିଥିଲା । ମ୍ୟାଚ ର ଉଦଘାଟନି ଉତ୍ସବ ରେ କନ୍ଧମାଳ ଜିଲ୍ଲା କଂଗ୍ରେସ ର ପୂର୍ବତନ ଜିଲ୍ଲା ସଭାପତି ଅନାମ ନାଏକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଖେଳ କୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧରେ ଜାତୀୟ କଂଗ୍ରେସ କମିଟି ସଦସ୍ୟ ପ୍ରତାପ ପ୍ରଧାନ, ଆଦିବାସୀ ସେଲ ର ଆବାହକ ସୂର୍ଯ୍ୟକାନ୍ତ ଦାସ, ପୂର୍ବତନ ଯୁବ କଂଗ୍ରେସ ସଭାପତି ଚନ୍ଦନ ପଣ୍ଡା, ଅଦକ୍ଷ ସାମାଜିକ ଗଣମାଧମ ବଳଦେବ ବେହେରା, ଜିଲ୍ଲା ସଂଯୋଗକ ସାମାଜିକ ଗଣମାଧମ ଗୌରଚନ୍ଦ୍ର ବେହେରା, ବରିଷ୍ଠ କଂଗ୍ରେସ ନେତା ଗୋକୁଳାନନ୍ଦ ପ୍ରଧାନ, ପ୍ରଫୁଲ୍ଲ ଚନ୍ଦ୍ର ଦିଗାଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଅନ୍ୟପଟେ କାର୍ଯ୍ୟକ୍ରମ କୁ ଫିରିଙ୍ଗିଆ କ୍ରୀଡା ସଙ୍ଘ ର ସଭାପତି, ସମ୍ପାଦକ, କୋଷାଧକ୍ଷ ଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଶବ୍ଦ ପ୍ରଦୂଷଣ ଯୋଗୁ ବଢୁଛି ରୋଗ ବ୍ୟାଧି





**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଶୀତ ଯାଇଛି, ଗରମ ଆସୁଛି ଏହାରି ଭିତରେ ବସନ୍ତ ଋତୁ କୁହାଯାଉଥିଲେ ମଧ୍ୟ ଋତୁର ଅନୁଭବ ଆଉ ନାହିଁ। ଜଳ, ବାୟୁ ଓ ମୃତ୍ତିକା ପ୍ରଦୂଷଣ ପରେ ଏବେ ଓଡ଼ିଶା ପାଇଁ ଆଉ ଏକ ବଡ଼ ସମସ୍ୟା ହେଉଛି ଶବ୍ଦ ପ୍ରଦୂଷଣ। ଶବ୍ଦ ପ୍ରଦୂଷଣ ରୋକିବା ଲାଗି ବାରମ୍ବାର ପ୍ରଶାସନ ଓ ପୋଲିସ ପକ୍ଷରୁ ସତର୍କ କରାଯାଉଥିଲେ ମଧ୍ୟ ସଚେତନତା ଅଭାବରୁ କାହାକୁ କେହି ମାନୁ ନାହାନ୍ତି। ଫଳରେ ଶବ୍ଦ ପ୍ରଦୂଷଣ ଜନିତ କାରଣରୁ ବହୁ ଲୋକ ମୃତାହତ ହେଉଛନ୍ତି ଏବଂ ଏଥିଯୋଗୁଁ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ନିକଟରେ କିଛଦିନ ତଳେ ଯାତ୍ରା ଜଗତର ଚର୍ଚ୍ଚିତ ଅଭିନେତା ଦେବୀ ପ୍ରସାଦ ରଥଙ୍କ ଅକାଳ ମୃତ୍ୟୁ ଶବ୍ଦ ପ୍ରଦୂଷଣ ଜନିତ କାରଣରୁ ହୋଇଛି ବୋଲି ତାଙ୍କ ପରିବାର ପକ୍ଷରୁ ଖୋଲା ଅଭିଯୋଗ କରାଯିବା ପରେ ଏଥିନେଇ ପୁଣି ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ତିନୋଟି ଡିଜେ ଦଳର ଶବ୍ଦ ପ୍ରଦୂଷଣର ପ୍ରତିଯୋଗିତା ଭିତରେ ହୃଦରୋଗରେ ପୂର୍ବରୁ ଆକ୍ରାନ୍ତ ଥିବା ଦେବୀ ପ୍ରସାଦ ବଳି ପଡ଼ିଛନ୍ତି ବୋଲି କୁହାଯାଉଛି। ଆଗରୁ ବି ଏଭଳି ଅନେକ ଅଭିଯୋଗ ରାଜ୍ୟର କୋଣ ଅନୁକୋଣରୁ ଆସୁଥିଲେ ମଧ୍ୟ ଶବ୍ଦ ପ୍ରଦୂଷଣକୁ ସମ୍ପୂର୍ଣ୍ଣ ଭାବେ ରୋକାଯାଇପାରୁ ନାହିଁ। ପରିବେଶବିତ୍‌ମାନେ କହୁଛନ୍ତି ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାର୍ଗ ନିର୍ଦ୍ଦେଶିକା ଅନୁଯାୟୀ ୩୦ ଡେସିବଲ ପର୍ଯ୍ୟନ୍ତ ଶବ୍ଦ ଆଦୌ କ୍ଷତିକାରକ ନୁହେଁ। ୬୫ ଡେସିବଲ ପର୍ଯ୍ୟନ୍ତ ଶବ୍ଦ ଚଳନୀୟ। ତେବେ ୭୫ ଡେସିବଲରୁ ଅଧିକ ଶବ୍ଦ କ୍ଷତିକାରକ ହୋଇଥିବାବେଳେ ଏହାର ପରିମାଣ ୧୨୦ ଡେସିବଲ ଟପିଲେ ତାହା ଯନ୍ତ୍ରଣାଦାୟକ ଓ ମାରାତ୍ମକ ହୋଇଥାଏ। ୟୁରୋପୀୟ ପରିବେଶ ସଂସ୍ଥାର ଗବେଷଣା ରିପୋର୍ଟ ଅନୁଯାୟୀ ଶବ୍ଦ ପ୍ରଦୂଷଣ ଯୋଗୁଁ ପ୍ରତିବର୍ଷ ଅତିକମରେ ୪୮ ହଜାର ନୂଆ ହୃଦରୋଗୀ ସୃଷ୍ଟି ହେଉଥିବାବେଳେ ୧୨ ହଜାରଙ୍କର ମୃତ୍ୟୁ ଘଟିଛି। ଆମ ରାଜ୍ୟ ଓ ଦେଶରେ ଏହାର ପରିମାଣ କେତେ ସେ ସଂକ୍ରାନ୍ତରେ ଏଯାବତ୍ ପୂର୍ଣ୍ଣାଙ୍ଗ ତଥ୍ୟ ସଂଗ୍ରହ କରାଯାଇନାହିଁ।

ଶବ୍ଦ ପ୍ରଦୂଷଣ ଯୋଗୁଁ ଅନେକ ଲୋକ ଶୁଣିବା ଶକ୍ତି ହରାଉଥିବାବେଳେ ନିଦ୍ରାହୀନତା, ମାନସିକ ଚାପ, ହୃଦରୋଗ, ରକ୍ତଚାପ, ବ୍ରେନ ଷ୍ଟ୍ରୋକ, ସ୍ମୃତି ବିଭ୍ରାଟ, ମଧୁମେହ ଆଦି ରୋଗମାନ ହେଉଛି। ଏହାଛଡ଼ା ଶରୀରର ରୋଗ ପ୍ରତିରୋଧକ ଶକ୍ତି ଉପରେ ସିଧାସଳଖ ପ୍ରଭାବ ପଡୁଛି। ଏଥିଯୋଗୁଁ ବିଭିନ୍ନ ପ୍ରକାରର ମସ୍ତିଷ୍କ ସମସ୍ୟା ମଧ୍ୟ ଉପୁଜୁଛି। ବିଶେଷକରି ଶାରୀରିକ ଓ ମାନସିକ ସ୍ତରରେ ମଣିଷ ଶବ୍ଦ ପ୍ରଦୂଷଣ ଯୋଗୁଁ ଦୁର୍ବଳ ହେଉଛି। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକମାନେ ଶବ୍ଦ ପ୍ରଦୂଷଣ ଯୋଗୁଁ କଲବଲ ହେଉଥିବାବେଳେ କୁକୁର ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ପଶୁମାନେ ବି ଏଥିଯୋଗୁଁ ସନ୍ତୁଳନ ହରାଉଛନ୍ତି।

ପର୍ବପର୍ବାଣୀ, ସଭା, ଶୋଭାଯାତ୍ରା ଆଦିରେ ଡିଜେ ସମେତ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରାଯାଉଛି। ଶୋଭଯାତ୍ରା ଆଦି ଲାଗି ପୁଲିସ ଅନୁମତି ଦେବା ବେଳେ ଶବ୍ଦ ପ୍ରଦୂଷଣ ସଂକ୍ରାନ୍ତୀୟ ସର୍ତ୍ତ ବି ରହୁଛି। କିନ୍ତୁ ଏହାକୁ ସଂଖ୍ୟାଧିକ ସ୍ଥଳରେ ଉଲ୍ଲଂଘନ କରାଯାଉଥିବାବେଳେ ସେମିତି କିଛି ଆଖି ଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ନିକଟରେ ଯାଇଥିବା ଦୀପାବଳୀ ପର୍ବ ଅବସରରେ ବାଣ ଫୁଟା ଉପରେ କଡ଼ା କଟକଣା ଜାରି କରାଯାଇଥିବାବେଳେ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ଏହାର ଖୋଲା ଉଲ୍ଲଂଘନ ହେଲଣି। ଏଥିଯୋଗୁଁ ବାୟୁମଣ୍ଡଳ ବିଷାକ୍ତ ହେବା ସହିତ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟିଲା। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆଇନଗତ ବ୍ୟବସ୍ଥା ଥିବାବେଳେ ତାହାର ଅନୁପାଳନ ହେଉ ନାହିଁ କାହିଁକି କିମ୍ବା ଲୋକେ ମଧ୍ୟ ନିଜ ନିଜ ନିରାପତ୍ତା ପାଇଁ ଶୃଙ୍ଖଳିତ ଭାବେ ଏହାକୁ ମାନୁ ନାହାନ୍ତି। ତେଣୁ ଏବେ ଶବ୍ଦ ପ୍ରଦୂଷଣ ଏକ ବଡ଼ ବିପତ୍ତି ଭାବେ ଉଭା ହୋଇଛି।


ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, କଟକ, ମୋବାଇଲ୍‌ଃ ୯୪୩୮ ୨୭୬୭୬୦


# ବ୍ୟାୟାମରେ ହେଉଥିବା ଯନ୍ତ୍ରଣାକୁ ଅଣଦେଖା କରନ୍ତୁନି

ନିୟମିତ ବ୍ୟାୟାମ କରିବା ଶରୀର ପାଇଁ ଖୁବ୍ ଲାଭଦାୟକ। କିନ୍ତୁ କେବେ ଅନୁଭବ କରିଛନ୍ତି କି ନୂଆ ବ୍ୟାୟାମ ଆରମ୍ଭ କରିବା କିମ୍ବା ଦୀର୍ଘ ସମୟ ପରେ ଓ୍ୱାର୍କ ଆଉଟ କରିବା ଦ୍ୱାରା ଶରୀରରେ ଯନ୍ତ୍ରଣା ହେଉଛି ? ଆରମ୍ଭରୁ ମାଂସପେଶୀରେ ଯନ୍ତ୍ରଣା ହେବା ଆଦୌ ସ୍ୱାଭାବିକ ନୁହେଁ। ଏହାକୁ ମସଲ ସୋରନେସ୍ କୁହାଯାଏ, ଯାହା ବିଶେଷକରି ୨୪ରୁ ୪୮ ଘଣ୍ଟା ଭିତରେ ଠିକ୍ ହୋଇଯାଇଥାଏ। ଅବଶ୍ୟ ଏହି ଯନ୍ତ୍ରଣା ଆଦୌ ସାମାନ୍ୟ ନୁହେଁ। ଚାଲନ୍ତୁ ଜାଣିବା ପିଏସ୍‌ଆର୍‌ଆଇ ହସ୍ପିଟାଲର ଡାକ୍ତର ଲକ୍ଷ୍ୟ ଫିଜିଓଥେରାପୀ ମୁଖ୍ୟଙ୍କଠାରୁ। ବ୍ୟାୟାମରେ ହେଉଥିବା ଯନ୍ତ୍ରଣାରେ କେତେବେଳେ ଡାକ୍ତର ପରାମର୍ଶ କରିବେ ?

ଯଦି ବ୍ୟାୟାମ ପରେ ଯନ୍ତ୍ରଣା ଅଚାନକ୍ ତୀବ୍ର ବେଗରେ ବଢୁଥାଏ, ଆଉ କମୁ ନଥାଏ, ତେବେ ଏହାକୁ ହାଲ୍‌କାରେ ନିଅନ୍ତୁନି। ଯଦି ଯନ୍ତ୍ରଣା ସହ ଶରୀରର ସେହି ଅଙ୍ଗରେ ପ୍ରଦାହ, ଲାଲ ଦେଖାଯିବା, ଚଳପ୍ରଚଳରେ ଅବା ହଲିବାରେ ସମସ୍ୟା ଦେଖା ଦେଉଥାଏ, ତେବେ ସାବଧାନ ହୋଇପଡନ୍ତୁ। ଏହା ମାଂସପେଶୀ, ଗଣ୍ଠି ବା ଲିଗାମେଣ୍ଟରେ ଆଘାତ ଲାଗିବାର ସଙ୍କେତ ହୋଇପାରେ। ତେଣୁ ଡାକ୍ତରଙ୍କ ପରାମର୍ଶ ନେବା ଖୁବ୍ ଜରୁରୀ। ଅନେକ ସମୟରେ କିଛି ଲୋକ ଯନ୍ତ୍ରଣା ସତ୍ତ୍ୱେ ମଧ୍ୟ ବ୍ୟାୟାମ କରିଚାଲନ୍ତି। ଏପରି କରିବା ଦ୍ୱାରା ଆଘାତ ଅଧିକ ଗଭୀର ହୋଇଚାଲେ। ଉଦାହରଣ ଆପଣଙ୍କ କାନ୍ଧ, ଆଣ୍ଠୁ ବା ପିଠିରେ ଯନ୍ତ୍ରଣା ହେଉଛି ଏବଂ ଆରାମ କରିବା ସତ୍ତ୍ୱେ ତାହା କମିବା ପରିବର୍ତ୍ତେ ବଢିଚାଲିଛି। ତେବେ ଏହା 'ଓଭରୟୁଜ୍ ଇନ୍‌ଜୁରୀ' ବା ମାଂସପେଶୀ ଟାଣିଭିଡି ହେବାର ଲକ୍ଷଣ ହୋଇପାରେ। ଯଦି ଠିକ୍ ସମୟରେ ଏହାର ଚିକିତ୍ସା କରା ନଯାଏ, ତେବେ ଏହି ସମସ୍ୟା ଦୀର୍ଘଦିନ ଯାଏ ଚାଲିଥାଏ। କିଛି ଲକ୍ଷଣ ଏମିତି ହୋଇଥାଏ, ଯାହା ଶରୀର ଭିତରର ଗଡ଼ବଡ଼ ହେବାର ଲକ୍ଷଣ ହୋଇଥାଏ।

**ଶିରାପ୍ରଶିରାରେ ସମସ୍ୟାଃ** ଯଦି ଯନ୍ତ୍ରଣା ସହ ଶରୀର ନିସ୍ତେଜ ହୋଇ ପଡୁଥାଏ, ଝିମଝିମ୍ ଅନୁଭବ ହେବା, ଦୁର୍ବଳ ଅନୁଭବ ହେବା ଓ ଶକ୍ତି ନଥିବା ପରି ଲାଗିବା ଆଦି ସମସ୍ୟା ଶିରାପ୍ରଶିରାଜନିତ ସମସ୍ୟାର ଲକ୍ଷଣ।

**ସିରିୟସ୍ ମାଂସପେଶୀ ଆଘାତଃ** ଯଦି ମାଂସପେଶୀ ଯନ୍ତ୍ରଣା ସହ ଅତ୍ୟଧିକ ଜ୍ୱର, ଅଧିକ ଥକାପଣ ଅନୁଭବ ହେବା କିମ୍ବା ପରିସ୍ରାର ରଙ୍ଗ ଗାଢ ହେଉଥାଏ, ତେବେ ତୁରନ୍ତ ଡାକ୍ତର ପରାମର୍ଶ କରାଇ ନିଅନ୍ତୁ।



**ଯନ୍ତ୍ରଣାରୁ ମୁକ୍ତି ପାଇଁ ସହଜ ଉପାୟଃ** ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଉପଯୁକ୍ତ ନିୟମର ପାଳନ କରନ୍ତୁ। ବ୍ୟାୟାମ କରିବା ସମୟରେ ଆବଶ୍ୟକ କୌଶଳ ଅବଲମ୍ବନ କରନ୍ତୁ। ବ୍ୟାୟାମ କରିବା ସମୟରେ ତୀବ୍ରତା ଧୀରେ ଧୀରେ ବଢାନ୍ତୁ। ଓ୍ୱାର୍କଆଉଟ୍ କରିବା ପୂର୍ବରୁ ଓ୍ୱାର୍ମଅପ୍ ଓ ପରେ କୁଲ୍ ଡାଉନ୍ ନିଶ୍ଚୟ କରନ୍ତୁ। ଏହାବ୍ୟତୀତ ମାଂସପେଶୀକୁ ସୁସ୍ଥ କରିବା ପାଇଁ ଶରୀରକୁ ଆରାମ ଦେବା ସହ ସନ୍ତୁଳିତ ଖାଦ୍ୟ ସାଙ୍ଗକୁ ଆବଶ୍ୟକ ପାଣି ପିଅନ୍ତୁ।

# ଡୋପାମାଇନ୍ ଡିଟକ୍ସ

**ପ୍ରଫେସର ଡାକ୍ତର ସମ୍ରାଟ କର**





ତୁମେ ନିଶ୍ଚୟ ଲକ୍ଷ୍ୟ କରିଥିବ ଯେ ତୁମର ଦିନ ପୂର୍ବ ପରି ଆରମ୍ଭ ହୁଏ ନାହିଁ। ସକାଳୁ ଉଠିବା ମାତ୍ରେ ତୁମର ମୋବାଇଲ ଦେଖିବା ଆରମ୍ଭ କରିଥାଅ। ଖାଇବା ସମୟରେ ମଧ୍ୟ ମୋବାଇଲରେ ରିଲ ଦେଖିବା ସ୍କ୍ରୋଲ କରିବା ଜାରି ରଖିଥାନ୍ତି ଏବଂ ସଙ୍ଗୀତ ବିନା ଗାଧୋଇବା ଅସମ୍ଭବ। ମୋବାଇଲରେ ୟୁଟ୍ୟୁବ, ହ୍ୱାଟସଆପ ଏବଂ ଇନଷ୍ଟାଗ୍ରାମ ଦେଖିବା ମଧ୍ୟ ଏକ ଅଭ୍ୟାସରେ ପରିଣତ ହୋଇଛି। ଏହା ବ୍ୟତୀତ ଯେତେବେଳେ ତୁମେ ସୋସିଆଲ ମିଡ଼ିଆରେ କୌଣସି ପୋଷ୍ଟ ସେୟାର କର, ତୁମେ ଲୋକଙ୍କ ଲାଇକ ଏବଂ ମନ୍ତବ୍ୟ ଯାଞ୍ଚ କରିବା ପାଇଁ ଏହାକୁ ବାରମ୍ବାର ଖୋଲ। ତୁମେ ସାକାରାତ୍ମକ ମନ୍ତବ୍ୟ ଦେଖି ଖୁସି ହୁଅ କିନ୍ତୁ ନାକାରାତ୍ମକ ମନ୍ତବ୍ୟଗୁଡ଼ିକ ପାଇଁ ଦୁଃଖିତ ହୁଅ। ଏହା ସବୁ ଡୋପାମିନ ଯୋଗୁଁ ହୁଏ। ଯେତେବେଳେ ତୁମେ ସୋସିଆଲ ମିଡ଼ିଆରେ ମତାମତ ପାଅ ଏହି ସମାନ ଡୋପାମିନ ତୁମର ମସ୍ତିଷ୍କରେ ଛୋଟ ଛୋଟ ବିସ୍ଫୋରଣ ସୃଷ୍ଟି କରେ। ଯାହା ତୁମକୁ ଏକ କ୍ଷଣିକ ଖୁସିର ଅନୁଭବ ଦିଏ। ଏହି କ୍ଷଣିକ ଆନନ୍ଦ ପାଇଁ ଏହି ସବୁ ଡିଜାଇନ କରାଯାଇଛି। ଏହା ଆପଣଙ୍କ ମସ୍ତିଷ୍କ ଉପରେ ସିଧାସଳଖ ପ୍ରଭାବ ପକାଏ। ଆପଣ ନିରନ୍ତର ଉଚ୍ଚ ଡୋପାମାଇନ ଉତ୍ତେଜନାରେ ରୁହନ୍ତି। ଯେଉଁଠାରେ ଛୋଟ ଛୋଟ ଜିନିଷରୁ ମିଳୁଥିବା ଆନନ୍ଦ ମଳିନ ହୋଇଯାଏ। ଏହି କାରଣରୁ ଡୋପାମାଇନ ଡିଟକ୍ସ ନାମକ ଏକ ନୂତନ ଧାରଣା ଉଭା ହୋଇଛି। ଏହା ଏକ ନ୍ୟୁରୋଟ୍ରାନ୍ସମିଟର ଯାହା ମସ୍ତିଷ୍କ କୋଷଗୁଡ଼ିକୁ ବାର୍ତ୍ତା ପଠାଏ, ପ୍ରେରଣା, ଉତ୍ତେଜନା, କୌତୁହଳ ଏବଂ ପୁରସ୍କାରର ଭାବନା ସୃଷ୍ଟି କରେ। ଏହା ଜଣେ ବ୍ୟକ୍ତିଙ୍କୁ ସେମାନଙ୍କ କାମରେ ସନ୍ତୋଷ ଦିଏ ଏବଂ ସେମାନଙ୍କୁ କଠିନ ପରିଶ୍ରମ ଜାରି ରଖିବାକୁ ପ୍ରେରଣା ଦିଏ। କିନ୍ତୁ ସମସ୍ୟା ସେତେବେଳେ ଉପୁଜେ ଯେତେବେଳେ ଏହି ରାସାୟନିକ ପଦାର୍ଥ ବାରମ୍ବାର ଅନିଚ୍ଛାକୃତ ଭାବରେ କେବଳ ବାହ୍ୟ ଉଦ୍ଦୀପନାରୁ ମୁକ୍ତ ହୁଏ। ଏହା ଆପଣଙ୍କୁ କ୍ଷଣିକ ଆନନ୍ଦ ଦେଇପାରେ କିନ୍ତୁ ଏହା ଧୀରେ ଧୀରେ ଆପଣଙ୍କୁ ଜୀବନର ବଡ଼ ଲକ୍ଷ୍ୟ ଏବଂ ପ୍ରକୃତ ସମ୍ପର୍କରୁ ଦୂରେଇ ରଖିପାରେ। ଉଦାହରଣ ସ୍ୱରୂପ, ସୋସିଆଲ ମିଡ଼ିଆରେ ଲାଇକ ପାଇଲେ ଉତ୍ସାହିତ ହେବା, ଭିଡ଼ିଓ ଗେମ ଜିତିଲେ ଅତ୍ୟନ୍ତ ରୋମାଞ୍ଚ ଅନୁଭବ କରିବା, କିମ୍ବା ଜଙ୍କଫୁଡ଼ ଖାଇଲେ ତୁରନ୍ତ ତୃପ୍ତି ଅନୁଭବ କରିବା। ଏହି ଅଭ୍ୟାସଗୁଡ଼ିକ ଧୀରେ ଧୀରେ ମସ୍ତିଷ୍କକୁ ତୁରନ୍ତ ପୁରସ୍କାର ପାଇଁ ଆକର୍ଷିତ କରିଥାଏ। ଫଳସ୍ୱରୂପ, ପାଠପଢ଼ା, ସୃଜନଶୀଳ ପ୍ରକଳ୍ପ କିମ୍ବା ଶାରୀରିକ ବ୍ୟାୟାମ ଭଳି ଦୀର୍ଘ ଏବଂ ଧୈର୍ଯ୍ୟପୂର୍ଣ୍ଣ କାର୍ଯ୍ୟଗୁଡ଼ିକ କଷ୍ଟକର ଲାଗିପାରେ କାରଣ ସେଗୁଡ଼ିକ ଆପଣଙ୍କୁ ତୁରନ୍ତ ସନ୍ତୋଷ ପ୍ରଦାନ କରେ ନାହିଁ, ଏବଂ ଆପଣ ଦୀର୍ଘକାଳୀନ ଫଳାଫଳ ପାଇଁ ଅପେକ୍ଷା କରିବାର ଅଭ୍ୟାସ ହରାଇବେ। ନିଜ ଜୀବନଟିକୁ ଯୋଜନାବଦ୍ଧ ଭାବେ ଏକ ଭଲ ରୁଟିନ ପ୍ରସ୍ତୁତ କରି ତିଆରି କରନ୍ତୁ। ଦେଖିବେ ଆପଣଙ୍କ ପାଇଁ ପ୍ରତିଟି ମୁହୂର୍ତ୍ତ ଆନନ୍ଦମୟ ଓ ଉପଭୋଗ୍ୟ ହୋଇପାରିବ।


ମାନସିକ ରୋଗ ବିଶେଷଜ୍ଞ, 'ଦି'ବେନ ' ପୁରୀଘାଟ ରୋଡ଼, କଟକ, ମୋବାଇଲ୍‌ଃ ୯୪୩୭୧୬୩୪୦୬


# ସୁସ୍ଥ ଶରୀର ପାଇଁ ବେଶ୍ ଉପଯୋଗୀ ପିଆଜ

ଆମେ ନିତିଦିନିଆ ଜୀବନରେ ଅନେକ କିଛି ଜିନିଷ ଆମେ ବ୍ୟବହାର କରିଥାଉ। ଯାହା ଆମ ସୁସ୍ଥ ଶରୀର ପାଇଁ ବେଶ୍ ଉପଯୋଗୀ। ଏମିତିରେ ବି ଅନେକ ଲୋକ ଅନେକ କିଛି ଦୈନନ୍ଦିନ ଜୀବନରେ ବ୍ୟବହାର କରନ୍ତି। କିନ୍ତୁ ସେସବୁ ସମ୍ପର୍କରେ ଫାଇଦା ଜାଣି ନଥାନ୍ତି। ସେଥି ମଧ୍ୟରୁ କଞ୍ଚା ପିଆଜ ହେଉଛି ଅନ୍ୟତମ। ଆସନ୍ତୁ କଞ୍ଚା ପିଆଜର ଉପକାରିତା ସମ୍ପର୍କରେ ଜାଣିବା।

ରୋଷେଇରେ ସାଧାରଣତଃ ପିଆଜ ବ୍ୟବହାର କରିଥାଉ। କିନ୍ତୁ କଞ୍ଚା ପିଆଜ ଖାଇବାକୁ ଖୁବ୍ କମ୍ ଲୋକ ପସନ୍ଦ କରନ୍ତି। ସ୍ୱାଦ ପାଇଁ ସାଲାଡରେ କଞ୍ଚା ପିଆଜ ଖାଇଥାନ୍ତି। ଯାହା ଶରୀରରେ ଏକ ପ୍ରକାର ଔଷଧ ଭଳି କାମ କରିଥାଏ। ଏହା ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟି-ଷ୍ଟ୍ରେସ୍ ଏବଂ ଯନ୍ତ୍ରଣାରୁ ମୁକ୍ତି, ଆଣ୍ଟି-ଇନ୍‌ଫ୍ଲାମେଟୋରୀ, ଆଣ୍ଟି-ଡାଇବେଟିସ୍, ଷ୍ଟୋନ -ପ୍ରତିରୋଧକ ଏବଂ ଆଣ୍ଟି-ଆର୍ଥ୍ରିକ୍ ଅଟେ। ପିଆଜରେ ଆଣ୍ଟି-ଅକ୍ସିଡାଣ୍ଟ ଉପାଦାନ ଥାଏ ଯାହା ଶରୀରକୁ ଖରାରେ ଲଢ଼ିବା ପାଇଁ ଶକ୍ତି ଦେଇଥାଏ। ପିଆଜରୁ ପ୍ରଚୁର ମାତ୍ରାରେ ଭିଟାମିନ୍ ଏ, ବି ୬, ବି-କମ୍ପ୍ଲେକ୍ସ ଏବଂ ସି ମିଳିଥାଏ। ଏତିକି ନୁହେଁ ବରଂ କଞ୍ଚା ପିଆଜ କେଶ, ଯକୃତ ଏବଂ ଅନ୍ତନଳୀକୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ। ବାୟୋଆକ୍ଟିଭ ଗୁଣ ପିଆଜରେ ମିଳିଥାଏ ଯାହା ଶରୀରରେ କିଛି ଅଙ୍ଗର କାର୍ଯ୍ୟରେ ଉନ୍ନତି ଆଣେ ଏବଂ ସେଲ୍ସକୁ ପ୍ରୋତ୍ସାହିତ କରେ।



ପିଆଜରେ ଥିବା ସଲଫର ଏବଂ ଜିଙ୍କ ଅନେକ ସମସ୍ୟାକୁ ରୋକିବାରେ ସାହାଯ୍ୟ କରେ। ଆୟୁର୍ବେଦରେ ମଧ୍ୟ କଞ୍ଚା ପିଆଜକୁ ବହୁତ ବ୍ୟବହାର କରାଯାଏ। ଏହା ଆପଣଙ୍କ ଶରୀର ସହିତ ଚର୍ମ ଏବଂ କେଶ ପାଇଁ ବହୁତ ଲାଭଦାୟକ। ଏହାକୁ "ଗରିବଙ୍କ ଔଷଧ" ମଧ୍ୟ କୁହାଯାଏ, ଯାହା ସହଜରେ ମିଳିଥାଏ। ଶସ୍ତା ଏବଂ ସୁସ୍ଥ ହୋଇଥାଏ ପିଆଜ। ପିଆଜକୁ ବାତ ସମ୍ବନ୍ଧୀୟ ରୋଗରେ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହାର ନିୟମିତ ସେବନ ଭୋକ, ପାଚନ ଶକ୍ତି ବୃଦ୍ଧି କରେ। ତାଜା ପିଆଜ ରସ କାନ ଯନ୍ତ୍ରଣାରେ ଲାଭଦାୟକ, ଘିଅରେ ଭଜା ପିଆଜ କାଶ, ଆସ୍ଥମା ଏବଂ ଥଣ୍ଡାରେ ଲାଭଦାୟକ, ଏବଂ ତାଜା ପିଆଜ ରସ ନାକରୁ ରକ୍ତସ୍ରାବ ବନ୍ଦ କରିବାରେ ମଧ୍ୟ ସହାୟକ ହୋଇଥାଏ। ପିଆଜରେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ। ଏହା ସହିତ ହାର୍ଟ ଜନିତ ସମସ୍ୟା ପାଇଁ ଲାଭକାରୀ ହୋଇଥାଏ। କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ପିଆଜ କର୍କଟ ରୋଗର ବିପଦ କମ କରିବାରେ ମଧ୍ୟ ସହାୟକ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଶରୀରରେ ବ୍ଲଡ ସୁଗର ଲେଭଲକୁ ନିୟନ୍ତ୍ରଣ କରିବାରେ ପିଆଜ ସାହାଯ୍ୟ କରିଥାଏ। ଯାହା ବୈଜ୍ଞାନିକଙ୍କ ରିସର୍ଚ୍ଚରୁ ଜଣାପଡିଛି।

